

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-39 ♦SUNDAY ♦2 AUGUST 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୩୯ ♦ରବିବାର ♦୨ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ହିମସ୍ଖଳନରେ ଚାଲିଗଲା ୧୦ ପର୍ବତାରୋହୀଙ୍କ ଜୀବନ

### କିମ୍ବଦନ୍ତୀ ନିର୍ମଳ ପୁର୍ଜାଙ୍କ ଦେହାନ୍ତ



■ ଇସ୍ଲାମାବାଦ, ୧।୮ (ଏଜେନ୍ସି): ବିଶ୍ୱ ପର୍ବତାରୋହଣ ଜଗତକୁ ଶୋକାକୁଳ କରି ପାକିସ୍ତାନର ବ୍ରଡ୍ ପିକ୍ ପର୍ବତରେ ଘଟିଥିବା ଭୟଙ୍କର ହିମସ୍ଖଳନରେ ନେପାଳ ଜନ୍ମିତ କିମ୍ବଦନ୍ତୀ ପର୍ବତାରୋହୀ ନିର୍ମଳ 'ନିମ୍ସ' ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ୪୩ ବର୍ଷୀୟ ନିର୍ମଳ ପୁର୍ଜା ଓ ତାଙ୍କ ଦଳ ବ୍ରଡ୍ ପିକ୍‌ର ଶିଖର ଆରୋହଣ କରୁଥିବା ବେଳେ ଗୁରୁବାର ଦିନ ପ୍ରବଳ ହିମସ୍ଖଳନରେ ଫସିଯାଇଥିଲେ। ସେହିଦିନଠାରୁ ସେମାନେ ନିଖୋଜ ଥିଲେ। ଶନିବାର ପୁର୍ଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଅଭିଯାନ ସଂସ୍ଥା ପକ୍ଷରୁ ତାଙ୍କ ମୃତ୍ୟୁର ସରକାରୀ ସୂଚନା ଦିଆଯାଇଛି। ସମସ୍ତ ପର୍ବାତରୋହୀଙ୍କ ମୃତଦେହ ମିଳିଥିବାର ସୂଚନା ଦିଆଯାଇଛି। ▶ପୃଷ୍ଠା-୭

## କେରଳରେ ନିଆରା ବନ୍ଧନ
## ବର-କନ୍ୟା-ପୁରୋହିତ, ସମସ୍ତେ ଯାଆଁଳା



■ କୋଟ୍ଟାୟମ୍, ୧।୮ (ଏଜେନ୍ସି): କେରଳର ଚଙ୍ଗନାସେରୀ ମେଟ୍ରୋପୋଲିଟାନ୍ ଚର୍ଚ୍ଚରେ ଗୁରୁବାର ଏକ ଅତ୍ୟନ୍ତ ଅନନ୍ୟ ଏବଂ ରୋଚକ ବିବାହ ସମ୍ପନ୍ନ ହୋଇଯାଇଛି, ଯେଉଁଥିରେ ପ୍ରାୟ ସମସ୍ତ ମୁଖ୍ୟ ଭୂମିକାରେ ଜାଆଁଳା (ଟ୍ୱିନ୍ସ) ବ୍ୟକ୍ତିବିଶେଷ ନଜର ଆସିଛନ୍ତି। ଜାଆଁଳା ଭାଇ ଅଖିଲ ଓ ନିଖିଲ ଯଥାକ୍ରମେ ଜାଆଁଳା ଭଉଣୀ ମ୍ୟାଗି ଓ ମାରିଆଙ୍କୁ ବିବାହ କରିଛନ୍ତି। ଏହି ସ୍ୱତନ୍ତ୍ର ବିବାହ ଉତ୍ସବକୁ ଜାଆଁଳା ପୁରୋହିତ ଫାଦର ଆଣ୍ଟୋ ପେଜୁମକାଟ୍ଟିଲ୍ ଏବଂ ଫାଦର ଆଜୋ ପେଜୁମକାଟ୍ଟିଲ୍ ପରିଚାଳନା କରିଥିଲେ। ଏପରିକି ଚର୍ଚ୍ଚର ପୂଜାକାର୍ଯ୍ୟରେ ସହାୟତା କରୁଥିବା ଦୁଇ ବାଳକ ଜେରନ୍ ଏବଂ ଜୋହନ୍ ମଧ୍ୟ ଜାଆଁଳା ଭାଇ ଥିଲେ। ଛୋଟବେଳୁ ଜାଆଁଳା ପୁରୋହିତଙ୍କ ଦ୍ୱାରା ଏବଂ ଜାଆଁଳା ସାଥୀଙ୍କ ସହ ବିବାହ କରିବାର ଏକ ସ୍ୱପ୍ନ ରହିଥିଲା ବୋଲି କନ୍ୟା ମ୍ୟାଗି ଓ ମାରିଆ ପ୍ରକାଶ କରିଛନ୍ତି। ବିବାହ କରିଥିବା ଦୁଇ ଭାଇ ମର୍ଚାଣ୍ଟ ନେଭିରେ କାର୍ଯ୍ୟରତ ଥିବା ବେଳେ ଦୁଇ ଭଉଣୀ ଆଇଟି/ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।

# କମୁଛି ପାଣି; ବଢୁଛି ଦୁର୍ଦ୍ଦଶା

### ଏବେବି ପ୍ରଶାସନ ଭରସାରେ ତଳିଆ ଅଞ୍ଚଳର ବନ୍ୟାବିପନ୍ନ

### ପ୍ରଭାବିତ ଅଞ୍ଚଳରେ ୯୩% ବିଦ୍ୟୁତ୍ ସେବା ସ୍ୱାଭାବିକ

■ ଭୁବନେଶ୍ୱର, ୧।୮ (ସମିସ): ଉତ୍ତର ଓଡ଼ିଶାରେ ଦେଖାଦେଇଥିବା ବନ୍ୟାସ୍ଥିତିରେ ବ୍ୟାପକ ସୁଧାର ଆସିଥିବା ବେଳେ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ପ୍ରଭାବିତ ଅଞ୍ଚଳରୁ ପାଣି ଅନେକାଂଶରେ କମିବାରେ ଲାଗିଥିଲେ ହେଁ ଲୋକଙ୍କ ଦୁର୍ଦ୍ଦଶା କିନ୍ତୁ ହ୍ରାସ ପାଇନାହିଁ। ବନ୍ୟା ପାଣି ଛାଡୁଥିଲେ ହେଁ ଯାଜପୁର ଓ ଭଦ୍ରକ ଜିଲ୍ଲାର ଅନେକ ତଳିଆ ଅଞ୍ଚଳରେ ଲୋକେ ଏବେବି ଖାଦ୍ୟ ଓ ପାନୀୟ ପାଇଁ ପ୍ରଶାସନ ଉପରେ ନିର୍ଭରଶୀଳ ଅଛନ୍ତି। ସେମାନଙ୍କଠାରେ ଆବଶ୍ୟକୀୟ ସହାୟତା ନିରନ୍ତର ଭାବେ ଜାରି ରଖିବାକୁ ସାଧାରଣରେ ଦାବି ହେଉଛି।

ବନ୍ୟାରେ ଯାଜପୁର ଜିଲ୍ଲାରେ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା କାରଣରୁ ୭ରୁ ଅଧିକ ଘାଇ ସୃଷ୍ଟି ହୋଇଥିବା ବେଳେ ଏହାଦ୍ୱାରା ବାପକ କ୍ଷୟକ୍ଷତି ହୋଇଛି। ଅନେକ ତଳିଆ ପଞ୍ଚାୟତରେ ଏବେବି ପାଁ ଛେଡ଼ିନଥିବା ବେଳେ ଲୋକେ ଆଶ୍ରୟସ୍ଥଳେ ଆଶ୍ରୟ ନେଇଛନ୍ତି। ସେହିପରି ଭାବେ ଭଦ୍ରକ ଜିଲ୍ଲାରେ ବାସୁଦେବପୁର, ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକ ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ଗତ ୩ ଦିନ ତୁଳନାରେ ବନ୍ୟା ପାଣି ଅନେକ ମାତ୍ରାରେ ହ୍ରାସ ପାଇଛି। ତେବେ କେତେକ ଅଞ୍ଚଳରେ ଲୋକଙ୍କ ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚିପାରିନଥିବା ବେଳେ ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତନ ସ୍ତର କ୍ରମଶଃ ହ୍ରାସ ପାଇବା ସହ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଏପଟେ ମହାନଦୀରେ ମଧ୍ୟ ▶ପୃଷ୍ଠା-୭



## ହୀରାକୁଦର ୨୨ ଗେଟ୍ ଖୋଲା

### ଜଳସ୍ତର ୬୨୫ ଫୁଟ୍

■ ସମ୍ବଲପୁର, ୧।୮ (ସମିସ): ଦୁଇଦିନ ହେବ ହୀରାକୁଦ ଜଳସ୍ତର ୬୨୫ ଫୁଟ୍ ଉପରେ ରହିଛି। ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା କମିଥିଲେ ହେଁ, ହୀରାକୁଦ ଜଳଭଣ୍ଡାରକୁ ପ୍ରାୟ ୩ ଲକ୍ଷ କ୍ୟୁସେକ୍ ଜଳ ଏବେ ବି ପ୍ରବେଶ କରୁଥିବାବେଳେ ଜଳସ୍ତର ହ୍ରାସ ପାଉନାହିଁ। ବର୍ତ୍ତମାନ ୨୨ଟି ଗେଟ୍ ଦେଇ ହୀରାକୁଦରୁ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରବେଶ ଜଳ ଅପେକ୍ଷା ପ୍ରାୟ ୧ ଲକ୍ଷ କ୍ୟୁସେକ୍ ଅଧିକ ଜଳ ନିଷ୍କାସନ କରାଯାଉଥିବା ସୂଚନା ମିଳିଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୨୧ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୧୫ଟି ଏବଂ ଓ ଡାହାଣ ପାଶ୍ୱର୍ର ୭ଟି ଏହିଭଳି ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୮୪,୭୭୩ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୮୬,୪୨୧ କ୍ୟୁସେକ୍ ଜଳ ▶ପୃଷ୍ଠା-୭

## ଆସନ୍ତା ୬ ଆଡ଼କୁ ଆଉ ଏକ ଲଘୁଚାପ!

### ଆଜି ୬ ଜିଲ୍ଲାରେ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧।୮ (ସମିସ): ବନ୍ୟା ଦାଉରୁ ସାଧାରଣ ଲୋକେ ଏଯାବତ ମୁକୁଳିପାରି ନଥିବା ବେଳେ ଆଉ ଏକ ସମ୍ଭାବ୍ୟ ଲଘୁଚାପ ସାଧାରଣରେ ଛନକା ଭରିଛି। ବଙ୍ଗୋପସାଗରରେ ଆସନ୍ତା ୬ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଛି। ରାଜ୍ୟରେ ବର୍ତ୍ତମାନ ମୌସୁମୀ ସକ୍ରିୟ ଥିବାବେଳେ ଏହାର ପ୍ରଭାବରେ ଭଲ ବର୍ଷା ଲାଗି ରହିଛି। ଏପରିସ୍ଥଳେ ସମ୍ଭାବ୍ୟ ଲଘୁଚାପର ପ୍ରଭାବକୁ ନେଇ ଏବେ ସାଧାରଣରେ ସଂଶୟ ପ୍ରକାଶ ପାଇଲାଣି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା ଓ କୋରାପୁଟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏତ୍ ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ୩ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

## ବଢ଼ିଲା ଇ-୨୦ ତାତି
## ପିଏମ୍‌ଙ୍କ ବାସଭବନ ଘେରିବେ କେଜ୍ରିୱାଲ


### ଅନଶନ ଘୋଷଣା କରିଥିବା ତହସୀନ ପୁନାୱାଲା ଗୃହବନ୍ଦୀ

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ପ୍ରଶ୍ନପତ୍ର ଲିକ୍ ପରେ ଏବେ ଇ-୨୦ (୨୦% ଇଥାନଲ ମିଶ୍ରିତ) ପେଟ୍ରୋଲକୁ ନେଇ ତାତି ବଢ଼ିବାରେ ଲାଗିଛି। ଇ-୨୦ ସପକ୍ଷରେ କେନ୍ଦ୍ର ସରକାର ଯେତେ ଯୁକ୍ତି ଉପସ୍ଥାପନ କଲେ ମଧ୍ୟ ଏହା ଗାଡ଼ି ମାଲିକମାନଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ। ଅନ୍ୟପକ୍ଷରେ ଏହା ବିରୋଧରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଅନେକ ସଂଗଠନ ସରକାରୀ ନିଷ୍ପତ୍ତିର ପ୍ରତିବାଦ କରି ଆନ୍ଦୋଳନ ଚଳାଇଥିବା ବେଳେ ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗରେ କେଜ୍ରିୱାଲ ଆସନ୍ତା ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି କହିଛନ୍ତି।

ଏସଂପର୍କରେ ସୂଚନା ଦେଇ କେଜ୍ରିୱାଲ କହିଛନ୍ତି ଯେ ସାଧାରଣ ପେଟ୍ରୋଲ ଏବଂ ଇଥାନଲ ମିଶ୍ରିତ ପେଟ୍ରୋଲ ମଧ୍ୟରୁ ନିଜ ପସନ୍ଦର ଇନ୍ଧନ ବାଛିବା ପାଇଁ ଗ୍ରାହକଙ୍କୁ ବିକଳ୍ପ ଦିଆଯାଉ। ଆସନ୍ତା ଅଗଷ୍ଟ ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ପଦଯାତ୍ରା କରି ଜନସାଧାରଣଙ୍କ ସ୍ୱାକ୍ଷରିତ ସ୍ମାରକପତ୍ର ପ୍ରଦାନ କରିବେ। ସୋମବାର ମଧ୍ୟାହ୍ନରୁ ଦାବିପତ୍ର ସଂଗ୍ରହ ଆରମ୍ଭ କରି ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ଲୋକ କଲ୍ୟାଣ ମାର୍ଗ ଅଭିମୁଖେ ଯିବେ। ସେ କହିଛନ୍ତି ଯେ, ଇଥାନଲ ମିଶ୍ରଣ ଯୋଗୁଁ ଗାଡ଼ି ମରାମତି ଏବଂ ପେଟ୍ରୋଲର ଖର୍ଚ୍ଚ ବୃଦ୍ଧି ପାଉଛି। ଏହା କେବଳ ଗ୍ରାହକ ନୁହନ୍ତି, ବରଂ ଜଳ ଓ ମୃତ୍ତିକା ପ୍ରଦୂଷଣ ଯୋଗୁଁ କୃଷକମାନଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁଁ ନାଗରିକଙ୍କ ଉପରେ ଜୋରଜବରଦସ୍ତ ଇ-୨୦ ଲଦି ଦିଆଯାଉଛି ଏବଂ ଏହାଦ୍ୱାରା ଇଥାନଲ ଆମଦାନୀ ବହୁଗୁଣିତ ହେବ ବୋଲି ସେ ଅଭିଯୋଗ କରିଛନ୍ତି। ଇ-୨୦ ପେଟ୍ରୋଲର ଦାମ ହ୍ରାସ କରିବା ସହ ଏହାର ସୁରକ୍ଷା ସମ୍ବନ୍ଧୀୟ ଗବେଷଣା ରିପୋର୍ଟ ସାର୍ବଜନୀନ କରିବାକୁ ସେ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

ଇ-୨୦ ପେଟ୍ରୋଲ ନୀତି ବିରୋଧରେ ପ୍ରତିବାଦ ପଦଯାତ୍ରା ଏବଂ ଅନଶନ କରିବାକୁ ଘୋଷଣା କରିଥିବା ସାମାଜିକ କର୍ମୀ ତହସୀନ ପୁନାୱାଲାଙ୍କୁ ଦିଲ୍ଲୀ ପୋଲିସ ଗୃହବନ୍ଦୀ କରିଛି। ଏନେଇ ▶ପୃଷ୍ଠା-୭

## ଆକାଶମାର୍ଗରୁ ବନ୍ୟା ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ





### ୮ ଲକ୍ଷ ପ୍ରଭାବିତ, ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ଥିତି ସୁଧୁରିବାର ସମ୍ଭାବନା

### ପାଣି ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ନିର୍ଦ୍ଦେଶ

### ରିପୋର୍ଟ ଭିତ୍ତିରେ ତୁରନ୍ତ ସହାୟତା ପ୍ୟାକେଜ ପ୍ରଦାନ କରାଯିବ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉପରୋକ୍ତ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ଚଳିତ ବନ୍ୟାରେ ରାଜ୍ୟର ୧୦ ଜିଲ୍ଲାର ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପରିସ୍ଥିତି ଧୀରେଧୀରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି। ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ▶ପୃଷ୍ଠା-୭

## କମିଲା ବାଣିଜ୍ୟିକ ଗ୍ୟାସ୍ ଦର

### ସିଲିଣ୍ଡର ପିଛା ୧୯୨ ଟଙ୍କା ହ୍ରାସ

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ହୋଟେଲ ଏବଂ ରେସ୍ତୋରାଁ ଭଳି ପ୍ରତିଷ୍ଠାନରେ ବ୍ୟବହୃତ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ଶନିବାର ବୃହତ୍ ହ୍ରାସ ଘଟିଛି। ଏହି ଅନୁଯାୟୀ,୧୯ କିଲୋଗ୍ରାମ ସିଲିଣ୍ଡର ମୂଲ୍ୟରେ ୧୯୨ ଟଙ୍କା ହ୍ରାସ ହୋଇଛି। ଫଳରେ ଦିଲ୍ଲୀରେ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୨୭୩୮ ଟଙ୍କା ଓ କଲକାତାରେ ୨୮୭୨.୫୦ ଟଙ୍କାକୁ ଖସିଆସିଛି। ଅପରପକ୍ଷେ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ଲିଟର ପିଛା ୫ ଟଙ୍କା ବୃଦ୍ଧି କରାଯାଇଛି। ଆନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ପରେ ଏହି ପରିବର୍ତ୍ତନ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ସିଲିଣ୍ଡର ପିଛା ୨୦୬ ଟଙ୍କା ୫୦ ପଇସା ହ୍ରାସ ଘଟି ଏହା ୨୯୨୮ ଟଙ୍କାକୁ ଖସିଆସିଛି। ତେବେ ବଜାରରେ ରନ୍ଧନ ଗ୍ୟାସ୍ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପୂର୍ବରୁ ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୨୯୩୦ ଟଙ୍କା ରହିଥିଲା। ହେଲେ ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୧୧୦ ଟଙ୍କାରୁ ୧୧୫ ଟଙ୍କାକୁ ବୃଦ୍ଧି ପାଇଛି। ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ଏହା ଲଗାତାର ଦ୍ୱିତୀୟ ମାସିକ ହ୍ରାସ। ପୂର୍ବ ଜୁଲାଇ ପହିଲାରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୮୩ ଟଙ୍କା ହ୍ରାସ କରାଯାଇଥିଲା। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଜୁନରେ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ପରେ ଜୁଲାଇ ୧ ଏବଂ ଅଗଷ୍ଟ ୧ରେ ଉଭୟର ମୂଲ୍ୟରେ ହ୍ରାସ କରାଯାଇଛି।




## ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର


■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାଧାରଣ ପରୀକ୍ଷାରେ ଦୁର୍ନୀତି, ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ରୋକିବା ପାଇଁ ସଂସଦରେ ଗୃହୀତ ହୋଇଥିବା କଠୋର ଆଇନ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି। 'ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬'କୁ ରାଷ୍ଟ୍ରପତିଙ୍କ ଅନୁମତି ମିଳିବା ପରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଶୁକ୍ରବାର ଏହି ସମ୍ବନ୍ଧୀୟ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛି। ଏହାସହିତ ଏହା ଆଇନରେ ପରିଣତି ହୋଇଛି। ଏହି ସଂଶୋଧିତ ଆଇନ ଅଧୀନରେ ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ସହ ଅପରାଧୀଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ଲିକ୍ କିମ୍ବା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କୁ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ସେହିପରି ସଂଗଠିତ ଭାବେ ଏହି ଅପରାଧ କରୁଥିବା ଗ୍ୟାଙ୍ଗ୍ କିମ୍ବା ମାଫିଆଙ୍କ ପାଇଁ ସର୍ବନିମ୍ନ ୭ ବର୍ଷ ଜେଲ୍ ଏବଂ କମ୍‌ରେ ୧୦ କୋଟି ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି। ସଂସଦର ଉଭୟ ଗୃହରେ ବିଲ୍ ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, କୌଣସି ପେପର-ଲିକ୍ ମାଫିଆ ଯେପରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିପାରିବେ ନାହିଁ, ସେଥିପାଇଁ ସରକାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଆଇନଗତ ବ୍ୟବସ୍ଥା କଡ଼ାକଡ଼ି କରୁଛନ୍ତି।

ସୂଚନାଯୋଗ୍ୟ ଯେ ନିଟ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ଯନ୍ତର ମନ୍ତରରେ ଆନ୍ଦୋଳନ କରାଯିବା ପରେ ସେମାନଙ୍କ ଦାବିକୁ ଗ୍ରହଣ କରି ସରକାର ଆଇନରେ ସଂଶୋଧନ କରି ନୂଆ ବିଲ୍ ସଂସଦରେ ଆଗତ କରିଥିଲେ।

## ପୋଖରୀକୁ ବାଇକ୍ ଖସି ୩ ମୃତ

■ ବାରିପଦା/କୁଆମରା, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁଆମରା ଗ୍ରାମର ସହଦେବ ସିଂ, ଶକ୍ତି ସିଂ ଓ ରଘୁ ସିଂ। କୁଆମରା ହାଟ ସାରି ସମସ୍ତେ ଏକ କେଟିଏମ୍ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ନିଶାସକ୍ତ ଅବସ୍ଥାରେ ବେପରୁଆ ଚାଳନା ଓ ଦ୍ରୁତ ଗତି ପାଇଁ ଗାଁ ପୋଷ୍ଟ ଅଫିସ ନିକଟ କଲଭର୍ଟରେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ରାସ୍ତା ପାଶ୍ୱର୍ ପାଚେରିରେ ପିଟି ହୋଇ ପାଖ ▶ପୃଷ୍ଠା-୭

## କୂଳଲଙ୍ଘିଲା ସମୁଦ୍ର
## ଲୀନହେଲା ରାସ୍ତା, ମନ୍ଦିର



■ ଛତ୍ରପୁର, ୧।୮ (ସମିସ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ସମୁଦ୍ରକୂଳ ଅବକ୍ଷୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏବେ ଆର୍ଯ୍ୟପଲ୍ଲୀ ଗ୍ରାମକୁ ସଂଲଗ୍ନ ହୋଇଥିବା ରାସ୍ତା ଓ ଗଙ୍ଗାଦେବୀ ମନ୍ଦିରଟି ଏବେ ସମୁଦ୍ର କୂଳ ମଧ୍ୟରେ ଲୀନ ହେବା ପରେ ଅଞ୍ଚଳବାସୀଙ୍କ ଭୟ ଦ୍ୱିଗୁଣିତ ହୋଇଯାଇଛି। ସ୍ଥାୟୀ ପ୍ରତିକାର ନିମନ୍ତେ ବିଭିନ୍ନ ଫୋରମରେ କହି ଆସୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁନି। ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳଲଙ୍ଘି ଗ୍ରାମ ▶ପୃଷ୍ଠା-୭


ADMISSION OPEN

MBA | MCA | M.Sc. (Physics) | M.Sc. (Chemistry) | M.Sc. (Biotech)

MSW | M.Com. (F&C) | M.Com. (Traditional) | M.Sc. (Comp.Sc.) | MPMIR

NIIS GROUP OF INSTITUTIONS
Sarada Vihar, Madanpur, Bhubaneswar-752054
(Recognised by Govt. of Odisha & Affiliated to Utkal University)
Contact: 9778899990 / 9778899991 / 9040004375
Email: contactus@niisgroup.org | Website: www.niisgroup.org

# କୁଲଗାମ୍‌ରେ ୨ ପ୍ରବାସୀ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା

କୁଲଗାମ, ୧।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର କୁଲଗାମ୍ ଜିଲ୍ଲାରେ ପୁଣି ଏକ ବର୍ବର ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଦକ୍ଷିଣ କାଶ୍ମୀରର କେଲାମ୍ ସ୍ଥିତ ଏକ ଇଟା ଭାଟିରେ କାର୍ଯ୍ୟରତ ଛତିଶଗଡ଼ର ଦୁଇ ଜଣ ପ୍ରବାସୀ ଶ୍ରମିକଙ୍କୁ ଆତଙ୍କବାଦୀମାନେ ନିର୍ମମ ଭାବେ ଗୁଳି କରି ହତ୍ୟା କରିଛନ୍ତି। ମୃତ ଶ୍ରମିକ ଦ୍ୱୟ ହେଲେ ୨୪ ବର୍ଷୀୟ ଦୀପକ ରଥ୍‌ରେ ଏବଂ ୨୮ ବର୍ଷୀୟ ଭୋପେନ୍ଦ୍ର, ଯେଉଁମାନେ ଛତିଶଗଡ଼ର ଅଧିବାସୀ ଥିଲେ। ଗୁଳିମାଡ଼ ପରେ ଦୀପକଙ୍କର ମେଡିକାଲ ନିଆଯିବା ବାଟରେ ମୃତ୍ୟୁ ଘଟିଥିବା ବେଳେ ଭୋପେନ୍ଦ୍ର ଚିକିତ୍ସାଧୀନ ଅବସ୍ଥାରେ ସୌରା ସ୍ଥିତ ମେଡିକାଲରେ ଆଖି ବୁଜିଛନ୍ତି। ଘଟଣା ପରେ ସୁରକ୍ଷା ବଳ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରି ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଆତଙ୍କବାଦୀମାନେ ଆଖପାଖ ଅଞ୍ଚଳରେ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଇଟା ଭାଟିରେ ଲଗାଯାଇଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରୁ ଏହି ଆକ୍ରମଣରେ ଜଣେ ସ୍ଥାନୀୟ ଏବଂ ଜଣେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିବା ସନ୍ଦେହ କରାଯାଉଛି।

## କିଭ୍‌ରେ ରୁଷ ଆକ୍ରମଣ; ୯ ମୃତ

କିଭ୍, ୧।୮ (ଏଜେନ୍ସି): ରୁଷ ପକ୍ଷରୁ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଶନିବାର ରାତିସାରା ଭୟଙ୍କର ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ମାଡ଼ରେ ଅତିକମ୍‌ରେ ୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣ ଯୋଗୁଁ ଅନେକ ଆବାସିକ ଓ ବ୍ୟବସାୟିକ ଅଟ୍ଟାଳିକାରେ ନିଆଁ ଲାଗିଯିବା ସହ ବ୍ୟାପକ କ୍ଷତିଘଟିଛି। ମିସାଇଲ୍ ଆକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପାଶ୍ଚାତ୍ୟ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ, ଅଧିକ 'ପାଟ୍ରିଅଟ୍' ଆଣ୍ଟି-ବାଲିଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ ଯୋଗାଇଦେବାକୁ ପୁନର୍ବାର ନିବେଦନ କରିଛନ୍ତି। ରୁଷର ବାଲିଷ୍ଟିକ୍ ମିସାଇଲ୍‌କୁ ଆକାଶମାର୍ଗରୁ ଖସାଇବା ପାଇଁ ଏହି ସୁରକ୍ଷା ପ୍ରଣାଳୀ ଅତ୍ୟାବଶ୍ୟକ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। କିଭ୍‌ର ସୋଲୋମିଆନ୍‌ସ୍କି ଏବଂ ଦାର୍ନିତସ୍କି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଅନେକ ନାଗରିକ ନିଜର ଘରଦ୍ୱାର ହରାଇଛନ୍ତି। ଉଦ୍ଧାରକାରୀ ଦଳ ନିଆଁକୁ ଆୟତ୍ତ କରିବା ସହ ଅଗ୍ନିକାଣ୍ଡ ଓ ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିଛନ୍ତି।

## ରେଲବାଇର ୫ ଜଣ ଗ୍ରୁପ୍ ଏ' ଅଧିକାରୀଙ୍କୁ ଆଗୁଆ ଅବସର

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତୀୟ ରେଲବାଇରେ ଦୁର୍ନୀତି, ସଚ୍ଚୋଟତା ଓ କାର୍ଯ୍ୟ ଦକ୍ଷତାର ଅଭାବ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହିକ୍ରମରେ ରେଳ ମନ୍ତ୍ରଣାଳୟ ପାଞ୍ଚ ଜଣ ପ୍ରଥମ ଶ୍ରେଣୀର ବରିଷ୍ଠ ଅଧିକାରୀଙ୍କୁ ଜନସ୍ୱାର୍ଥରେ ଅକାଳ ଅବସର ଦେବାକୁ ସୁପାରିସ କରିଛି। ରେଳ ବୋର୍ଡର ସମୀକ୍ଷା କମିଟି ଭାରତୀୟ ରେଳ ପ୍ରତିଷ୍ଠାନ ସଂହିତାର ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ ଏହି ସୁପାରିସ କରିଛି। ଅକାଳ ଅବସର ପାଇଁ ସୁପାରିସ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା, ଉତ୍ତର ରେଳର ଜଣେ ଭାରତୀୟ ରେଳ ସିଭିଲ୍ ଇଞ୍ଜିନିୟରିଂ ସେବା ଅଧିକାରୀ, ଉତ୍ତର ରେଳର ଜଣେ ଭାରତୀୟ ରେଳ ବିଦ୍ୟୁତ ଇଞ୍ଜିନିୟରିଂ ସେବା ଅଧିକାରୀ ଏବଂ ପଶ୍ଚିମ ରେଳର ଜଣେ ଭାରତୀୟ ରେଳ ଯାତାୟାତ ସେବା ଅଧିକାରୀ ଅଛନ୍ତି। ସମୀକ୍ଷା କମିଟି ଅଧିକାରୀମାନଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ, ସତତା ସମ୍ବନ୍ଧୀୟ ଅଭିଲେଖ, ସତର୍କତା ରିପୋର୍ଟ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ସେବା ଅଭିଲେଖକୁ ବିସ୍ତୃତ ଭାବେ ଯାଞ୍ଚ କରିବା ପରେ ସର୍ବସମ୍ମତିକ୍ରମେ ଏହି ସୁପାରିସ କରିଛି। ରେଳ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଦୁର୍ନୀତି, ସତତାର ଅଭାବ ଓ ଅଦକ୍ଷତା ପ୍ରତି ଶୂନ୍ୟ ସହନଶୀଳତା ନୀତି ଜାରି ରହିବ।

## ଝାଡ଼ଖଣ୍ଡରେ ଯନ୍ତରମନ୍ତର ସ୍ଥିତି ପରୀକ୍ଷା ଲିକ୍‌କୁ ନେଇ ଛାତ୍ର ଆନ୍ଦୋଳନ


ରାଞ୍ଚି, ୧।୮ (ଏଜେନ୍ସି): ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଏବଂ ନିଯୁକ୍ତି ଦୁର୍ନୀତି ବିରୋଧରେ ରାଜଧାନୀ ରାଞ୍ଚିରେ ଗତ ଜୁଲାଇ ୨୫ ତାରିଖରୁ ଶହ ଶହ ଯୁବକ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଆନ୍ଦୋଳନ ଚଳାଇଛନ୍ତି। ଦିଲ୍ଲୀର ଯନ୍ତରମନ୍ତର ଭଳି ଏବେ ରାଞ୍ଚିରେ ମଧ୍ୟ ବିଶାଳ ଗଣ-ପ୍ରତିବାଦ ଦେଖିବାକୁ ମିଳିଛି। ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି ଯେ, ସରକାରୀ ନିଯୁକ୍ତି ପରୀକ୍ଷାଗୁଡ଼ିକରେ କ୍ରମାଗତ ଭାବେ ଅନିୟମିତତା ଦେଖାଯାଉଛି, ଯାହାଫଳରେ ବର୍ଷ ବର୍ଷ ଧରି ପରିଶ୍ରମ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ନିରାଶ ହେଉଛନ୍ତି। ବିଭିନ୍ନ ଜିଲ୍ଲାରୁ ନିଜସ୍ୱ ଖର୍ଚ୍ଚରେ ବସ୍ ଓ ଟ୍ରେନ୍ ଯୋଗେ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁଲିସ ସହର ବାହାରେ ଅଟକାଉଥିଲେ ମଧ୍ୟ ପ୍ରତିବାଦକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।

# କେରଳ, କାଶ୍ମୀରରେ ବର୍ଷାର ତାଣ୍ଡବ
## ଭୂସ୍ଖଳନ, ବନ୍ୟାରେ ୫ ମୃତ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଶନିବାର ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ବର୍ଷା ପ୍ରଳୟ ରୂପ ଧାରଣ କରିଛି। କେରଳରେ ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟା ଯୋଗୁଁ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜମ୍ମୁ-କାଶ୍ମୀରର କିଶ୍ୱାଡ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି କିଶ୍ୱାଡ, ଦୋଡା ଏବଂ ରାମବନ୍ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ବନ୍ଦ ଘୋଷଣା କରାଯାଇଛି। କେରଳର ଇଡୁକ୍କି ଓ କୋଟାୟମ୍ ଜିଲ୍ଲାରେ ଭିନ୍ନ ଭିନ୍ନ ଭୂସ୍ଖଳନ ଘଟଣାରେ ୪ ଜଣଙ୍କର ଜୀବନ ଯାଇଛି। ପ୍ରବଳ ବର୍ଷା ଯୋଗୁଁ ମଲପ୍ପୁରମରେ ଜଳାଶୟରେ ଖସିପଡ଼ି ଜଣେ ୪ ବର୍ଷର ଶିଶୁର ମଧ୍ୟ ମୃତ୍ୟୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କେରଳର ୮ଟି ଜିଲ୍ଲା (ପଥନମଥିଟ୍ଟା, କୋଟାୟମ୍, ଇଡୁକ୍କି, ମଲପ୍ପୁରମ୍, କୋଝିକୋଡ୍, ୱାୟନାଡ, କାନ୍ନୁର ଏବଂ କାସରଗୋଡ୍) ପାଇଁ 'ରେଡ୍ ଆଲର୍ଟ' ଜାରି କରିଛି। ଏନ୍‌ଡିଆରଏଫ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନ ଓ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଉଛି। ଜମ୍ମୁ-କାଶ୍ମୀରର କିଶ୍ୱାଡ ଜିଲ୍ଲା ଛାତ୍ରୁ ଅଞ୍ଚଳରେ ରାତି ପ୍ରାୟ ୨.୩୦ ମିନିଟ୍‌ରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ଆସିଛି। ଏଥିଯୋଗୁଁ ଦୋକାନ, ବଜାର ଓ ଘରଦ୍ୱାର ଜଳମଗ୍ନ ହେବା ସହ କିଶ୍ୱାଡ-ଛାତ୍ରୁ-ସିନ୍ଥନ୍ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି। କୌଣସି ଧନଜୀବନ ହାନିର ଖବର ମିଳିନାହିଁ। ସ୍କୁଲଗୁଡ଼ିକୁ ବନ୍ଦ ରଖି ଅନଲାଇନ୍ କ୍ଲାସ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟାରେ ବନ୍ୟା ଯୋଗୁଁ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି, ଯାହାଫଳରେ ମୋଟ ମୃତ୍ୟୁ ସଂଖ୍ୟା ୮୨ରେ ପହଞ୍ଚିଛି।

# ଇରାନ ଉପରେ ପୁଣି ବୋମାବର୍ଷଣ କରିବ ଆମେରିକା



ୱାସିଂଟନ, ୧।୮ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଆହୁରି ଭୟାନକ ରୂପ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ କଠୋର ଆକ୍ରମଣ କରିବା ପାଇଁ ସେନାକୁ ସଙ୍କେତ ଦେଇଛନ୍ତି। ଚଳିତ ସପ୍ତାହାନ୍ତରେ ଆମେରିକା ସେନା ଇରାନ ଉପରେ ଏକ ବଡ଼ ଧରଣର ବୋମାବର୍ଷଣ କରିପାରେ ବୋଲି ଆଶଙ୍କା କରାଯାଉଛି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁସାରେ, ଇରାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଟ୍ରମ୍ପ ସେନାକୁ ଏହି ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେରିଲ୍ୟାଣ୍ଡସ୍ଥିତ କ୍ୟାମ୍ପ ଡେଭିଡ୍ ଆବାସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଟ୍ରମ୍ପ କହିଛନ୍ତି, 'ଆମେ ସେମାନଙ୍କ ଉପରେ ବହୁତ ଶକ୍ତ ଆକ୍ରମଣ କରିବୁ, ଯାହାଫଳରେ ସେମାନେ ଆଉ ସହ୍ୟ କରିପାରିବେ ନାହିଁ।' ଏହା ସହିତ ସେ କହିଛନ୍ତି ଯେ ଇରାନର ମିଛ ଓ ଭ୍ରମାତ୍ମକ ବକ୍ତବ୍ୟ ଯୋଗୁଁ ସେ ସେମାନଙ୍କ ଉପରୁ ବିଶ୍ୱାସ ହରାଉଛନ୍ତି। ସିବିଏସ୍ ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଇରାନର ଶକ୍ତି ଭିତ୍ତିଭୂମି ଏବଂ ତୈଳ ବିଶୋଧନାଗାରଗୁଡ଼ିକୁ ଲକ୍ଷ୍ୟ କରି ଏପର୍ଯ୍ୟନ୍ତର ସବୁଠାରୁ କଠୋର ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। ସୋମବାର ଆନ୍ତର୍ଜାତୀୟ ଆର୍ଥିକ ବଜାର ଖୋଲିବା ପୂର୍ବରୁ ଏହି ସାମରିକ ଆକ୍ରମଣ ଶେଷ କରିବାକୁ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି, ଯେପରି ବିଶ୍ୱ ଏବଂ ଆମେରିକା ଅର୍ଥନୀତି ଉପରେ ଏହାର କମ୍ ପ୍ରଭାବ ପଡ଼ିବ। ଟ୍ରମ୍ପ ଏପର୍ଯ୍ୟନ୍ତ ଏହି ଆକ୍ରମଣ ପାଇଁ ଚୂଡ଼ାନ୍ତ ଆଦେଶ ଦେଇନାହାନ୍ତି। ତେବେ ଆମେରିକା ପେଣ୍ଟାଗନ୍ ସ୍ପଷ୍ଟ କରିଛି ଯେ ସେମାନଙ୍କ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଚଳିତ ବର୍ଷ ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା। ଗତମାସରେ ଅସ୍ଥାୟୀ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ପାଲଟା ଆକ୍ରମଣ ଜାରି ରହିଥିଲା। ଏହାର ଜବାବରେ ଇରାନ ହୋରମୁଜ ପ୍ରଣାଳୀକୁ ବନ୍ଦ କରିଦେଇଥିଲା, ଯାହାଫଳରେ ଅପରିଷ୍କୃତ ତୈଳ, ପ୍ରାକୃତିକ ଗ୍ୟାସ ଏବଂ ସାର ପରିବହନ ବାଧାପ୍ରାପ୍ତ ହୋଇଛି। ଇରାନର ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣ ଯୋଗୁଁ ଗଲ୍ ଦେଶଗୁଡ଼ିକରେ ବ୍ୟାପକ ଆର୍ଥିକ ପ୍ରଭାବ ପଡ଼ିଛି। ଚଳିତ ସପ୍ତାହରେ ମିଶରର ଦାମିଏଟା ବନ୍ଦରରେ ଦୁଇଟି ଗ୍ୟାସ ବାହୀ ଜାହାଜ ଉପରେ ଆକ୍ରମଣ ପରେ ସ୍ଥିତି ଆହୁରି ସଙ୍ଗୀନ ହୋଇଛି।

**ଇରାନ ଉପରେ ଟ୍ରମ୍ପ କ୍ଷୁବ୍ଧ**

# ରାହୁଲ, ପପ୍ପୁ ଯାଦବଙ୍କ ବିରୋଧରେ ପୁଲିସ ମାମଲା



ବାରଣାସୀ, ୧।୮ (ଏଜେନ୍ସି): ସଂସଦ ପରିସରରେ ବିରୋଧ ପ୍ରଦର୍ଶନ ସମୟରେ ସନାତନ ଧର୍ମକୁ ଅପମାନିତ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ୨ ସାଂସଦଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଛି। ଉତ୍ତରପ୍ରଦେଶର ବାରଣାସୀର କୋତୱାଲୀ ପୁଲିସ ଷ୍ଟେସନରେ କିଛି ସାଧୁସନ୍ଥଙ୍କ ଅଭିଯୋଗ ଆଧାରରେ ଏହି ମାମଲା ଦାୟର କରାଯାଇଛି। ଏଥିରେ ରାହୁଲ ଗାନ୍ଧୀଙ୍କ ସମେତ ସ୍ୱାଧୀନ ସାଂସଦ ରାଜେଶ ରଞ୍ଜନ ଓରଫ ପପୁ ଯାଦବ ଏବଂ ସମାଜବାଦୀ ପାର୍ଟି ସାଂସଦ ଅୱଧେଶ ପ୍ରସାଦଙ୍କ ନାମ ରହିଛି। ସୂଚନାଯୋଗ୍ୟ, ରାମ ମନ୍ଦିର ଦାନ ଅର୍ଥରେ ହେରଫେର ଅଭିଯୋଗରେ ବିରୋଧୀ ଦଳର ନେତାମାନେ ସଂସଦ ପରିସରରେ ଗତକାଲି ଅଭିନବ ନାଟକୀୟ ପ୍ରଦର୍ଶନ କରିଥିଲେ। ଏଥିରେ ସଂସଦର ମକର ଦ୍ୱାର ସମ୍ମୁଖରେ ଦାନ ବାକ୍ସ ରଖାଯାଇଥିଲା। ବାକ୍ସରେ ରାହୁଲଙ୍କ ସମେତ ଅନ୍ୟ ସାଂସଦମାନେ ଟଙ୍କା ପକାଉଥିବା ଅଭିନୟ କରିଥିଲେ ଏବଂ ଗେରୁଆ ବସ୍ତ୍ର ପିନ୍ଧିଥିବା ପପୁ ଯାଦବ ସେହି ଟଙ୍କାକୁ ଦାନ ବାକ୍ସ ନିକଟରୁ ଟାଣି ନେଇ ନିଜ ପକେଟରେ ପୁରାଉଥିବା ଦେଖାଯାଇଥିଲା। ଏହି ସମୟରେ ନିକଟରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଭାଦ୍ରା, ସମାଜବାଦୀ ଦଳର ନେତା ଅୱଧେଶ ପ୍ରସାଦ ଏବଂ ଧର୍ମେନ୍ଦ୍ର ଯାଦବ ଓ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ମହୁଆ ମାଜି ପ୍ରମୁଖ ଠିଆ ହୋଇଥିଲେ। ତେବେ ଏହି ନାଟକୀୟ ପ୍ରତିବାଦକୁ ସାଧୁସନ୍ଥମାନେ ସହଜରେ ଗ୍ରହଣ କରିନାହାନ୍ତି। ଏହି ପ୍ରଦର୍ଶନ ଜରିଆରେ ସନାତନ ଧର୍ମ ଏବଂ ଧାର୍ମିକ ପରମ୍ପରାକୁ ଅସମ୍ମାନ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପପୁ ଯାଦବ ଗୃହରେ ପ୍ରଭୁ ରାମ ଏବଂ ସନାତନ ଧର୍ମକୁ ଯେଉଁଭଳି ଭାବରେ ଅପମାନ କରିଛନ୍ତି ତାହା ଅକ୍ଷମଣୀୟ ବୋଲି ଜଗତଗୁରୁ ବାଳକ ଦାସ କହିଛନ୍ତି। ଏହି ଘଟଣା ପରେ ସନାତନ ଧର୍ମକୁ ଅପମାନିତ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ କରିବା ଅଭିଯୋଗରେ ବାରଣାସୀରେ ମାମଲା ରୁଜୁ ହୋଇଛି।

## ବ୍ୟାଙ୍କ ଆକାଉଣ୍ଟ୍ ଫ୍ରିଜ୍ ବିରୋଧରେ ସୁପ୍ରିମ୍‌କୋର୍ଟ ଗଲା ଟିଏମ୍‌ସି

କୋଲକାତା, ୧।୮ (ଏଜେନ୍ସି): ଅର୍ଥ ହେରଫେର୍ (ମନି ଲଣ୍ଡରିଂ) ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ୩ଟି ବ୍ୟାଙ୍କ ଆକାଉଣ୍ଟ୍ ସ୍ଥଗିତ କିମ୍ବା ଫ୍ରିଜ୍ କରାଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି 'ତୃଣମୂଳ କଂଗ୍ରେସ' (ଟିଏମ୍‌ସି)। ଅଗଷ୍ଟ ୩ ତାରିଖରେ ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି ବରାଲେଙ୍କୁ ନେଇ ଗଠିତ ପୀଠରେ ଏହି ଆବେଦନର ଶୁଣାଣି ହେବ। ବିମାନ୍ ଏବଂ ହେଲିକପ୍ଟର କ୍ରୟ ସହ ଜଡ଼ିତ ଆର୍ଥିକ କାରବାରର ତଦନ୍ତ କରି ଇଡି ଏହି ପଦକ୍ଷେପ ନେଇଥିଲା। ଏହି ୩ଟି ଆକାଉଣ୍ଟ୍‌ରେ ପ୍ରାୟ ୪୪୦ କୋଟି ଟଙ୍କା ଗଚ୍ଛିତ ରହିଛି। ଅନୁସନ୍ଧାନ ବେଳେ ଗୋଟିଏ ଆକାଉଣ୍ଟ୍‌ରୁ ବେସରକାରୀ କମ୍ପାନୀକୁ ୧୩୩.୮୪ କୋଟି ଟଙ୍କା ହସ୍ତାନ୍ତର କରାଯାଇଥିବା ଇଡି ଅଭିଯୋଗ କରିଛି। ଏହାପୂର୍ବରୁ ଟିଏମ୍‌ସି କଲିକତା ହାଇକୋର୍ଟରେ ପହଞ୍ଚି ବ୍ୟାଙ୍କ ଆକାଉଣ୍ଟ୍ ବନ୍ଦ ଯୋଗୁଁ ଦଳୀୟ ସଂଗଠନ ଓ ଦୈନନ୍ଦିନ କାର୍ଯ୍ୟାବଳୀ ପ୍ରଭାବିତ ହେଉଥିବା ଦର୍ଶାଇ ଅନ୍ତରୀଣ ଆଶ୍ୱାସନା ମାଗିଥିଲା। ମାତ୍ର ହାଇକୋର୍ଟ ଅନ୍ତରୀଣ ରହସ୍ୟ କିମ୍ବା ରୋକ୍ ଲଗାଇବାକୁ ମନା କରିଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ଟିଏମ୍‌ସି ସୁପ୍ରିମ୍ କୋର୍ଟରେ ଏସ୍‌ଏଲ୍‌ପି (ସ୍ପେସିଆଲ ଲିଭ୍ ପିଟିସନ) ଦାଖଲ କରି ଆକାଉଣ୍ଟ ପରିଚାଳନା ପାଇଁ ଅନୁମତି ମାଗିଛି।

**୩ରେ ଶୁଣାଣି**

# ଯନ୍ତରମନ୍ତର ଗାଳିଗୁଲଜ ଘଟଣା: କ୍ଷମାକଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସ୍ୱର୍ଗତ ମା'ଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ପ୍ରୟୋଗ ଘଟଣାରେ ପ୍ରଧାନମନ୍ତ୍ରୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଏହି ସମ୍ପୃକ୍ତ ଯୁବପିଢ଼ିଙ୍କୁ କ୍ଷମା କରିଦେବାକୁ ଏବଂ ଆକ୍ରୋଶ ପରିବର୍ତ୍ତେ



ସେମାନଙ୍କୁ ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ଜାଲିଆତି ବିରୋଧରେ ଜନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ସମୟରେ ଜଣେ ୨୫ ବର୍ଷୀୟା ଯୁବତୀ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରିଥିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ଗାଳିଗୁଲଜ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ। ଭୁଲ୍ କରିବା ବୟସର ଏକ ସ୍ୱାଭାବିକ ପ୍ରକ୍ରିୟା, ତେଣୁ ସେମାନଙ୍କୁ କୋର୍ଟ-କଚେରୀକୁ ଟାଣିବା ବଦଳରେ ବୁଝାଇ ସୁଝାଇ ସଠିକ୍ ମାର୍ଗଦର୍ଶନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ନେଇ କ୍ଷମାପ୍ରାର୍ଥନା ପୂର୍ବକ ଦେଶ ଗଠନରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ, ଆନ୍ଦୋଳନକାରୀଙ୍କ ବିରୋଧରେ ଆଇନଗତ ଆକ୍ସନ୍ ନେବାକୁ ନେଇ ରାଜନୈତିକସ୍ତରରେ ତର୍କବିତର୍କ ଜାରି ରହିଛି।

ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆକ୍ଷେପମୂଳକ ଓ କଟୁ ଶବ୍ଦ ପ୍ରୟୋଗ କରି ଅଭିଯୁକ୍ତ ହୋଇଥିବା ଜଣେ ନାବାଳିକାଙ୍କ

**ନାବାଳିକାଙ୍କ କ୍ଷମାପ୍ରାର୍ଥନା; ଭିଡିଓ ଭାଇରାଲ୍**

କ୍ଷମାପ୍ରାର୍ଥନା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓରେ ସେ ହାତ ଯୋଡ଼ି କହିଛନ୍ତି, 'ମୁଁ କିଛି ଲୋକଙ୍କ କଥାରେ ଆସି ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବହୁତ ଖରାପ ଭାଷା ପ୍ରୟୋଗ କରିଥିଲି। ମୋତେ ମାତ୍ର ୧୫ ବର୍ଷ ହୋଇଛି, ଏହା ମୋର ପ୍ରଥମ ଓ ଶେଷ ଭୁଲ୍। ମୁଁ ସମଗ୍ର ଦେଶବାସୀଙ୍କୁ କ୍ଷମା ମାଗୁଛି।' ପୂର୍ବରୁ ପୁଲିସ ଏଫ୍‌ଆଇଆର୍‌ରେ ତାଙ୍କ ବୟସ ୨୫ ବର୍ଷ ଦର୍ଶାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜନ୍ତର ମନ୍ତର ପ୍ରତିବାଦ ସମୟରେ ହୋଇଥିବା ଏହି ଘଟଣାକୁ ନେଇ ନୋଏଡା ଓ ପରେ ଦିଲ୍ଲୀ ପୁଲିସ ମାମଲା ରୁଜୁ କରିଥିଲା। ତେବେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି ଏହି 'ବାଟବଣା ଯୁବପିଢ଼ି'ଙ୍କୁ କ୍ଷମା କରିବାକୁ ଏବଂ ସେମାନଙ୍କୁ କୋର୍ଟ-କଚେରୀକୁ ନଟାଣି ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତାର କିଛି ଘଣ୍ଟା ପରେ ହିଁ ସମ୍ପୃକ୍ତ କିଶୋରୀଙ୍କ ଏହି କ୍ଷମାପ୍ରାର୍ଥନା ଭିଡିଓ ସାମ୍ନାକୁ ଆସିଛି।

# ପ୍ରତିବାଦ ଭୟରେ 'ଟିସ୍' ସମାବର୍ତ୍ତନ ଉତ୍ସବ ସ୍ଥଗିତ

ମୁମ୍ବାଇ, ୧।୮ (ଏଜେନ୍ସି): ମୁମ୍ବାଇର ଅଗଷ୍ଟ ୨ ତାରିଖରେ ହେବାକୁ ଥିବା ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (ଟିସ୍)ର ୮୬ତମ ସମାବର୍ତ୍ତନ ଉତ୍ସବକୁ ହଠାତ୍ ସ୍ଥଗିତ ରଖାଯାଇଛି। ଏହି ଉତ୍ସବରେ ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର କ୍ୟାମ୍ପସରେ ସମ୍ଭାବ୍ୟ ବିକ୍ଷୋଭ ଓ ପ୍ରତିବାଦ ଆଶଙ୍କା ଏବଂ ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସଂସ୍ଥା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପଠାଯାଇଥିବା ଇମେଲ୍‌ରେ 'ଅପ୍ରତ୍ୟାଶିତ ପରିସ୍ଥିତି' ଦର୍ଶାଯାଇ ଉତ୍ସବ ସ୍ଥଗିତ ରଖାଯାଇଥିବା କୁହାଯାଇଛି। ହଠାତ୍ କାର୍ଯ୍ୟକ୍ରମ ବାତିଲ ହେବା ଯୋଗୁଁ ନିଜ ପରିବାର ସହ ଯୋଗଦେବାକୁ ଯୋଜନା କରିଥିବା ଏବଂ ଟିକେଟ୍ ବୁକିଂ କରିସାରିଥିବା ଅନେକ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିସ୍ କର୍ତ୍ତୃପକ୍ଷ ଜଣାଇଛନ୍ତି ଯେ, ସଂସ୍ଥାର ସ୍ୱାର୍ଥ ଏବଂ ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି କଠିନ ନିଷ୍ପତ୍ତି ନିଆଯାଇଛି। ସମାବର୍ତ୍ତନ ଉତ୍ସବ ସ୍ଥଗିତ ଯୋଗୁଁ ଆର୍ଥିକ କ୍ଷତି ସହିଥିବା ଛାତ୍ରଛାତ୍ରୀଙ୍କ ଦରଖାସ୍ତ ଆଧାରରେ ସହାୟତା ଯୋଗାଇ ଦିଆଯିବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେଇଛି। ଏହାସହ ଖୁବ୍‌ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ ଏବଂ ଜରୁରୀ ଶିକ୍ଷାଗତ ପ୍ରମାଣପତ୍ର ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀମାନେ ନିୟମିତ ପ୍ରକ୍ରିୟା ଜରିଆରେ ତାହା ସଂଗ୍ରହ କରିପାରିବେ ବୋଲି କୁହାଯାଇଛି।

**ପ୍ରଧାନବିଚାରପତି ହେବାର ଥିଲେ ମୁଖ୍ୟ ଅତିଥି**

# ଅର୍ପିତା ଟାର୍ଗେଟରେ ଥିଲେ ରାଜନେତା, ଅଫିସର



କୋଲକାତା, ୧।୮ (ଏଜେନ୍ସି): ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସହ ଜଡ଼ିତ ସନ୍ଦେହରେ ଗିରଫ ହୋଇଥିବା ହାମିମ୍ ମଣ୍ଡଳର ସହଯୋଗୀ ଅର୍ପିତା ସରକାରଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାଡ଼ଖଣ୍ଡର ସାହିବଗଞ୍ଜରୁ ଗିରଫ କରିଛି। ସମ୍ବେଦନଶୀଳ ତଥ୍ୟ ହାସଲ କରିବା ପାଇଁ ହାମିମ୍ ଏବଂ ଅର୍ପିତା ଗୋଟିଏ ନେଟୱାର୍କ ଚଳାଉଥିବା ନେଇ ପୁଲିସ ଦାବି କରିଛି। ଏସ୍‌ଟିଏଫ୍ ସୂତ୍ର ଅନୁଯାୟୀ, ଅର୍ପିତା ବରିଷ୍ଠ ସରକାରୀ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଏବଂ ରାଜନେତାମାନଙ୍କୁ 'ହନି ଟ୍ରାପ୍' (ପ୍ରେମ ପ୍ରତାରଣାର ଜାଲ)ରେ ଫସାଇ ସେମାନଙ୍କଠାରୁ ବ୍ୟକ୍ତିଗତ ଓ ଗୁପ୍ତ ତଥ୍ୟ ହାସଲ କରୁଥିଲେ। ସେହି ତଥ୍ୟକୁ ପରବର୍ତ୍ତୀ ସମୟରେ ହାମିମ୍ ନିକଟକୁ ପଠାଯାଉଥିଲା। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ସହ ହାମିମ୍‌ର ସମ୍ପର୍କ ଥିବା ନେଇ ମଧ୍ୟ ତଦନ୍ତକାରୀ ଦଳ ଦାବି କରିଛନ୍ତି। ପୂର୍ବରୁ ବୁର୍ଦ୍ଧବାନରୁ ଗିରଫ ହୋଇଥିବା ହାମିମ୍‌କୁ ୧୪ ଦିନିଆ ଏସ୍‌ଟିଏଫ୍ ରିମାଣ୍ଡରେ ନିଆଯାଇଛି। ସେମାନଙ୍କ ବାଜ୍ୟାପ୍ତ ମୋବାଇଲ୍, ଲାପଟପ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ପଶ୍ଚିମବଙ୍ଗର ବହୁ ପ୍ରମୁଖ ନେତାଙ୍କ ଗତିବିଧି ଉପରେ ଏହି ନେଟୱାର୍କ ନଜର ରଖୁଥିବା ନେଇ ସନ୍ଦେହ କରାଯାଉଛି।

# ଆଣ୍ଟାର୍କଟିକାରେ ୬୯ % କମିଲେ ପେଙ୍ଗୁଇନ୍ ଶାବକ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ପରିବେଶର ସୂକ୍ଷ୍ମ ଅସନ୍ତୁଳନ କିପରି ସମ୍ପୂର୍ଣ୍ଣ ଆବାସସ୍ଥଳୀକୁ ପ୍ରଭାବିତ କରିପାରେ, ତାହାର ଏକ ଚିନ୍ତାଜନକ ଚିତ୍ର ଆଣ୍ଟାର୍କଟିକାରେ ଦେଖିବାକୁ ମିଳିଛି। ମାତ୍ର ଗୋଟିଏ ୧୪ କିଲୋମିଟର ଲମ୍ବର ବିଶାଳ ହିମଶୈଳ ଯୋଗୁଁ ଆଣ୍ଟାର୍କଟିକାର କୁଲମ୍ୟାନ୍ ଦ୍ୱୀପରେ ବସବାସ କରୁଥିବା ବିଶିଷ୍ଟ 'ଏମ୍ପରର' ବା ସମ୍ରାଟ ପେଙ୍ଗୁଇନ୍ ଶାବକଙ୍କ ସଂଖ୍ୟା ଗୋଟିଏ ବଂଶବୃଦ୍ଧି ଋତୁରେ ପ୍ରାୟ ୬୯ ପ୍ରତିଶତ ହ୍ରାସ ପାଇଛି। ବିଜ୍ଞାନ ପତ୍ରିକା 'କମ୍ୟୁନିକେସନ୍ସ ଆର୍ଥ ଆଣ୍ଡ ଏନଭାଇରନମେଣ୍ଟ'ରେ ପ୍ରକାଶିତ ଗବେଷଣା ରିପୋର୍ଟ ଅନୁସାରେ, ୨୦୨୫ ବଂଶବୃଦ୍ଧି ଋତୁରେ ଆକାଶମାର୍ଗରୁ କରାଯାଇଥିବା ସର୍ବେକ୍ଷଣରୁ ମାତ୍ର ୬, ୬୫୮ଟି ଜୀବନ୍ତ ପେଙ୍ଗୁଇନ୍ ଶାବକ ଚିହ୍ନଟ ହୋଇଥିଲେ। ଏହା ୨୦୨୪ ମସିହା ଏବଂ ୨୦୧୭ ରୁ ୨୦୨୪ ମଧ୍ୟରେ ହୋଇଥିବା ହାରାହାରି ଶାବକ ସଂଖ୍ୟା ତୁଳନାରେ ୬୯ ପ୍ରତିଶତ କମ୍। ଗୋଟିଏ ବିଶାଳ ହିମଶୈଳ ପେଙ୍ଗୁଇନ୍‌ମାନଙ୍କ ଖାଦ୍ୟ ସଂଗ୍ରହ ପଥରେ ବାଧା ସୃଷ୍ଟି କରିଥିଲା। ୨୦୨୫ ମାର୍ଚ୍ଚ ମାସରେ ପ୍ରାୟ ୧୩.୯ କିଲୋମିଟର ଲମ୍ବ ଏବଂ ୪ କିଲୋମିଟର ଓସାରର ଏହି ହିମଶୈଳଟି ଭାସି ଆସି ଜୁଲାଇ ୨୮ ତାରିଖ ବେଳକୁ ପେଙ୍ଗୁଇନ୍ ରହୁଥିବା ସ୍ଥାନଠାରୁ ମାତ୍ର ୩ ରୁ ୫ କିଲୋମିଟର ଦୂରରେ ସମୁଦ୍ର ମଧ୍ୟରେ ଖସି ଅଟକି ଯାଇଥିଲା। ସମ୍ରାଟ ପେଙ୍ଗୁଇନ୍ ଶାବକମାନେ ନିଜ ପିତାମାତାଙ୍କ ଦ୍ୱାରା ଅଣାଯାଉଥିବା ଖାଦ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ହିମଶୈଳର ଦକ୍ଷିଣ ପାର୍ଶ୍ୱ ଉଚ୍ଚ ଏବଂ ସିଧା ହୋଇଥିବାରୁ ବୟସ୍କ ପେଙ୍ଗୁଇନ୍‌ମାନଙ୍କୁ ସମୁଦ୍ରରୁ ମାଛ, ସ୍କୁଇଡ୍ ଏବଂ କ୍ରିଲ୍ ଶିକାର କରିବା ପାଇଁ ବହୁ ଦୂର ବୁଲିଯିବାକୁ ପଡ଼ିଥିଲା। ଫଳରେ ସେମାନେ ନିୟମିତ ଖାଦ୍ୟ ଦେଇପାରିନଥିଲେ, ତେଣୁ ଶାବକମାନେ ଦୁର୍ବଳ ହୋଇପଡ଼ିଥିଲେ ଏବଂ ସେମାନଙ୍କ ଜୀବିତ ରହିବା କଷ୍ଟକର ହୋଇପଡ଼ିଥିଲା।

### ମହାନଦୀ ଜଳ ବିବାଦର ସମାଧାନ କରିବାରେ ବିଜେପି ବିଫଳ

# ଛତିଶଗଡ ପାଖରେ ଆତ୍ମସମର୍ପଣ କରିଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୧।୮ (ସମିସ): ବିଜେପି ସରକାରର ଅପାରଗତା ଯୋଗୁଁ ମହାନଦୀ ଜଳ ବିବାଦର ସମାଧାନ ହେବାରେ ବିଳମ୍ବ ହେଉଛି। ଟ୍ରିପଲ୍ ଇଞ୍ଜିନ ସରକାର ଥାଇ ବି ସମନ୍ୱୟ ଅଭାବରୁ ଓଡ଼ିଶାବାସୀ ଉପେକ୍ଷିତ ହେଉଛନ୍ତି। ଆଜି ଓଡ଼ିଶାରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି ତାହା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ଦିଲ୍ଲୀରେ ମହାନଦୀ ଜଳ ବିବାଦ ନେଇ ବୈଠକରେ ହୋଇଥିବା ଆଲୋଚନାକୁ ଜାଣିଶୁଣି ସାର୍ବଜନୀନ ନ କରି ଓଡ଼ିଶାବାସୀଙ୍କୁ ମିଛ ଆଶ୍ୱାସନା ଦେଇ ଭୁଆଁ ବୁଲାଉଥିବାରୁ ରାଜ୍ୟ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ ସାହୁ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ମହାନଦୀ ଜଳ ବିବାଦ ସମାଧାନରେ ବିଜେପି ସରକାରର ଅପାରଗପଣିଆକୁ କଡ଼ା ନିନ୍ଦା କରିଛନ୍ତି। ଓଡ଼ିଶାରେ ଯେଉଁ ବନ୍ୟା ବିପ୍ରାତ ଦେଖାଦେଇଛି ତାହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ ବୋଲି ସେମାନେ କହିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଓଡ଼ିଶାର କୌଣସି କଥାକୁ ଛତିଶଗଡ଼ ସରକାର ତିଳେ ମାତ୍ର ଭ୍ରୂକ୍ଷେପ କରୁନାହିଁ। ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଛତିଶଗଡ ପାଖରେ ନିଜକୁ ଓଡ଼ିଶା ସରକାର ଆତ୍ମସମର୍ପଣ କରିଛନ୍ତି। ମହାନଦୀ ଜଳ ବିବାଦ ନେଇ ଦିଲ୍ଲୀରେ କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ତେବେ ମହାନଦୀ ଜଳ ବିବାଦର ସମାଧାନ ଦୀପାବଳି ପୂର୍ବରୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତ୍ତି ପ୍ରଦାନ କରିଥିଲେ। କିନ୍ତୁ କେଉଁ ଆଧାରରେ ଦିଲ୍ଲୀରେ ଆଲୋଚନା ହେଲା, ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାଇବା ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ। ବୈଠକରେ ମୁଖ୍ୟମନ୍ତ୍ରୀ କ'ଣ ଆଲୋଚନା କରିଲେ ତାହାକୁ ସାର୍ବଜନୀନ କରିଲେ ନାହିଁ। ମହାନଦୀର ଜଳ ପରିଚାଳନ ନେଇ ଓଡ଼ିଶାକୁ ଛତିଶଗଡ ସହଯୋଗ କରୁନାହିଁ। ବାରମ୍ବାର ଜଣାଇବା ସତ୍ତ୍ୱେ ସରଡିହି ବ୍ୟାରେଜ ପାଖରେ ଏକ ନୂତନ ଗେଜ୍ ପ୍ରତିଷ୍ଠା ପାଇଁ ଛତିଶଗଡ଼ ମାନୁନାହିଁ। ଓଡ଼ିଶା ସରକାରଙ୍କ କଥାକୁ ଛତିଶଗଡ ବେଖାତିର କରିଚାଲିଛି। ପୁରୁଣା ଗେଜ ସଠିକ୍ ଭାବରେ କାର୍ଯ୍ୟ କରୁନଥିବାରୁ ଜଳ ପରିଚାଳନାରେ ସମସ୍ୟା ହେଉଛି। ଏନ୍. ଖୋସଲାଙ୍କ ରିପୋର୍ଟ ପରେ ଛତିଶଗଡ ସରକାର ଏହାକୁ ଉଲ୍ଲଙ୍ଘନ କରି ଜଳ ବିବାଦ ସୃଷ୍ଟି କରୁଛନ୍ତି। ଛତିଶଗଡ ସରକାରଙ୍କ ମନମାନି ଯୋଗୁଁ ହୀରାକୁଦ ଜଳଭଣ୍ଡାର ସୁରକ୍ଷା ପାଇଁ ରୁଲକର୍ଭ ନୀତିର ଅନୁପାଳନ ହୋଇପାରୁ ନାହିଁ। ଛତିଶଗଡର ପଛୁଆ ପାଣି ହୀରାକୁଦକୁ ବିପଦ ସୃଷ୍ଟି କରିବା ସହ ଓଡ଼ିଶାରେ ବନ୍ୟା ସ୍ଥିତି ସଙ୍ଗୀନ ହେଉଛି। ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଚୁପ୍ ନରହି ଲଢ଼େଇ କରନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ନେଇ ଦିଲ୍ଲୀରେ ରାଜ୍ୟ ସରକାର କ'ଣ ଆଲୋଚନା କରିଲେ ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାନ୍ତୁ ବୋଲି ସେ କହିଥିଲେ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ କେନ୍ଦ୍ର ସମେତ ଛତିଶଗଡ ଏବଂ ଓଡ଼ିଶାରେ ବିଜେପି ସରକାର ରହିଛି। ତେବେ ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁ ନାହିଁ। ରାଜ୍ୟ ସରକାର ନିଜକୁ ଛତିଶଗଡ ପାଖରେ ଆତ୍ମସମର୍ପଣ କରିଛନ୍ତି। ଖରାଦିନେ ମହାନଦୀ ଶୁଖିଲା ପଡ଼ିଥିବା ବେଳେ ରାଜ୍ୟ ସରକାର ଆଲୋଚନା କରିଲେ ନାହିଁ। ବର୍ଷା ସମୟରେ ଆଲୋଚନା କରିଲେ କାହିଁକି? ଖରାଦିନେ ମହାନଦୀର ଜଳ ସଙ୍କଟକୁ ଓଡ଼ିଶାବାସୀଙ୍କ ମନରୁ ଭୁଲାଇ ଦେବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଛତିଶଗଡ ପାଖରେ ୨୪ ଲକ୍ଷ ମିଲିୟନ ଏକର ଫୁଟ ପାଣି ଥିବାବେଳେ ୧୦ ଲକ୍ଷ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ତତ୍କାଳୀନ ଓଡ଼ିଶା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଛତିଶଗଡ଼ ମହାନଦୀ ଜଳର ୨୭ ଲକ୍ଷ ମିଲିୟନ ଏକର ଫୁଟ ଜଳ ଆବଶ୍ୟକ କରୁଥିବାରୁ ଜଳ ବିବାଦ ମୁଣ୍ଡ ଟେକିଥିଲା। ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାର ପରିଚାଳନା ଓ କୃଷି କାର୍ଯ୍ୟ ପାଇଁ ଓଡ଼ିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣିର ଆବଶ୍ୟକତା ଥିବାବେଳେ ଛତିଶଗଡ ନିଜର ମନମାନି କରି ତାହା ଦେଉନାହିଁ। ଖରାଦିନେ କଲମା ବ୍ୟାରେଜର ସମସ୍ତ ଗେଟ ବନ୍ଦ ରଖୁଛି ଛତିଶଗଡ, ଯାହାଫଳରେ ଓଡ଼ିଶା ପଟ ଶୁଖିଲା ପଡୁଛି। ବର୍ଷ ତମାମ ପାଣି ଅଟକାଇ ରଖୁଥିବା ବେଳେ ବନ୍ୟା ସମୟରେ କଲମା ବ୍ୟାରେଜର ସମସ୍ତ ଗେଟ ଛତିଶଗଡ ଖୋଲି ଦେବା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଜଳ ବିବାଦର ସମାଧାନ ନେଇ ରାଜ୍ୟ ସରକାର ଦିଲ୍ଲୀରେ ଆଲୋଚନା କରିଥିବା ବେଳେ ଏହାକୁ ସାର୍ବଜନୀନ କରିବା ପାଇଁ ଡରୁଛନ୍ତି କାହିଁକି ବୋଲି ଡ. ସାହୁ ପ୍ରଶ୍ନ କରିଥିଲେ। ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମହାନଦୀ ଜଳ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଉକ୍ତ ଟ୍ରିବ୍ୟୁନାଲ ୬ ଦିନ ଧରି ଓଡ଼ିଶା ବୁଲିକି ଗଲେ। ଏନେଇ ରାଜ୍ୟ ସରକାର ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ହେଁ ଫଳ ଶୂନ୍ୟ। ଓଡ଼ିଶାକୁ ନ ଜଣାଇ ଛତିଶଗଡ କଲମା ବ୍ୟାରେଜ ଗେଟ୍ ଖୋଲିବାରୁ ଓଡ଼ିଶାରେ ବନ୍ୟା ବିପ୍ରାତ ହେଲା। ଏଥିପାଇଁ ବିଜେପି ସରକାର ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ। ମୁଖ୍ୟମନ୍ତ୍ରୀ ଦଳୀୟ ସ୍ୱାର୍ଥକୁ ଛାଡି ଓଡ଼ିଶାର ସ୍ୱାର୍ଥ ପାଇଁ ନିଜକୁ ସମର୍ପଣ କରନ୍ତୁ। ଅନ୍ୟ ମାନଙ୍କୁ ଖୁସି କରାଇବାକୁ ଛତିଶଗଡ ପାଖରେ ଓଡ଼ିଶାକୁ ବିକି ନଦିଅନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ବୈଠକରେ କ'ଣ ଆଲୋଚନା ହୋଇଛି ତାହାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି।



- ଓଡ଼ିଶାରେ ଉପୁଜିଥିବା ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ମନୁଷ୍ୟକୃତ
- ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦ ସମାଧାନରେ ବିଳମ୍ବ
- ବୈଠକରେ ହୋଇଥିବା ଆଲୋଚନାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ରାଜ୍ୟ ସରକାର

### ■ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ବିବୃତି

## ୩ ମାସ ମଧ୍ୟରେ ସମାଧାନର ପନ୍ଥା ବାହାରିବା ଆଶା ଉଜ୍ଜ୍ୱଳ

ଭୁବନେଶ୍ୱର,୧।୮ (ସମିସ): ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତ ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହିତ ସେ ଯୋଗଦେଇଥିଲେ। ବୈଠକରେ ସୌହାଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ମହାନଦୀ ଜଳ ବିବାଦ ବୈଠକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା**

ନିଜର ଦିଲ୍ଲୀ ଗସ୍ତ ସମ୍ପର୍କରେ ଶନିବାର ଲୋକସେବା ଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ଅଧିନରେ ଗଠିତ ଏକ ଟେକ୍ନିକାଲ୍ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ। ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଏବଂ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ। ଏହା ସହିତ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନୀତି ଆୟୋଗ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ପ୍ରଫେସର କେ.ଭି. ରାଜୁ ପ୍ରମୁଖଙ୍କୁ ଭେଟି ରାଜ୍ୟର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ବିଷୟ ଉପରେ ଆଲୋଚନା କରିଥିଲେ ବୋଲି ସୂଚନା ଦେଇଛନ୍ତି।

### ୩୭.୩୨ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍ ଅଭିଯୋଗ

# ପୂର୍ବତନ କନିଷ୍ଠ ସହାୟକଙ୍କୁ ବାନ୍ଧିଲା ଭିଜିଲାନ୍ସ

ବାଲେଶ୍ୱର, ୧।୮ (ସମିସ) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ସରକାରୀ ଅର୍ଥକୁ ଜାଲିଆତି କରି ହଡ଼ପ କରିଥିବା ଅଭିଯୋଗରେ ପୂର୍ବତନ କନିଷ୍ଠ ସହାୟକ ଦେବଦ୍ୟୁତି ନନ୍ଦଙ୍କୁ ଗିରଫ କଲା ବାଲେଶ୍ୱର ଭିଜିଲାନ୍ସ ବିଭାଗ। ଅଭିଯୁକ୍ତ ଜଣକ ଜାଲ୍ ଦଲିଲ ପ୍ରସ୍ତୁତ କରି ୩୭ ଲକ୍ଷ ୩୨ ହଜାର ୭୦୮ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା।



ଭିଜିଲାନ୍ସ ବିଭାଗର ସୂଚନା ଅନୁଯାୟୀ ୨୦୨୨ରୁ ୨୦୨୬ ମଧ୍ୟରେ ଦେବଦ୍ୟୁତି ନନ୍ଦ ବାଲିଆପାଳ ବିଇଓଙ୍କ କାର୍ଯ୍ୟାଳୟରେ ବିଲ୍ କ୍ଲର୍କ-କମ୍-ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ସେ ନିଜ ନାଁରେ ଜାଲ୍ ବକେୟା ବେତନ (ଏରିଅର ପେ) ବିଲ୍ ପ୍ରସ୍ତୁତ କରିଥିଲେ। କେବଳ ସେତିକି ନୁହେଁ, ଅନ୍ୟ କର୍ମଚାରୀଙ୍କ ବକେୟା ମହଙ୍ଗା ଭତ୍ତା (ଡ଼ିଏ) ବିଲ୍‌ରେ ମଧ୍ୟ ତଞ୍ଚକତା କରି ଟଙ୍କା ଉଠାଇ ଥିବାର ଅଭିଯୋଗ ରହିଛି। ଏହା ମାଧ୍ୟମରେ ସରକାରୀ କୋଷାଗାରରୁ ଲକ୍ଷାଧିକ ଟଙ୍କା ବେଆଇନ ଭାବେ ଉଠାଯାଇଥିଲା। ଭିଜିଲାନ୍ସ ତଦନ୍ତରେ ଏହି ଅନିୟମିତତାର ପ୍ରମାଣ ମିଳିବା ପରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ସହିତ ଭାରତୀୟ ଦଣ୍ଡ ସଂହିତାର ଧାରା ୪୬୭ (ଜାଲ୍ ଦଲିଲ ପ୍ରସ୍ତୁତ), ୪୬୮ (ଠକେଇ ଉଦ୍ଦେଶ୍ୟରେ ଜାଲିଆତି), ୪୭୧ (ଜାଲ୍ ଦଲିଲ ବ୍ୟବହାର) ଓ ୪୭୭-ଏ (ହିସାବ ପତ୍ରରେ ହେରଫେର) ଭଳି ଗୁରୁତର ଦଫା ଲାଗିଛି।

ସୂଚନାଯୋଗ୍ୟ ଯେ, ଦେବଦ୍ୟୁତି ନନ୍ଦ ବର୍ତ୍ତମାନ ବାଲିଆପାଳ ବ୍ଲକର ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗାଇରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପୂର୍ବରୁ ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ଏହି ତଞ୍ଚକତା ହୋଇଥିଲା। ଏହି ଘଟଣାରେ ଆଉ କିଏ କିଏ ସମ୍ପୃକ୍ତ ରହିଛନ୍ତି, ସେ ନେଇ ଭିଜିଲାନ୍ସ ବିଭାଗ ଖୋଳତାଡ଼ ଆରମ୍ଭ କରିଛି।

### ବନ୍ୟା ଦାଉ ସହ ଦୁଃଖ ଦେଉଛି ସରକାରୀ ନୀତି

# ଖରିଫ୍ ଚାଷୀ ପଞ୍ଜୀକରଣ କଥା ଭୁଲିଗଲେ କି ସରକାର

ନୟାଗଡ଼/ଭୁବନେଶ୍ୱର,୧।୮ (ସମିସ): ସାରା ରାଜ୍ୟରେ ବନ୍ୟା ପରିସ୍ଥିତି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ସରକାରୀ ନୀତି ଚାଷୀଙ୍କ ଉପରେ ସମସ୍ୟାର ପାହାଡ଼ ଠିଆ କରିଛି। ନବୀନ ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ମନୋଭାବ ଏ ସରକାର ଅମଳରେ ନାହିଁ ବୋଲି ଖୋଦ୍ ଚାଷୀ ସଂଗଠନ ଗୁଡ଼ିକ ଅଭିଯୋଗ କରୁଛନ୍ତି। ପ୍ରତ୍ୟେକ ବର୍ଷ ଜୁଲାଇ ୧୫ ତାରିଖରୁ ଧାନ ବିକ୍ରି ପାଇଁ ସମବାୟ ବିଭାଗ ଆନୁକୁଲ୍ୟରେ ପ୍ୟାକ୍ସ ଜରିଆରେ ପଞ୍ଜୀକରଣ ହୋଇଥାଏ। ଗତ ବର୍ଷ ଏହା ସାମାନ୍ୟ ବିଳମ୍ବ ହୋଇଥିଲା। ଚଳିତ ବର୍ଷ ସରକାରଙ୍କ ଖରିଫ୍ ଚାଷୀ ପଞ୍ଜୀକରଣ ବିଷୟ ମନେ ଅଛି ନାଁ ନାହିଁ ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଏହା ସରକାରଙ୍କ ଅପାରଗତା ବୋଲି ସିଧାସଳଖ କହିବା ସହ ଚାଷୀଙ୍କ ସାଥିରେ ଖେଳିଲେ ପରିସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି। ରାଜ୍ୟରେ ନଭେମ୍ବର ଓ ଡିସେମ୍ବର ମାସରୁ ଧାନକିଣା ଆରମ୍ଭ ହେଉଥିବା ବେଳେ ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୧୫ ମଧ୍ୟରେ ଚାଷୀ ପଞ୍ଜିକରଣ ହୋଇଥାଏ। ଏହା ପରେ ଆର୍‌ଆଇ, କୃଷି ଅଧିକାରୀ ଓ ପ୍ୟାକ୍ସ ସମ୍ପାଦକଙ୍କ ଜରିଆରେ ଭେରିଫିକେସନ୍ ହୋଇଥାଏ। ଭେରିଫିକେସନ୍ ପରେ ସାଟେଲାଇଟ୍ ଭେରିଫିକେସନ୍, ଭାଗଚାଷୀ ଆବେଦନ ଯାଞ୍ଚ ଭଳି ନାନାଦି କାର୍ଯ୍ୟ ପରେ ଟୋକନ୍ ଇସ୍ୟୁ କରାଯାଏ। ଏଥିପାଇଁ ପର୍ଯ୍ୟାପ୍ତ ସମୟର ମଧ୍ୟ ଆବଶ୍ୟକତା ରହିଛି। ସରକାର ଚଳିତ ବର୍ଷ ଚାଷୀ ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦେଶ ପ୍ରକାଶ କରିନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ମାଷ୍ଟର ଟ୍ରେନର ତାଲିମ ପ୍ରକ୍ରିୟା, ଜିଲ୍ଲା ସ୍ତରରେ ପ୍ୟାକ୍ସ ଡିଇଓଙ୍କ ତାଲିମ ପ୍ରକ୍ରିୟା ପାଇଁ ମଧ୍ୟ ସମୟ ଆବଶ୍ୟକ। ସରକାର ଚିଠି ପ୍ରକାଶ ପାଇବା ପରେ ଅନୁନ୍ୟ ୧୫ ଦିନ ବ୍ୟବଧାନରେ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ ହେବ। ଏଯାଏଁ ସରକାର ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନଥିବାରୁ ଚାଷୀ, ସମବାୟ ବିତ୍ ଓ ପ୍ୟାକ୍ସ କର୍ମଚାରୀମାନେ ଦ୍ୱନ୍ଦରେ ରହିଛନ୍ତି। ୨୦୨୫-୨୬ ମସିହାରେ ରାଜ୍ୟରେ ୧୮ ଲକ୍ଷ ୮୫ ହଜାର ଚାଷୀ ଧାନ ବିକ୍ରି କରିଥିଲେ। ରାଜ୍ୟ ସରକାର ଧାନ କିଣିବା ପାଇଁ ୪୮୬୯ ଟି ମଣ୍ଡି ବ୍ୟବସ୍ଥା କରିଥିଲେ। ସରକାର ୨୩, ୬୦୩ କୋଟି ଟଙ୍କା ଧାନକିଣା ବାବଦ ପ୍ରଦାନ କରିଥିବା ବେଳେ ୫୫୬୫ କୋଟି ଟଙ୍କା ଇନପୁଟ୍ ସବସିଡ୍ ପ୍ରଦାନ କରିଥିଲେ। ରାଜ୍ୟ ସରକାର ଇନପୁଟ୍ ସବସିଡ୍‌କୁ ନେଇ ବ୍ୟାପକ ଚିନ୍ତାରେ ରହିଥିବାରୁ ଚଳିତ ବର୍ଷ ପଞ୍ଜିକରଣରେ ବିଳମ୍ବତା ଘଟୁଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ କୌଣସି ଉପାୟ ଅବଲମ୍ବନ କରି ଚାଷୀ ପଞ୍ଜିକରଣ କମ କରିବା ତଥା ଧାନକିଣା କମ କରିବା ଯୋଜନାରେ ରହିଥାଇ ପାରନ୍ତି ବୋଲି ମତ ପ୍ରକାଶ ପାଇଛି।

- ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହେଉଥିଲା
- ଏଯାଏଁ ପ୍ରକାଶିତ ହୋଇନି ବିଭାଗୀୟ ନିର୍ଦ୍ଦେଶ

## କିଶୋର ନ୍ୟାୟ ପରିଷଦ ପରିସରରୁ ବାଲ୍ ଅପରାଧୀ ଫେରାର୍

ବାରିପଦା,୧।୮ (ସମିସ): ଶନିବାର ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା କିଶୋର ନ୍ୟାୟ ପରିଷଦ (ଜୁଭେନାଇଲ ବୋର୍ଡ) ପରିସରରୁ ଜଣେ ବାଲ୍ ଅପରାଧୀ ଫେରାର ହୋଇଯାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଫେରାର ସମ୍ବନ୍ଧରେ ଯଦିଓ ଥାନାରେ ଅଭିଯୋଗ ହୋଇନାହିଁ, ତେବେ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇଛି। ସୂଚନା ମୁତାବକ, ଗତ ଜୁଲାଇ ମାସ ୧୨ ତାରିଖରେ ଭଞ୍ଜପୁର ଥାନା ଅଞ୍ଚଳର ଏକ ଚୋରି ମାମଲାରେ ଜଡ଼ିତ ଥାଇ ବାଲ୍ ଅପରାଧୀ ଜଣଙ୍କ ଧରାପଡ଼ିବା ପରେ ପୁଲିସ ତାଙ୍କ ସ୍ୱଭାବ ପରିବର୍ତ୍ତନ ପାଇଁ ଜୁଭେନାଇଲ ବୋର୍ଡ ନିର୍ଦ୍ଦେଶକ୍ରମେ ରାଉରକେଲା ଜୁଭେନାଇଲ ହୋମକୁ ପଠାଇଥିଲା। ତେବେ ଶନିବାର ପୁନର୍ବାର ତାଙ୍କୁ ବୋର୍ଡରେ ହାଜର ପାଇଁ ଅଣାଯାଇଥିଲା। ଏହି ସମୟରେ ପରିସ୍ରା କରିବାକୁ କହି ଶୌଚାଳୟକୁ ଯାଇଥିବାବେଳେ ସ୍କାଇଲାଇଟ ଦେଇ ଗଳି ଖସି ଫେରାର ହୋଇଯାଇଥିବା ଜଣାପଡ଼ିଛି। ତାଙ୍କ ଘର ବାରିପଦାର କାଳିକାପୁର ଅଞ୍ଚଳରେ। ଏହି ଘଟଣା ବାରିପଦା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିଦ୍ୟାଳୟରେ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରାଇକିଆ,୧।୮ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ବଡ଼ ବାରାବା ପଞ୍ଚାୟତର ପିର୍ତିଗୁଡା ପ୍ରାଥମିକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କର ଗତ ୨୮ ତାରିଖ ଦିନ ମୃତ୍ୟୁ ଘଟିଥିଲା। ତେବେ ଛାତ୍ରୀଙ୍କ ମୃତ୍ୟୁ କେଉଁ କାରଣ ଯୋଗୁଁ ଘଟିଲା ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟାଳୟକୁ ଭୟରେ ଛାତ୍ରୀଛାତ୍ର ଯାଉ ନଥିବା ଜଣା ପଡ଼ିଛି। ଛାତ୍ରଛାତ୍ରୀ ଆସୁନଥିବା ଖବର ପାଇ ରାଇକିଆ ଏବିଇଓ ବିନ୍ଦୁ ନାୟକ ବିଦ୍ୟାଳୟକୁ ଯାଇ ପ୍ରାଥମିକ ତଦନ୍ତ କରିଥିବା ବେଳେ ଛାତ୍ରୀ ଜଣକ ହଠାତ୍ ବିଦ୍ୟାଳୟରେ ଅସୁସ୍ଥ ହୋଇପଡ଼ିଥିଲେ। ପରବର୍ତୀ ସମୟରେ ତାଙ୍କୁ ଗଞ୍ଜାମ ଜିଲ୍ଲା ସୋରଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସେଠାରୁ ମୃତଦେହ ଆଣି ପରିବାର ଲୋକେ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଏହା ପରଠାରୁ ଭୟରେ ଛାତ୍ରୀଛାତ୍ର ଦୁଇ ଦିନ ଯାଇ ନଥିଲେ। ୩୧ ତାରିଖ ଦିନ ଏବିଇଓ ଗାଁକୁ ଯାଇ ଅଭିଭାବକ, ଛାତ୍ରଛାତ୍ରୀ, ବିଦ୍ୟାଳୟ କମିଟି ସହିତ ଆଲୋଚନା କରି ବୁଝାଇବା ପରେ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟ ଯାଇଥିବା ଏବିଇଓ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଛାତ୍ରୀ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ରାଇକିଆ ବିଇଓଙ୍କ କାର୍ଯ୍ୟଳୟରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ବେଳେ ଏବଂ ଥାନାରେ ମଧ୍ୟ କୌଣସି ପ୍ରକାର ଅଭିଯୋଗ ହୋଇନଥିବା କହିଛନ୍ତି ଥାନା ଅଧିକାରୀ ଏ ସ୍ୱର୍ଣ୍ଣ ଲତା ପାତ୍ର।

**ବିଦ୍ୟାଳୟ ଆସୁନାହାନ୍ତି ଛାତ୍ରୀଛାତ୍ର**

### ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ

# ୬ ମାସ କାରାଦଣ୍ଡ ଓ ୭ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ବାରିପଦା,୧।୮ (ସମିସ): ବାରିପଦା ପ୍ରଥମ ଶ୍ରେଣୀ ଅଦାଲତରେ ଏକ ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତ ସୁଦର୍ଶନ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ନ୍ୟାୟିକ ମାଜିଷ୍ଟ୍ରେଟ ମଧୁଶ୍ରବା ମହାନ୍ତି ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡ ଓ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ଅନାଦେୟ ଅତିରିକ୍ତ ୩ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ମୁତାବକ, ଅଭିଯୋଗକାରୀ କୁଳିଅଣା ଥାନା ଗାଙ୍ଗରାଜ ଗ୍ରାମର ଗିରିଶ ଚନ୍ଦ୍ର ମହାକୁଦ ଓ ଅଭିଯୁକ୍ତ ବାରିପଦା ଟାଉନ ଥାନା ଅଧୀନ ଛାଞ୍ଚର ସୁଦର୍ଶନ ନାୟକଙ୍କ ମଧ୍ୟରେ ଏକ ବସ୍ କ୍ରୟବିକ୍ରୟ ସମ୍ପର୍କିତ ବିବାଦ ଥିଲା। ୨୦୧୫ରେ ଅଭିଯୁକ୍ତ ଏହି ବସକୁ ୮ ଲକ୍ଷ ଟଙ୍କାରେ ଅଭିଯୋଗକାରୀଙ୍କୁ ବିକ୍ରି କରିଥିଲେ। ଅଭିଯୋଗକାରୀ ପ୍ରାୟ ୬ ଲକ୍ଷ ଟଙ୍କା ଦେଇଥିଲେ। ପରେ ମାଲିକାନା ପରିବର୍ତ୍ତନ ନ ହେବା ଓ ଅନ୍ୟାନ୍ୟ କାରଣରୁ ଅଭିଯୁକ୍ତ ବସ୍ ଫେରାଇ ନେଇ ୫.୫ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ରାଜି ହୋଇ ତିନୋଟି ଚେକ୍ (୧.୫ ଲକ୍ଷ, ୨ ଲକ୍ଷ ଓ ୨ ଲକ୍ଷ) ପ୍ରଦାନ କରିଥିଲେ। ୨୦୧୯ ଏପ୍ରିଲ ୧୪ ତାରିଖର ଏହି ଚେକ୍‌ଗୁଡ଼ିକୁ ୨୦୧୯ ଜୁଲାଇ ୨ ତାରିଖ ଯାଏ ପର୍ଯ୍ୟାପ୍ତ ପାଣ୍ଠି ନ ଥିବାରୁ ବାଉନ୍ସ ହୋଇଥିଲା। ଅଭିଯୋଗକାରୀ ଆଇନଗତ ନୋଟିସ ଦେଇଥିଲେ। ଅଭିଯୁକ୍ତ ଉତ୍ତର ଦେଇଥିଲେ ମଧ୍ୟ ଟଙ୍କା ଫେରସ୍ତ କରି ନ ଥିଲେ। ଅଭିଯୁକ୍ତଙ୍କ ଯୁକ୍ତି ଥିଲା ଯେ ଖାଲି ଚେକ୍ ଜୋର ଜବରଦସ୍ତିରେ ନିଆଯାଇଛି ଓ ପ୍ରକୃତରେ କେବଳ ୩ ଲକ୍ଷ ଟଙ୍କା ବାକି ଅଛି। କିନ୍ତୁ ଅଦାଲତ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ଚେକ୍, ବ୍ୟାଙ୍କ ରିଟର୍ଣ୍ଣ ମେମୋ, ଚୁକ୍ତିପତ୍ର, ମନି ରିସିପ୍ଟ ଓ ନୋଟିସ ଆଦି ଦଲିଲ ଓ ସାକ୍ଷ୍ୟକୁ ଭିତ୍ତି କରି ନ୍ୟାୟାଳୟ ସିଦ୍ଧାନ୍ତ ନେଇଥିଲେ ଯେ ଅଭିଯୁକ୍ତ ବିଧିବଦ୍ଧ ଋଣ ବା ଦାୟିତ୍ୱ ନିର୍ବାହ ପାଇଁ ଚେକ୍ ଦେଇଥିଲେ ଓ ଏହା ବାଉନ୍ସ ହୋଇଥିଲା। ନେଗୋସିଏବଲ୍ ଇନ୍‌ଷ୍ଟ୍ରୁମେଣ୍ଟ ଆଇନର ଧାରା ୧୩୮ ଅଧୀନରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତତସହିତ ଅଦାଲତ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆଇନର ସୁବିଧା ଦେବାକୁ ମନା କରିଛନ୍ତି। କାରଣ ଏ ପ୍ରକାର ଅପରାଧ ସମାଜରେ ବଢ଼ୁଛି ଓ ଚେକକୁ ଅସତ୍ୟତାର ଉପକରଣ ଭାବେ ବ୍ୟବହାର କରିବା ଉଚିତ୍ ନୁହେଁ। ରାୟ ଘୋଷଣା ସମୟରେ ଅଭିଯୁକ୍ତ ଉପସ୍ଥିତ ଥିଲେ। ଏହି ମାମଲା ୨୦୧୯ରେ ଦାୟର ହୋଇଥିଲା ଓ ଦୀର୍ଘଦିନୀ ବିଚାର ପରେ ରାୟ ଆସିଛି।

## ଆଇଟିଇପି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର,୧।୮ (ସମିସ): ଚଳିତ ଶିକ୍ଷାବର୍ଷ ପାଇଁ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ (ଆଇଟିଇପି) ରେ ଆଜିଠାରୁ ପାଠପଢ଼ା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୭ଟି ବିଶ୍ୱବିଦ୍ୟାଳୟ ଓ ୮ଟି ସରକାରୀ ମହାବିଦ୍ୟାଳୟର ମୋଟ ୧୫ଟି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିଛନ୍ତି। ପ୍ରଥମ ଦିନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ବା ସହ ଉଜ୍ଜ୍ୱଳ ଶୈକ୍ଷିକ ଭବିଷ୍ୟତ କାମନା କରିଛନ୍ତି। ଜାତୀୟ ଶିକ୍ଷା ନୀତି ପ୍ରଣୟନ ପରେ ଆଇଟିଇପି ପାଠ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବରୁ ସ୍ନାତକ ପରେ ୨ ବର୍ଷ ଅର୍ଥାତ୍ ବିଇଡି ପାଇଁ ମୋଟ୍ ୫ ବର୍ଷ ଲାଗୁଥିବାବେଳେ ଏବେ ୪ ବର୍ଷରେ ସରିବ। ଆଜିର ବୈଠକରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଇଟିଇପିର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ନିଜର ଅନୁଭୂତି ବାଣ୍ଟିଛନ୍ତି। ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମୃତ୍ୟୁ ପରେ ଶବକୁ ମିଳିଲାନି ସମ୍ମାନ

# ଶବ ବ୍ୟବଚ୍ଛେଦ ପାଇଁ ୩ଟି ହସ୍ପିଟାଲ ବୁଲିଲେ ପରିବାର

ଥୁଆମୂଳରାମପୁର/ଜୟପାଟଣା,୧।୮ (ସମିସ): ମୃତ୍ୟୁ ପରେ ମଧ୍ୟ ଜଣେ ନାବାଳିକାଙ୍କ ମୃତଦେହକୁ ଉଚିତ ସମ୍ମାନ ମିଳିଲା ନାହିଁ। ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଗୋଟିଏ ହସ୍ପିଟାଲରୁ ଅନ୍ୟ ହସ୍ପିଟାଲକୁ ବୁଲାଇବା ଘଟଣା କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା କେବଳ ମୃତକଙ୍କ ପରିବାରକୁ ମାନସିକ ଭାବେ ମର୍ମାହତ କରିନାହିଁ, ବରଂ ଦୁର୍ଗମ ଆଦିବାସୀ ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ମଧ୍ୟ ସାମ୍ନାକୁ ଆଣିଛି।

ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ସିନ୍ଧିପଦର ପଞ୍ଚାୟତର ବାର୍ଷିକୋନା ଗ୍ରାମର କାଳିଆ ମାଝୀଙ୍କ ୧୬ ବର୍ଷୀୟା ଝିଅ ମାଧୁରୀ ମାଝୀ ଗୁରୁବାର ବିଳମ୍ବିତ ରାତିରେ ନିଜର ଛଅଜଣ ସାଙ୍ଗଙ୍କ ସହ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ଶୁକ୍ରବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଥୁଆମୂଳ ରାମପୁର ପୁଲିସ ହସ୍ପିଟାଲରେ ପହଞ୍ଚି ଆଇନଗତ ପ୍ରକ୍ରିୟା ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। କିନ୍ତୁ ସେଠାରେ ଶବ ବ୍ୟବଚ୍ଛେଦ ସମ୍ଭବ ହୋଇ ନ ଥିବାରୁ



ମୃତଦେହକୁ ପୁଣି କଲମପୁର ଓ ଶେଷରେ ଜୟପାଟଣା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାୟ ୩୬ ଘଣ୍ଟା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଏହି ସମଗ୍ର ପ୍ରକ୍ରିୟାରେ ଜଣେ ଗରିବ ଆଦିବାସୀ ପରିବାରକୁ ଦୀର୍ଘ ୩୬ ଘଣ୍ଟା ଧରି ହସ୍ପିଟାଲରୁ ହସ୍ପିଟାଲ ଘୁରିବାକୁ ପଡ଼ିଥିଲା। ଶୋକର ସମୟରେ ଏଭଳି ଦୁର୍ଭୋଗ ସହିବାକୁ ପଡ଼ିବା ସାଧାରଣ ଲୋକଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। ଥୁଆମୂଳ ରାମପୁର ଏକ ବଣପାହାଡ଼ ଘେରା, ଆଦିବାସୀ ଅଧ୍ୟୁଷିତ ଏବଂ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବ୍ଲକ। ଏଠାରେ ଏଭଳି ଘଟଣାରେ ପ୍ରାୟତଃ ସାଧାରଣ ଲୋକଙ୍କୁ ନାହିଁ ନଥିବା ଦୁର୍ଭୋଗ ସହିବାକୁ ପଡୁଛି। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ସ୍ୱତନ୍ତ୍ର ନିୟମିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ନଥିବାରୁ ବାହାର ବ୍ୟକ୍ତିଙ୍କ ଉପରେ ନିର୍ଭର କରିବାକୁ ପଡୁଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଶବ ବ୍ୟବଚ୍ଛେଦ ପାଇଁ ମନଇଚ୍ଛା ପାଉଣା ଦାବି ହେଉଥିବାରୁ ଗରିବ ପରିବାର ଉପରେ ଦୁଃଖ ସହିତ ଅତିରିକ୍ତ ଆର୍ଥିକ ବୋଝ ମଧ୍ୟ ପଡୁଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ନେଇ ବଡ଼ ବଡ଼ ଦାବି କରାଯାଉଥିବା ବେଳେ, ଏକ ସାଧାରଣ ଶବ ବ୍ୟବଚ୍ଛେଦ ପାଇଁ ତିନୋଟି ହସ୍ପିଟାଲ ବୁଲିବାକୁ ପଡ଼ିବା ଏବଂ ଶୋକାକୁଳ ପରିବାରକୁ ୩୬ ଘଣ୍ଟା ଅପେକ୍ଷା କରିବାକୁ ବାଧ୍ୟ ହେବା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ସ୍ପଷ୍ଟ କରୁଛି। ଏହି ଘଟଣାରେ ସ୍ୱାସ୍ଥ୍ୟ ବିଭାଗର ଅବହେଳା, ପ୍ରଶାସନିକ ସମନ୍ୱୟର ଅଭାବ ନା ଅନ୍ୟ କୌଣସି କାରଣ ରହିଛି, ତାହାର ନିରପେକ୍ଷ ତଦନ୍ତ କରି ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି, ଭବିଷ୍ୟତରେ ଏଭଳି ସମସ୍ୟାର ପୁନରାବୃତ୍ତି ରୋକିବା ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ସ୍ୱତନ୍ତ୍ର ନିୟମିତ କର୍ମଚାରୀ ନିଯୁକ୍ତି କରିବାକୁ ସାଧାରଣରେ ଜୋରଦାର ଦାବି ଉଠିଛି।

**ଥୁଆମୂଳ ରାମପୁରରେ ସ୍ୱତନ୍ତ୍ର ବ୍ୟବଚ୍ଛେଦ କର୍ମଚାରୀ ନିଯୁକ୍ତି ଦାବି**

### ବନ୍ୟା ବିପର୍ଯ୍ୟୟ ମଧ୍ୟରେ ମାତିଲେ ଦୁର୍ବୃତ୍ତ

# ସରକାରୀ ଆବାସ ଲୋଭ ଦେଖାଇ ଘରେ ପଶି ଲୁଟିଲେ ଅଳଙ୍କାର

ବାଲେଶ୍ୱର, ୧।୮ (ସମିସ)



ଏକ ପଟେ ବନ୍ୟା ବିଭୀଷିକାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଅନ୍ୟପଟେ ଏହି ବିପର୍ଯ୍ୟୟକୁ ପୁଞ୍ଜି କରି ସକ୍ରିୟ ହୋଇଉଠିଛନ୍ତି ଠକ ଓ ଦୁର୍ବୃତ୍ତ। ସରକାରୀ ଯୋଜନାର ନାଁରେ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କୁ ଟାର୍ଗେଟ କରି ଲୁଟପାଟ ଘଟଣା ବଢୁଥିବା ବେଳେ ବାଲେଶ୍ୱର ଜିଲ୍ଲାର ସିଂଳା ଥାନା ଅଞ୍ଚଳରୁ ଆସିଛି ଏକ ଚାଞ୍ଚଲ୍ୟକର ଘଟଣା।

ସୂଚନା ଅନୁସାରେ, ସିଂଳା ଥାନା ଅନ୍ତର୍ଗତ ବସ୍ତା ବ୍ଲକ ଇଡ଼ଦା ପଞ୍ଚାୟତର ଦେପଡ଼ା ଗ୍ରାମର ପର୍ଶୁରାମ ଦାସଙ୍କ ଘରକୁ ଏକ ବାଇକ୍‌ରେ ଦୁଇଜଣ ଯୁବକ ପହଞ୍ଚିଥିଲେ। ସେମାନେ ନିଜକୁ ବ୍ଲକ କାର୍ଯ୍ୟାଳୟର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଟଙ୍କା ଆସିଛି ଏବଂ ତାହା ପ୍ରଦାନ କରିବାକୁ ଯାଞ୍ଚ କରିବା ଦରକାର ବୋଲି କହି ଘରର ମହିଳାଙ୍କ ବିଶ୍ୱାସ ଜିତିଥିଲେ। ଠକମାନେ ବିଭିନ୍ନ କଥା କହି ମହିଳାଙ୍କୁ ସୁନା ଗହଣା ଖୋଲି ଦେଖାଇବାକୁ କହିଥିଲେ। କେତେକ୍ଷଣ ମଧ୍ୟରେ ଚତୁରତାର ସହ ଗହଣାଗୁଡ଼ିକୁ ନେଇ ବାଇକ୍‌ରେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ଲୁଟ୍ ହୋଇଥିବା ସୁନା ଗହଣାର ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ଘଟଣା ପରେ ପରିବାର ଲୋକେ ଦୁର୍ବୃତ୍ତଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ପରେ ସିଂଳା ଥାନା ପୁଲିସ ଖବର ପାଇ ନିଜ ଆଡୁ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଏବଂ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ବାଇକ୍‌କୁ ତଦନ୍ତ ପରିସରକୁ ନେଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ବନ୍ୟା ପରିସ୍ଥିତି ଯୋଗୁଁ ଅନେକ ସରକାରୀ କର୍ମଚାରୀ ବିଭିନ୍ନ ଗାଁକୁ ଯାଉଥିବାରୁ ସାଧାରଣ ଲୋକେ ସହଜରେ ଏଭଳି ଠକଙ୍କ କଥାରେ ବିଶ୍ୱାସ କରୁଛନ୍ତି। ଏହି ସୁଯୋଗକୁ ନେଇ କେତେକ ଅସାମାଜିକ ବ୍ୟକ୍ତି ସରକାରୀ ଅଧିକାରୀ ସାଜି ଘରେ ପଶି ଲୁଟପାଟ କରୁଥିବା ଅଭିଯୋଗ ବଢୁଛି। ପ୍ରଶାସନ ପକ୍ଷରୁ ମଧ୍ୟ ଲୋକଙ୍କୁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। କୌଣସି ବ୍ୟକ୍ତି ସରକାରୀ ଅଧିକାରୀ ବୋଲି ପରିଚୟ ଦେଲେ, ତାଙ୍କର ପରିଚୟପତ୍ର ଯାଞ୍ଚ କରିବା ସହ ସନ୍ଦେହ ହେଲେ ସଙ୍ଗେସଙ୍ଗେ ନିକଟସ୍ଥ ଥାନା କିମ୍ବା ବ୍ଲକ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବରୁ ବାହାନଗା ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଏକାଧିକ ବାର ଦେଖିବାକୁ ମିଳିଥିବା ବେଳେ ଏହି ଘଟଣା ପୁଣି ଥରେ ପ୍ରମାଣ କରିଛି ଯେ, ବନ୍ୟା ପରି ବିପର୍ଯ୍ୟୟ ସମୟରେ ମଧ୍ୟ ଅପରାଧୀମାନେ ନିଜ ସ୍ୱାର୍ଥ ହାସଲ ପାଇଁ କୌଣସି ସୁଯୋଗକୁ ଛାଡୁ ନାହାନ୍ତି। ତେଣୁ ସାଧାରଣ ଲୋକଙ୍କ ସଚେତନତା ହିଁ ଏଭଳି ଠକେଇ ଓ ଲୁଟ୍ ଘଟଣାକୁ ରୋକିବାରେ ସବୁଠାରୁ ବଡ଼ ଅସ୍ତ୍ର ବୋଲି ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ସିଂଳା ଥାନା ଆଇଆଇସି ସୂଚନ୍ଦ୍ର ମହାଳିକଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ବାବଦରେ ସୂଚନା ପାଇବା ପରେ ଘଟଣାର ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।

## ସିଡବ୍ଲ୍ୟୁସିର ଭୁଲ ନିଷ୍ପତ୍ତି ପାଇଁ କନ୍ୟାଶ୍ରମରେ କୁନି ଝିଅ



**ନୀଳଗିରି, ୧।୮ (ସମିସ):** ଜନ୍ମଦାତା ବାପା ପାଇଁ ପାଗଳ ହେଉଛି କୁନି ଝିଅ। ସିଡବ୍ଲ୍ୟୁସି ଭୁଲ ନିଷ୍ପତ୍ତି ପାଇଁ ଝିଅ ଏବେ ଆଶ୍ରମରେ। ଝିଅକୁ ନ୍ୟାୟ ଦେବା ପାଇଁ ଆଶ୍ରମରେ ପହଁଚିଲେ ସାଂସଦ ପ୍ରତାପ। ଔପଦା ଥାନା ସୋରିଷପାଳ ଗ୍ରାମର ସନାତନ ନାୟକଙ୍କ ପୁଅ ସତ୍ୟବାନ ନାୟକ, (୩୧) ଏବଂ କରିସ୍ମା ନାୟକଙ୍କ ଔରସରୁ ଚାରି ବର୍ଷର ଏକ କନ୍ୟା ସନ୍ତାନ ଅଛି। ତେବେ ଜନ୍ମ ଦାତ୍ରୀ ମାଆ ଅନ୍ୟ ପୁରୁଷ ସହିତ ଗତ ୨୩.୧୧.୨୦୨୪ ରିଖରେ ଦ୍ୱିତୀୟ ବିବାହ କରିଥିବା ବେଳେ ଶିଶୁ କନ୍ୟାଟି ବାପା ପାଖରେ ରହିଆସୁଥିଲା। ତେବେ ଝିଅକୁ ନିଜ ପାଖରେ ନେଇ ରଖିବା ପାଇଁ ଜନ୍ମଦାତ୍ରୀ ମାଆ ଚାଇଲ୍ଡ ହେଲ୍ପଲାଇନଙ୍କ ଠାରେ ଅଭିଯୋଗ କରିଥିଲେ। ତେବେ ମାଆର ଅଭିଯୋଗ ଅନୁସାରେ ଚାଇଲ୍ଡ ହେଲ୍ପଲାଇନ ଗତ ୨୧.୦୭.୨୦୨୬ ତାରିଖ ଅପରାହ୍ନ ୩:୪୦ ମି. ସମୟରେ ଝିଅକୁ ତାଙ୍କ ବାପାଙ୍କ ଘରୁ ଆଣି ସିଡବ୍ଲ୍ୟୁସିଙ୍କ ଠାରେ ପହଞ୍ଚାଇଥିଲେ। ସିଡବ୍ଲ୍ୟୁସିକୁ ଦେବାପରେ ସିଡବ୍ଲ୍ୟୁସି ନୀଳଗିରିସ୍ଥିତ କୃଷ୍ଣ ସୁକୁରୀ କନ୍ୟାଶ୍ରମରେ ଛଡ଼ା ଯାଇଥିଲା। ଝିଅ ଏବେ ବାପା ଙ୍କ ପାଖରେ ରହିବା ପାଇଁ ଆଶ୍ରମ ଭିତରେ ରହି କାନ୍ଦୁଛି। ଏ ନେଇ ଝିଅର ପିତା ଗତ ମାସ ୨୨ ତାରିଖରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ହାଜର ହୋଇ ଲିଖିତ ଦରଖାସ୍ତ କରିଥିଲେ। ତାପରେ ବାପା ଯେତେ ଥର ଲିଖିତ ଦରଖାସ୍ତ ଦେଲେ ମଧ୍ୟ ସେ ବାପ ଝିଅକୁ ଦେଖା କରିବାକୁ ଦେଉନାହାନ୍ତି। ଯାହାଦ୍ୱାରା ତାଙ୍କ ପିତା ଦୁଃଖିତ ଓ ମର୍ମାହତ ହୋଇପଡ଼ିଛନ୍ତି। ତେବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଡିସିପିଓ ଖୁସିରାମ ଜାହିର ଆଜି ଅପରାହ୍ନ ୭.୩୦ମିନିଟ ସମୟରେ କୃଷ୍ଣ ସୁକୁରୀ କନ୍ୟାଶ୍ରମରେ ପହଞ୍ଚି ହସ୍ତକ୍ଷେପ କରିଛନ୍ତି। ଜନ୍ମ ଦାତା ପିତା ସାମ୍ନାରେ ଝିଅ କୁ ଡାକି ସବୁ ବୁଝିଥିଲେ। ଏଥିରେ ଝିଅ ଓ ବାପା ସାମ୍ନା ସାମ୍ନି ଦେଖି ଭାବ ବିହ୍ୱଳ ହୋଇ ଭୋଭୋ କରି କାନ୍ଦି ପକାଇ ଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀ କାହା ପାଖରେ ରହିବ ବୋଲି ଝିଅକୁ ପଚରା ଉଚୁରା କରିଥିବା ବେଳେ ଝିଅ କାନ୍ଦି କାନ୍ଦି ମୁଁ ବାପା ପାଖରେ ରହିବ ବୋଲି କହିଥିଲା। ଝିଅ ବାପା ପାଖରେ ସୁରକ୍ଷିତ ରହିବ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ଏଥିରେ ହୃଦବୋଧ କରିଥିଲେ। ତତ ସହିତ ସିଡବ୍ଲ୍ୟୁସିର ଚେୟାର ପର୍ସନ ସ୍ନିଗ୍ଧା ଦାସ ଯେଭଳି ଭାବରେ ଝିଅକୁ ଘରୁ ନେଇ ଆସିବା ଏବଂ ବାପା ସହିତ ଝିଅକୁ ଦେଖା କରିବାକୁ ଦେଲେ ନାହିଁ ଏଭଳି ଅମାନବୀୟ କାର୍ଯ୍ୟକୁ ନେଇ ଘୋର ନିନ୍ଦା କରିବା ସହିତ ମୁଖ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି କହିଥିଲେ। ଆସନ୍ତା ସୋମବାର ଜିଲ୍ଲାପାଳଙ୍କ ଠାରେ ହାଜର କରାଇ ସବୁ କାଗଜାତ ଯାଞ୍ଚ କରି ବାପା ଝିଅକୁ ନ୍ୟାୟ ପ୍ରଦାନ କରାଯିବା ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା

**ରେମୁଣା, ୧।୮ (ସମିସ ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ , ମୁଖ୍ୟ ବକ୍ତା ରୂପେ ସହ ସମ୍ପାଦକ ସରୋଜ କୁମାର ଦାସ, ସମ୍ପାଦକ ପ୍ରମୋଦ କୁମାର ଦାସ, ଉପ ସଭାପତି ମିତାରାଣୀ ପଟ୍ଟନାୟକ ଓ ବାଲେଶ୍ୱର ଡିପିସି ର କାର୍ଯ୍ୟାଳୟ ପ୍ରମୁଖ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦାନ କରିଥିଲେ। ବିଦ୍ୟାଳୟର ସଭାପତି ମନ୍ମଥ କରଣ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୧୭୦ ଜଣ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ତଥା ଆରଏସଏସର ସ୍ୱୟଂ ସେବକ ହରେକୃଷ୍ଣ ଗିରି, ପ୍ରୋମଦ ଦାସ, ମନ୍ମଥ କରଣ, ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ବାରିକ ଉପସ୍ଥିତ ରହି ଶିଶୁ ଭାଇ ଭଉଣୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଜ୍ଞାନ ପ୍ରମୁଖ ଜ୍ୟୋତିଷ କୁମାର ସାହୁ ବୃତ୍ତ କଥନ କରିଥିବା ସଙ୍ଗେ ସଙ୍ଗେ ଗୌରାଙ୍ଗ ବେହେରା ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକ୍ ପରିସରରେ ଶାସକ ଦଳ କର୍ମୀଙ୍କ ଦାଦାଗିରି

## କଙ୍ଗାରୁକୋର୍ଟର ଶିକାର ହେଲେ ୱାର୍ଡସଭ୍ୟାଙ୍କ ପ୍ରତିନିଧି

**ବାଲେଶ୍ୱର(ଉତ୍ତର), ୧।୮ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାର୍ଯ୍ୟାଳୟ ରେ ଗତ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ବ୍ଲକ ଅନ୍ତର୍ଗତ ଗୁନାଇବସାଣ ପଞ୍ଚାୟତ ନାଇଁଦୋଳି ଗ୍ରାମର ୭ନଂ ୱାର୍ଡରୁ ବିଡ଼ିଓଙ୍କୁ ନିଜ ୱାର୍ଡ ର ପାନୀୟ ଜଳ ସମସ୍ୟା ର ସମାଧାନ ପାଇଁ ଆସିଥିବା ୱାର୍ଡ ସଭ୍ୟା ଙ୍କ ପ୍ରତିନିଧି ଲକ୍ଷ୍ମୀକାନ୍ତ ପ୍ରଧାନ ଏବଂ ୱାର୍ଡବାସୀ ଗୌରାଙ୍ଗ ମଣ୍ଡଳଙ୍କୁ ବିଡ଼ିଓ, ବ୍ଲକ ଅଧ୍ୟକ୍ଷ ତଥା ପୁଲିସ ଅଧିକାରୀଙ୍କ ସହିତ ସର୍ବ ସମ୍ମୁଖରେ କଙ୍ଗାରୁ କୋର୍ଟ ର ସାମ୍ନା କରିବାକୁ ପଡ଼ିଥିବା ଜଣା ପଡ଼ିଛି। ଏପରିକି ସମ୍ପୃକ୍ତ ଦୁଇ ଜଣ ଅଭିଯୋଗ କାରୀଙ୍କୁ ଶାସକ ଦଳର କିଛି କର୍ମୀ ମାନେ ଠେଲା ପେଲା କରିବା ଏବଂ ମାଡ଼ ମାରିବା ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚିଥିଲେ ମଧ୍ୟ ସମ୍ପୃକ୍ତ କର୍ମୀମାନେ ଜୋର ଜବରଦସ୍ତ ୱାର୍ଡ ସଭ୍ୟା ଙ୍କ ପ୍ରତିନିଧି ଶ୍ରୀ ପ୍ରଧାନଙ୍କୁ ସର୍ବ ସମ୍ମୁଖରେ କ୍ଷମା ପ୍ରାର୍ଥନା କରାଇଥିଲେ।

ସୂଚନାଯୋଗ୍ୟ ଯେ, ଗୁନାଇ ବସାଣ ପଞ୍ଚାୟତ ନାଇଁଦୋଳି ଗ୍ରାମର ଏହି ୭ନଂ ୱାର୍ଡକୁ ଅଜକୁ ଦୀର୍ଘ ୧୫ଦିନ ଧରି ଟ୍ୟାପ୍‌ରେ ପାନୀୟ ଜଳ ଆସୁନାହିଁ। ଲୋକେ ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପ୍ରଥମେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବିଡ଼ିଓ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ବିଡିଓ ମଧ୍ୟ ଏ ନେଇ କୌଣସି ସମାଧାନ କରି ନ ଥିଲେ। ତେଣୁ ୱାର୍ଡ ସଭ୍ୟାଙ୍କ ପ୍ରତିନିଧି ଶ୍ରୀ ପ୍ରଧାନ ଏବଂ ଶ୍ରୀ ମଣ୍ଡଳ ସେଦିନ ପୁଣି ବ୍ଲକ ଆସିଥିଲେ ବିଡିଓଙ୍କୁ ପଚାରିବା ପାଇଁ। ମାତ୍ର ବିଡିଓ ସେତେବେଳେ ତାଙ୍କ କାର୍ଯ୍ୟାଳୟ ରେ ଉପସ୍ଥିତ ନ ଥିବାରୁ ସେମାନେ ବାହାରେ ରହି ସରକାରଙ୍କ ଅବ୍ୟବସ୍ଥାକୁ ନେଇ ଶାସକ ଦଳ ଓ ଦଳର ନେତା ତଥା ପ୍ରଶାସନିକ ଅଧିକାରୀଙ୍କୁ ଗାଳି ଗୁଲଜ କରିଥିଲେ। ଅପରପକ୍ଷରେ ସେଠାରେ ଥିବା କିଛି ଶାସକ ବିଜେପି ଦଳର କିଛି କର୍ମୀ ମାନେ ଗାଳି ଗୁଲଜ କରୁଥିବା ଦୁଇ ଯୁବକ ମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏପରିକି ସେମାନଙ୍କ ମଧ୍ୟରୁ ଜଣେ ସଂଜ୍ଞାହୀନ ହୋଇଥିଲେ। ଖବର ପାଇ ଭୋଗରାଇ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ବିଡିଓ ମଧ୍ୟ ସେଠାରେ ପହଞ୍ଚି ଥିଲେ। ମାତ୍ର ସମସ୍ତଙ୍କ ଉପସ୍ଥିତି ରେ ଯଦି ସେମାନେ ଶାସକ ଦଳ କୁ ଗାଳି ଗୁଲଜ କରି ଭୂଲ କରିଛନ୍ତି ତେବେ ସେମାନଙ୍କୁ ପୁଲିସକୁ ହସ୍ତାନ୍ତର କରି ସେମାନଙ୍କ ନାମରେ ମାମଲା ରୁଜୁ କରିବା ପରିବର୍ତ୍ତେ ଆଇନକୁ ହାତକୁ ନେଇ ବ୍ଲକ ପରିସରରେ ସମ୍ପୃକ୍ତ କର୍ମୀମାନେ କିଭଳି ଉଭୟ ଯୁବକକୁ ମାଡ଼ ମାରିବା ଏବଂ ପରେ ସର୍ବ ସାଧାରଣ ରେ ଜୋର କରି କ୍ଷମାପ୍ରାର୍ଥନା କରାଇଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଏ ନେଇ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା କହିଛନ୍ତି ଯେ ଏଭଳି ଘଟଣା ସମ୍ପୂର୍ଣ୍ଣ ନିନ୍ଦନୀୟ। ପ୍ରଥମତଃ ଦୁଇ ଯୁବକ ଯେଉଁମାନେ ଅଭିଯୋଗ କରିବାକୁ ଆସି ନିଶାସକ୍ତ ଅବସ୍ଥାରେ ଦଳୀୟ ନେତା ଓ ପ୍ରଶାସନିକ ଅଧିକାରୀଙ୍କୁ ଗାଳି ଗୁଲଜ କରିଥିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋରରୁ କଠୋର ଦଣ୍ଡ ଦେବା ଆବଶ୍ୟକ, ମାତ୍ର ଏହି ଘଟଣାରେ ସେଠାରେ ଉପସ୍ଥିତ ଥିବା ପୁଲିସଠାରୁ ଆରମ୍ଭ କରି ବିଡିଓଙ୍କ ନୀରବତା କାରଣରୁ ବ୍ଲକ ପରିସରରେ ଏଭଳି କଙ୍ଗାରୁ କୋର୍ଟ ଭଳି ଘଟଣା ଘଟିବା ନିଶ୍ଚିତ ନିନ୍ଦନୀୟ।

ସେହିପରି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏହି ଘଟଣାରେ ମତ ରଖିଛନ୍ତି ଯେ ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଥିଲା ବେଳେ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସରକାରୀ ଦଳର କର୍ମୀ ମାନଙ୍କୁ ଲଗାଇ ସେହି ବିଫଳତା କୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ଶାସକ ଦଳର କୁଜି ନେତା ଓ କର୍ମୀ ମାନେ ପ୍ରଶାସନିକ ଅଧିକାରୀ ମାନଙ୍କ ଉପରେ ଚାପ ପକାଇ ଅରାଜକତା ସୃଷ୍ଟି କରୁଛନ୍ତି। ଭୋଗରାଇ ବ୍ଲକ ପରିସରରେ ଯେଉଁ ଭଳି ସମ୍ବେଦନହୀନ ଘଟଣା ଘଟିଛି ତାହା ମାନବିକ ଅଧିକାରକୁ ଉଲ୍ଲଙ୍ଘନ କରିବା ସହିତ ଶାସକ ଦଳର ଅରାଜକତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ସୋର, ୧।୮ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ମେଘମାଧବ ଗ୍ରାମର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ସ୍ୱର୍ଣ୍ଣଲତା ବାରିକ (୫୫) ଆଜି ପୂର୍ବାହ୍ନରେ ବାଡ଼ିରେ ଜହ୍ନି ତୋଳୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ଏ ବାବଦରେ ସ୍ୱର୍ଣ୍ଣଲତା ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ଟ୍ରେନ୍‌ରୁ ଖସି ପଡ଼ି ଯୁବକ ଗୁରୁତର

**ସୋର,୧।୮ (ସମିସ):** ସବିରା ରେଳ ଷ୍ଟେସନ ନିକଟରେ ଟ୍ରେନରୁ ଖସିପଡି ଜଣେ ଟ୍ରେନଯାତ୍ରୀ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ ଦ୍ରୁତ ଗତିରେ ଯାଉଥିବା ସିଲଚର ଗୌହାଟି ଏକ୍ସପ୍ରେସ ଟ୍ରେନରୁ ସବିରା ରେଳ ଷ୍ଟେସନର ଅନତି ଦୂରରେ ଆସାମ ରାଜ୍ୟର ମୁକେଶ ନାମକ ଜଣେ ଯୁବକ ଅସାବଧାନତାବଶତଃ ଖସି ପଡିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ଖବରପାଇ ସୋର ରେଳ ଷ୍ଟେସନରେ କାର୍ଯ୍ୟରତ ଆରପିଏଫ କର୍ମଚାରୀ ସୋର ମେଡିକାଲରେ ପହଞ୍ଚି ତାଙ୍କୁ ପଚରା ଉଚରା କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ବନ୍ୟା ପ୍ରଭାବିତଙ୍କୁ ଭେଟିଲେ ସାଂସଦ ଓ ବିଧାୟକ

**ରେମୁଣା, ୧।୮ (ସମିସ):** ଶନିବାର ଅପରାହ୍ନରେ ରେମୁଣା ନିର୍ବାଚନ ମଣ୍ଡଳୀର ହରିପୁର ପଞ୍ଚାୟତ ଅନ୍ତର୍ଗତ କସମିଳା ଗ୍ରାମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଆବଶ୍ୟକୀୟ ସହାୟତା ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରରେ ପ୍ରଭାବିତ ଅଞ୍ଚଳର ସ୍ଥିତିର ସମୀକ୍ଷା କରାଯିବା ସହ ସରକାରଙ୍କ ପକ୍ଷରୁ ଘୋଷିତ ସମସ୍ତ ସହାୟତା ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚୁଛି କି ନାହିଁ, ସେ ନେଇ ତଦାରଖ କରାଯାଇଥିଲା। ଏଥିସହ କୌଣସି ବନ୍ୟା ପ୍ରଭାବିତ ପରିବାର ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।



## ସାମ୍ବାଦିକ ମନୋରଞ୍ଜନ ମହାରଣାଙ୍କ ବିୟୋଗ

**ରେମୁଣା, ୧।୮ (ସମିସ):** ରେମୁଣାର ଜଣେ ନିଆଁଖୁଣ୍ଟା, ଦୁର୍ମୁଖ ସମାଲୋଚକ ପତ୍ରିକାର ବରିଷ୍ଠ ସାମ୍ବାଦିକ ତଥା ସୁସାହିତ୍ୟିକ ଲୋକପ୍ରିୟ ମନୋରଞ୍ଜନ ମହାରଣା (୭୮)ଙ୍କ ଆଜି ପୂର୍ବାହ୍ନ ୧୧ଟା ସମୟରେ ରେମୁଣା ଥାନା ନିକଟସ୍ଥ ବାସ ଭବନରେ ତାଙ୍କର ବିୟୋଗ ହୋଇଯାଇଛି। ସେ ଏକା ଧାରରେ ନିର୍ଭିକ ସମାଲୋଚକ ପତ୍ରିକାର ସାମ୍ବାଦିକତା ସହିତ ଦୈନିକ ପତ୍ରିକା ରାଷ୍ଟ୍ରଦୂତର ମଧ୍ୟ ପ୍ରତିନିଧି ଥିଲେ। ଏତଦବ୍ୟତୀତ ସୁସାହିତ୍ୟିକ ଭାବେ ଜଣେ ଔପନ୍ୟାସିକ ପ୍ରବନ୍ଧିକ ଭାବେ ଝଙ୍କାର ପତ୍ରିକାର ଜଣେ ସୁଲେଖକ ଲୋକପ୍ରିୟ ଥିଲେ। ରେମୁଣା କଲେଜର ୧୯୮୦ ମସିହାରୁ ୧୯୮୨ମସିହା ଧରି ରେମୁଣା କଲେଜରେ କିରାଣୀ ଭାବେ ବିନା ଦରମାରେ କଲେଜ କାର୍ଯ୍ୟରେ ସହାୟତା କରିଥିଲେ। ଆଜିକୁ ୨ବର୍ଷ ଧରି ବାର୍ଦ୍ଧକ୍ୟ ପୀଡ଼ାରେ ପୀଡିତ ରହି ଡାକ୍ତରଙ୍କ ଚିକିତ୍ସା ଅଧୀନରେ ନିଜ ବାସଭବନରେ ରହୁଥିଲେ। ଆଜି ତାଙ୍କର ଦିବା ୧୧ଟା ସମୟରେ ବିୟୋଗ ହୋଇଯାଇଛି। ତାଙ୍କ ବିୟୋଗର ବାର୍ତ୍ତା ପାଇଁ ରେମୁଣାର ସମସ୍ତ ସାରସ୍ୱତ ଓ ବିଭିନ୍ନ ସଂଗଠନ ଅନୁଷ୍ଠାନ ପକ୍ଷରୁ ଡ. ଭାଗବତ ପ୍ରସାଦ ଦାସ, ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ, ପ୍ରଦୀପ୍ତ କୁମାର ମିଶ୍ର, ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, ଡ . ରତ୍ନାକର ସିଂହ,କରୁଣାକର ଜେନା, ତପନ ଦାସ, ବାସନ୍ତୀ ଦାସ, ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଉମାକାନ୍ତ ମହାରଣା, ରମେଶ ଚନ୍ଦ୍ର ମହାରଣା, ମଣିମାଳା ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଦାସ, ନିରଞ୍ଜନ ବେହେରା, ଯୋଗେଶ ଚନ୍ଦ୍ର ବେହେରା, ନିରଞ୍ଜନ ମହାରଣା ପ୍ରମୁଖଙ୍କ ସହିତ ବହୁ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷା, ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତା ମାନେ ତାଙ୍କ ବାସ ଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ତାଙ୍କ ଆତ୍ମାର ସଦଗତି କାମନା କରିବା ସହିତ ଶୋକାକୁଳ ପରିବାରକୁ ସମବେଦନା ଜଣେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମ ପତ୍ନୀ ସାହିତ୍ୟିକା ଓ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସରୋଜିନୀ ମହାରଣା ଓ ସାନ ଭାଇ ଉପେନ୍ଦ୍ର ମହାରଣା ଓ ହରେନ୍ଦ୍ର ମହାରଣା ଓ ଭଉଣୀ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ରେମୁଣା ବଜାର ପରିକ୍ରମା କରି ବୈକୁଣ୍ଠ ଦ୍ୱାର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



## ‘ମନୋଦର୍ପଣ’ ସଚେତନତା କାର୍ଯ୍ୟକ୍ରମ




**ବାଲେଶ୍ୱର,୧।୮ (ସମିସ):** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ‘ମନୋଦର୍ପଣ’ ଅନ୍ତର୍ଗତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟୋଗ୍ୟାକ ମନୋବିଜ୍ଞାନ ବିଭାଗ ଓ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅଟଳ ବିହାରୀ ବାଜପେୟୀ ସମ୍ମିଳନୀ ପ୍ରେକ୍ଷାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରୟୋଗ୍ରାକ ମନୋବିଜ୍ଞାନ ବିଭାଗ ସଂଯୋଜିକା ଡ଼କ୍ଟର ରାଜଶ୍ରୀ ଦତ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ମୁଖ୍ୟବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ପ୍ରଫେସର ଉଦୟନାଥ ଦାଶ, ଫକୀରମୋହନ ମେଡିକାଲ କଲେଜ ଓ ଚିକିତ୍ସାଳୟର ମନୋରୋଗ ବିଭାଗର ସହଯୋଗୀ ଅଧ୍ୟାପକ ଡକ୍ଟର ମାନସ ରଞ୍ଜନ ସାହୁ ବିଶେଷ ବକ୍ତା ଭାବେ ଯୋଗଦେଇ ମାନସିକ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ଏହାକୁ ନେଇ ରହିଥିବା ସାମାଜିକ ସଙ୍କୋଚ ଦୂର କରିବା ଏବଂ ପରାମର୍ଶ ଓ ଉପଯୁକ୍ତ ଚିକିତ୍ସାର ଆବଶ୍ୟକତା ଆଦି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ସହକାରୀ ଅଧ୍ୟାପିକା ଜୟନ୍ତୀ ମାଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଡ. ପ୍ରତିମା ପ୍ରଧାନ ନିରାପଦ, ସମାବେଶୀ ଓ ମାନସିକ ଭାବେ ସହଯୋଗୀ କ୍ୟାମ୍ପସ ଗଠନ ଦିଗରେ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ସମ୍ପର୍କରେ ମତ ରଖିଥିଲେ। ସହକାରୀ ଅଧ୍ୟାପକ ଶଶାଙ୍କ ଶେଖର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ଅଧ୍ୟାପିକା ଜସମିନ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନ୍ୟପ୍ରାଣୀ ଅବଶେଷ ଓ ଶିକାର ସରଞ୍ଜାମ ଜବତ, ୨ ଗିରଫ

**ନୀଳଗିରି, ୧।୮ (ସମିସ):** ନିର୍ଭରଯୋଗ୍ୟ ସୂଚନା ଆଧାରରେ ଗତ ୩୧ତାରିଖ ଶୁକ୍ରବାର ଦିନ କୁଲଡିହା ବନ୍ୟଜୀବ ରେଞ୍ଜର ଏକ ମିଳିତ ପ୍ରବର୍ତ୍ତନ ଦଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ଶାଳଘାଟି ଗ୍ରାମରେ ଜୈନିକ ଶିକାରୀ ମନେ କୁଲଡିହା ବନ୍ୟଜୀବ ଅଭୟାରଣ୍ୟ ମଧ୍ୟରେ ଆଇନ ବିରୁଦ୍ଧ ଶିକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବା ବ୍ୟକ୍ତିମାନଙ୍କ ଉପରେ ଚଢ଼ାଉ କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଧିନ ଶାଳଘାଟି ନିକଟ କାଲାଡାହି ଗ୍ରାମର ସ୍ୱର୍ଗତ ସମାଏ ହାଁସଦାଙ୍କ ପୁଅ ଜିତୁ ହାଁସଦା (୬୫) ଏବଂ ଉକ୍ତ ଗ୍ରାମର ସ୍ୱର୍ଗତ ଗୁରା ସିଂ ଙ୍କ ପୁଅ ଦୁର୍ଗା ସିଂ (୪୮)। ଘରେ ଖାନତଲାସୀ ସମୟରେ ଦୁଇଟି ଦେଶୀ ନଳ ବନ୍ଧୁକ, ୭ଟି ଫାଶ ଜାଲ ବାଣ୍ଡୁଳି। ୩୦ ଗୋଟି ଝିଙ୍କ କଣ୍ଟା ୧ ଗୋଟି ଦେଶୀ ବନ୍ଧୁକର ନଳ, ୧ ଗୋଟି ବିଲ୍ ହୁକ୍ ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଜବତ କରା କୁଲଡିହା ବନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ର ସମ୍ପୃକ୍ତ ଧାରା ଅନୁଯାୟୀ ଅସ୍ତ୍ରଶସ୍ତ୍ର, ବନ୍ୟଜୀବ ସାମଗ୍ରୀ, ଶିକାର ଉପକରଣର ଆଇନ ବିରୁଦ୍ଧ ଅଧିକାର ଏବଂ କୁଲଡିହା ବନ୍ୟଜୀବ ଅଭୟାରଣ୍ୟରେ ଅନଧିକୃତ ପ୍ରବେଶ ପାଇଁ ଓ ଆର ୦୫କେ, ୨୦୨୬-୨୭ରେ ଏକ ବନ୍ୟଜୀବ ଅପରାଧ ମାମଲା ରୁଜୁ କରାଯାଇ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିବା ସୂଚନା ମିଳିଛି।

### ୬୦ ପରିବାର ପାଣି ଘେରରେ

## ୫ ଦିନ ପରେ ବିପନ୍ନଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ରାଜଘାଟ, ୧।୮ (ସମିସ)



ଲଗାଣ ବର୍ଷା ଯୋଗୁଁ ବସ୍ତା ବ୍ଲକ ପୁଟୁରା ପଞ୍ଚାୟତର ୬୦ଟି ପରିବାର ଗତ ପାଞ୍ଚ ଦିନ ଧରି ପାଣି ଘେରରେ ଥିଲେ। ଖାଦ୍ୟ, ପାନୀୟ ଜଳ ଓ ଔଷଧ ନମିଳିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଶେଷରେ ଆଜି ବ୍ଲକ ପ୍ରଶାସନର ଟିମ୍ ସେଠାରେ ପହଞ୍ଚି ରିଲିଫ ବାଣ୍ଟିଛି। ପୁଟୁରା ପଞ୍ଚାୟତ ଅଧୀନ ତଳବାଲିସାହି ଗ୍ରାମରେ ଏହି ଅବସ୍ଥା ଦେଖିବାକୁ ମିଳିଛି। ଗାଁକୁ ଯିବା ଆସିବା ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଘର ଭିତରେ ଦୁଇ ଫୁଟ ପର୍ଯ୍ୟନ୍ତ ପାଣି ପଶିଥିବାରୁ ଲୋକେ ଘର ଛାଡି ଉଚ୍ଚ ସ୍ଥାନ ଓ ଛାତ ଉପରେ ଆଶ୍ରୟ ନେଇଥିଲେ। ଚୁଲି ଓଦା ହୋଇଯିବାରୁ ୫ ଦିନ ହେବ ଅଧିକାଂଶ ଲୋକ ଶୁଖିଲା ମୁଢ଼ି ଓ ଚୁଡା ଖାଇ ଜୀବନ ବିତାଉଥିଲେ। ଜଣେ ଯୁବକ ସର୍ପଦଂଶନରେ ଗୁରୁତର ହୋଇ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନା ରେ ଚିକିତ୍ସା ହେଉଛନ୍ତି। କରେଣ୍ଟ କଟ୍ ହୋଇଯିବାରୁ ଲୋକେ ନାହିଁ ନଥିବା ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି। ଆଜି ଅପରାହ୍ନରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ଜିପିଓ ବିଷ୍ଣୁ ଚରଣ ଦାସ, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରାଙ୍କ ସହ ବ୍ଲକର କିଛି କର୍ମଚାରୀ ପହଞ୍ଚି ସମସ୍ତ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ପିଇବା ପାଣି ଯୋଗାଇଦେଇଥିଲେ। ଗ୍ରାମବାସୀ ମାନେ ଗାଁକୁ ଯୋଡୁଥିବା ରାସ୍ତାର ତୁରନ୍ତ ମରାମତି ଓ ସ୍ଥାୟୀ ନାଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ଏହି ଘଟଣା ପରେ ବସ୍ତା ବ୍ଲକର ଅନ୍ୟ ଦୁର୍ଗମ ଅଞ୍ଚଳରେ ମଧ୍ୟ ରିଲିଫ ପହଞ୍ଚିବା ନେଇ ପ୍ରଶାସନ ସମୀକ୍ଷା ଆରମ୍ଭ କରିଛି।

## ପ୍ରବେଶିକା ପରୀକ୍ଷାରେ ମଡର୍ଣ୍ଣ ପବ୍ଲିକ ସ୍କୁଲ ପୂର୍ବତନ ଛାତ୍ରୀଙ୍କ ସଫଳତା

**ବାଲେଶ୍ୱର, ୧।୮ (ସମିସ):** ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ପୂର୍ବତନ ଛାତ୍ରୀ ଆଦ୍ୟାଶା ପାଣିଗ୍ରାହୀ ଏହି ବର୍ଷ ପାଞ୍ଚୋଟି ପ୍ରବେଶିକା ପରୀକ୍ଷାରେ ଏକକାଳୀନ କୃତିତ୍ୱ ହାସଲ କରି ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ତରଫରୁ ଆଦ୍ୟାଶାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ନୀତା ଖଣ୍ଡେଲୱାଲ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣା ରହିଛି ବୋଲି ସେ କହିଥିଲେ। ଆଦ୍ୟାଶାଙ୍କ ଏହି ସଫଳତାର ଶ୍ରେୟ ମଡର୍ଣ୍ଣ ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଦେଇଛନ୍ତି ଅଭିଭାବକ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ବୈତରଣୀ ପାଣିରେ ଘାଇ ହେବା ଘଟଣା

# ଜିଲ୍ଲାପାଳଙ୍କ ଦେଖା ମିଳୁନି; ଆନ୍ଦୋଳନ ଚେତାବନୀ

ଆନନ୍ଦପୁର, ୧।୮ (ସମିସ): ଜଳସେଚନ ବିଭାଗର ଦାୟିତ୍ୱହୀନତା ପାଇଁ ଆନନ୍ଦପୁରରେ ବ୍ୟାପକ କ୍ଷୟକ୍ଷତି ଓ ଧନଜୀବନ ହାନି ହୋଇଥିବା ବେଳେ ଚଳିତବର୍ଷ ବୈତରଣୀ ବନ୍ୟା ଆନନ୍ଦପୁର ରିଙ୍ଗରୋଡରେ ଥିବା ସ୍ଲୁଇସଗେଟ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହୋଇପଡିଥିଲେ ମଧ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ନଥିବାରୁ ସ୍ଲୁଇସରେ ବନ୍ୟାଜଳ ପ୍ରବେଶ କରି ଘାଇ ସୃଷ୍ଟି କରି ୭୨ ପରିବାର ବେସାହାରା ହୋଇପଡିଛନ୍ତି। ଏପରି ଦୁର୍ଦ୍ଦଶା ଭୋଗ କରୁଥିବା ଲୋକଙ୍କ ଦାବି ଜିଲ୍ଲା ପ୍ରଶାସନ ଶୁଣୁ ନଥିବାରୁ ବନ୍ୟା ପ୍ରପୀଡ଼ିତ ଲୋକେ ଶାଳପଡାସ୍ଥିତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଧାରଣା ଦେଇ ପ୍ରତିବାଦ କରିଛନ୍ତି। ସମଗ୍ର କେନ୍ଦୁଝର ଜିଲାରେ ପ୍ରାୟ ତିନି ସପ୍ତାହ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଥିବାରୁ



## ପ୍ରଶାସନିକ ତଦନ୍ତ ଦାବିକଲା କଂଗ୍ରେସ

ବୈତରଣୀରେ ବଡ଼ଧରଣର ବନ୍ୟା ଆସି ଆନନ୍ଦପୁରରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏଥିପାଇଁ ପ୍ରସ୍ତୁତି ହୋଇ ନଥିବା ଏବଂ ସୂଚନା ପାଇଁ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ନଥିବା ଚିନ୍ତାର କାରଣ ହୋଇଛି। ହଠାତ ରାତିରେ ବନ୍ୟା ଜଳ ପଶିଯିବାରୁ ଗୁହାଳରେ ଥିବା ଅନେକ ଗୃହପାଳିତ ପଶୁଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ମୁକାବିଲାରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ବିଫଳ ହୋଇଛି ବୋଲି କଂଗ୍ରେସ ନେତା ଜୟଦେବ ଜେନା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆନନ୍ଦପୁରଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ପ୍ରେସମିଟରେ ଶ୍ରୀ ଜେନା କହିଥିଲେ, ବନ୍ୟାର ୫ ଦିନ ପରେ ବି କେନ୍ଦୁଝର ଜିଲାପାଳ ବନ୍ୟାଞ୍ଚଳକୁ ଆସି ନଥିବା ପ୍ରପୀଡ଼ିତଙ୍କ ପ୍ରତି ଉପହାସ। ପ୍ରଭୂତ କ୍ଷତି ଘଟାଇବା ସହ ଜଣକର ଜୀବନ ଚାଲିଯାଇଛି। ଏଣୁ ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାରେ ଏପରି ଘଟଣାର ପ୍ରଶାସନିକ ତଦନ୍ତ କରାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନଦୀର ଅପାରପାର୍ଶ୍ୱରେ ବନ୍ୟା ସୁରକ୍ଷା ବନ୍ଧ ନଥିବାରୁ ସୁଡୁସୁଡ଼ିଆ ଦେହୁରୀସାହିରେ ବନ୍ୟା ଜଳ ପଶି ପ୍ରାୟ

# ନୂଆପଡ଼ାରେ ବୈତରଣୀ ବ୍ୟାରେଜ୍ ନିର୍ମାଣ ପାଇଁ ଅନୁଧ୍ୟାନ

ତୁରୁମୁଙ୍ଗା, ୧।୮ (ସମିସ):



କେନ୍ଦୁଝର ପାଟଣା ବ୍ଲକ ଅନ୍ତର୍ଗତ ଟାଙ୍ଗରପଡ଼ା ପଞ୍ଚାୟତର ନୂଆପଡ଼ାଠାରେ ବୈତରଣୀ ନଦୀ ଉପରେ ବ୍ୟାରେଜ୍ ନିର୍ମାଣ ଦାବିକୁ ନେଇ ସରକାରୀ ପଦକ୍ଷେପ ଆଗକୁ ବଢ଼ିଛି। ଏହି ପ୍ରସ୍ତାବିତ ପ୍ରକଳ୍ପର ସମ୍ଭାବ୍ୟ ସ୍ଥାନ ଓ ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ ପାଇଁ ଜଳସମ୍ପଦ ବିଭାଗ, ଉଦଳା ଜଳସେଚନ ବିଭାଗର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶୁକ୍ରବାର ନୂଆପଡ଼ା ଗସ୍ତ କରିଥିଲେ। ପାଟଣା ଅଞ୍ଚଳରେ ଜଳସଂରକ୍ଷଣ, ଚାଷ ପାଇଁ ସେଚନ ବ୍ୟବସ୍ଥାର ଉନ୍ନତି ଏବଂ ଭୂତଳ ଜଳସ୍ତର ବୃଦ୍ଧି ଉଦ୍ଦେଶ୍ୟରେ ଏଠାରେ ବ୍ୟାରେଜ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ନିକଟରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମଧ ଏହି ପ୍ରକଳ୍ପ ସମ୍ପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଗସ୍ତ ସମୟରେ ବିଧାୟକ ଅଖିଳଚନ୍ଦ୍ର ନାଏକ, ତାଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ବ୍ୟାରେଜ୍ ଦାବିର ନେତୃତ୍ୱ ନେଉଥିବା ଯୁଗଳ କିଶୋର ଦାଶ ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ ରଜନୀକାନ୍ତ ମିଶ୍ର ପ୍ରମୁଖ ପ୍ରତିନିଧି ଦଳକୁ ବ୍ୟାରେଜ୍ ନିର୍ମାଣର ଆବଶ୍ୟକତା, ସମ୍ଭାବ୍ୟ ଲାଭ ଓ ସ୍ଥାନୀୟ ପରିସ୍ଥିତି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଉଦଳା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ) ରଞ୍ଜିତ କୁମାର ମଢେଇ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଦାଶିବ ସୋରେନ, ସହକାରୀ ଯନ୍ତ୍ରୀ ସୁନାରାମ ସିଂହ ଏବଂ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଆଶା, ଏହି ସର୍ଭେ ପରେ ବ୍ୟାରେଜ୍ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ପାଟଣା ଅଞ୍ଚଳର କୃଷି, ଜଳସଂରକ୍ଷଣ ଓ ସାମଗ୍ରିକ ବିକାଶରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ବରିଷ୍ଠ ରାଜସ୍ୱ ସହାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା



ତେଲକୋଇ, ୧।୮ (ସମିସ): ତେଲକୋଇ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜସ୍ୱ ସହାୟକ ସତ୍ୟନାରାୟଣ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ସମ୍ମାନିତ ଅତିଥି ଭାବେ ଏବିଡିଓ ବିଶ୍ୱନାଥ ମଲ୍ଲିକ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ନାୟକ, ବରିଷ୍ଠ କିରାଣି ବିଚିତ୍ରା ନନ୍ଦ ରାଉତ ଅନ୍ତର୍ଭୁକ୍ତ ରହିଥିଲେ। ଶ୍ରୀ ସାହୁଙ୍କ ଅବଶିଷ୍ଟ ଜୀବନଯାପନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବ୍ଲକର ସମସ୍ତ ଯନ୍ତ୍ରୀ ତଥା କର୍ମଚାରୀ ଗଣ ଉପସ୍ଥିତ ଥିଲେ।

## ଘଷିପୁରାରେ ବିଜେପିର ଯୁବ ସମ୍ମିଳନୀ



ଆନନ୍ଦପୁର, ୧।୮ (ସମିସ): ଆନନ୍ଦପୁର ପୌରାଞ୍ଚଳର ଯୁବ ସମ୍ମିଳନୀ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବିଜେପି ଯୁବନେତା ତଥା ଜିଲ୍ଲା ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଂଯୋଜକ ଆଶିଷ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋର୍ଚ୍ଚା ପକ୍ଷରୁ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଆନନ୍ଦପୁର ନଗର ବିଜେପି ସାଧାରଣ ସମ୍ପାଦକ ମାନସ ସାହୁ, ଯୁବନେତା ପୋଲସ୍ତ୍ୟ ସାହୁ, ଝାଡେଶ୍ୱର ଶକ୍ତିକେନ୍ଦ୍ର ସହପ୍ରଭାରୀ ମନ୍ମଥ ସାହୁ, ଜୟନ୍ତ ସାହୁ, ସୁଜିତ୍ ସାହୁ, ବିଭୂତି ସାହୁ, ସଞ୍ଜୟ ସାହୁ, ଦୀପକ ସାହୁ, ବିଶ୍ୱଭାରତ ସାହୁ, ଦେବେନ୍ଦ୍ର ବେହେରା, ତ୍ରିଲୋଚନ ସାହୁ, ଅନିଲ ନାୟକ, ଲୋକନାଥ ସେଠୀ, ସତ୍ୟ ପାତ୍ର, ଜଗୁ ପାତ୍ର, ନରେଶ ଖୁଣ୍ଟିଆ, ବିଶ୍ୱଜିତ୍ ପାତ୍ର, ପରେଶ ପାତ୍ର, କୃଷ୍ଣ ବାହାଦୁର, ବୁଲୁ ପାତ୍ର ସମେତ ୫୦ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଯୁବକ ଉପସ୍ଥିତ ଥିଲେ।

## ଜଙ୍ଗଲ ବିଭାଗର ବିନା ଅନୁମତିରେ ରାସ୍ତା ସମ୍ପ୍ରସାରଣ କାମ

କେନ୍ଦୁଝର, ୧।୮ (ସମିସ): କେନ୍ଦୁଝର ଜିଲ୍ଲାର ବାଂଶପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ କଣ୍ଡାକୋଳି-ମେଦିନୀପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସମ୍ପ୍ରସାରଣ ରାସ୍ତା କାମ ବନ ବିଭାଗର ବିନା ଅନୁମତିରେ ଚାଲିଥିବା ସୂଚନା ମିଳିଛି। ରାସ୍ତାଟି ପ୍ରଥମେ ୨୦୧୪-୧୫ ବର୍ଷରେ ପିଏମଜିଏସୱାଇ ଅଧୀନରେ ଅଳ୍ପ ଓସାରରେ ନିର୍ମାଣ ହୋଇଥିଲା। ରାସ୍ତା ଅବସ୍ଥା ଖରାପ ହେବାରୁ ଏହାକୁ ଅଧିକ ଓସାରିଆ କରିବା ନିମନ୍ତେ ୪ କିଲୋମିଟର ରାସ୍ତାକୁ ୬.୭୧ କୋଟି ଟଙ୍କାରେ ଟେଣ୍ଡର ଦିଆଯାଇଛି। କାମଟି ୫.୬.୨୦୨୬ ଆରମ୍ଭ ହୋଇ ବର୍ଷକ ମଧ୍ୟରେ ସମ୍ପୂର୍ଣ କରିବାକୁ ଧାର୍ଯ୍ୟ ହୋଇଛି। ସିଦ୍ଧମଠ (ଡିପିଏଫ) ଜଙ୍ଗଲ ମଧ ଦେଇ ଯାଇଥିବା ରାସ୍ତାଟି ପୂର୍ବରୁ ୩.୭୫ ମିଟର ଥିଲା। ବର୍ତ୍ତମାନ ରାସ୍ତାର ବାମକୁ ପଏଣ୍ଟ ୮୭୫ ମିଟର ଏବଂ ଡାହାଣକୁ ପଏଣ୍ଟ ୮୭୫ ମିଟର ରାସ୍ତା ସମ୍ପ୍ରସାରଣ ହୋଇ ରାସ୍ତାଟିର ମୋଟ ଓସାର ୫.୫ ମିଟର ହେବ। ନିୟମ ମୁତାବକ ଜଙ୍ଗଲ ଅଞ୍ଚଳରେ ଯାଇଥିବା ରାସ୍ତାଗୁଡିକର ସମ୍ପ୍ରସାରଣ ବେଳେ ବନ ବିଭାଗର ଅନୁମତି ନେବା କଥା, ମାତ୍ର ଏହି ରାସ୍ତା କାମରେ ତାର ବ୍ୟତିକ୍ରମ ପାରିଲକ୍ଷିତ ହେଉଛି। ବନ ବିଭାଗର ବିନାନୁମତିରେ ଠିକାଦାର ଅନେକ ଦିନ ହେବ କାମ ଚଲାଇଛନ୍ତି। ବନ ବିଭାଗ ରାସ୍ତା ସମ୍ପ୍ରସାରଣ ବାବଦରେ ସୂଚନା ପାଇଛନ୍ତି କି ନୁହେଁ ଜଣାନାହିଁ। ମାତ୍ର ରାସ୍ତାଟିର ସାମ୍ପ୍ରସାରଣ ସିଦ୍ଧମଠ ଜଙ୍ଗଲ ପାଇଁ ଅନୁକୂଳ କି ନୁହେଁ ଏବଂ ରାସ୍ତା ସାମ୍ପ୍ରସାରଣରେ ସେ ଅଞ୍ଚଳରେ ଚଳପ୍ରଚଳ କରୁଥିବା ବନ୍ୟପ୍ରାଣୀ, ଗଛଲତା ଏବଂ ଜୈବବିବିଧତା ପ୍ରତି ବିପଦ ରହୁଛି କି ନୁହଁ



ଏହାର ଅନୁଧ୍ୟାନ ହେବା ଜରୁରୀ। ତେବେ ବନ ବିଭାଗର ବିନାନୁମତିରେ ରାସ୍ତା ସମ୍ପ୍ରସାରଣ କାମ ଚାଲିବ ନା ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ ଦେଖିବାକୁ ବାକି ରହିଲା ବୋଲି ପରିବେଶବିତ ମହଲରେ ଆଲୋଚନା ହେଉଛି।

## ବନ୍ୟା ପ୍ରପୀଡ଼ିତଙ୍କୁ ପୂର୍ବତନ ବିଧାୟକଙ୍କ ସହାୟତା



ଆନନ୍ଦପୁର, ୧।୮ (ସମିସ): ବିଜୁ ଜନତାଦଳର ପୂର୍ବତନ ବିଧାୟକ ଭାଗୀରଥି ସେଠୀ ଆଜି ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ଦେଇଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସହର ତଳି ବସ୍ତିର ପ୍ରାୟ ୫୦ ପରିବାରଙ୍କୁ ଲୁଗା ଚାଉଳ ଚୁଡା ବଣ୍ଟନ କରିଥିଲେ। ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଯୋଗୁଁ ରିଙ୍ଗ ବନ୍ଧଠାରେ ଥିବା ସ୍ଲୁଇସ ଗେଟ ଭାଙ୍ଗିଯିବାରୁ ବନ୍ୟାଜଳ ଆନନ୍ଦପୁର ସହରର ତଳି ଅଞ୍ଚଳରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ଧ ନିଟରେ ରହୁଥିବା ତଳ ମୁଖୀସାହି, ଉପର ମୁଖୀସାହି ଓ ୫ ନମ୍ବର ୱାର୍ଡର କେତେକ ପରିବାର କ୍ଷତିଗ୍ରସ୍ତ ହୋଇ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ହଠାତ ରାତିରେ ପାଣି ପଶିଯିବାରୁ ଧାନ ଚାଉଳ ଖାଦ୍ୟ ପଦାର୍ଥ ଓ ଗୃହପୋକରଣ ସାମଗ୍ରୀ ନଷ୍ଟ ହୋଇଯାଇଛି। ଗୁହାଳରେ ଅନେକ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଥିବାବେଳେ ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ବନ୍ୟାଜଳରୁ ୩୭ ଜଣଙ୍କୁ ଉଦ୍ଧାର କରିଥିଲେ।

## ପାଟଣା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସାହୁ ଶୁକ୍ରବାର ଚାକିରିରୁ ଅବସର ନେଇଛନ୍ତି। ଶ୍ରୀ ସାହୁଙ୍କୁ ମହାବିଦ୍ୟାଳୟ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ଅଧ୍ୟାପକ ଜଗନ୍ନାଥ ମହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ଛାତ୍ରୀ ବୀଣାପାଣି ମହାରଣା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହନାଥ ସିଂହ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରତ୍ନାକର ମହାକୁର, ଅବସରପ୍ରାପ୍ତ ବରିଷ୍ଠ କିରାଣି ଲମ୍ବୋଦର ମହାନ୍ତ ଓ ଏନ୍‌ସିସି ଅଧିକାରୀ କ୍ୟାପଟେନ୍ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ର ଅଧ୍ୟକ୍ଷଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ମହାବିଦ୍ୟାଳୟ ଏନ୍‌ସିସି, ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଅଗଷ୍ଟ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

କେନ୍ଦୁଝର,୧।୮ (ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅଗଷ୍ଟ ମାସ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ଏହି ଶୁଣାଣି ସମସ୍ତ ସୋମବାର ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ୩ ଅଗଷ୍ଟ ୨୦୨୬ ସୋମବାର: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ଦରବାର ହଲ୍), କେନ୍ଦୁଝର ୧୦ ଅଗଷ୍ଟ ୨୦୨୬ (ସୋମବାର): ପଞ୍ଚାୟତସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର ୧୭ ଅଗଷ୍ଟ ୨୦୨୬ (ସୋମବାର): ପଞ୍ଚାୟତସମିତି କାର୍ଯ୍ୟାଳୟ, ଯୋଡ଼ା ୨୪ ଅଗଷ୍ଟ ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆନନ୍ଦପୁର ୩୧ ଅଗଷ୍ଟ ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତେଲକୋଇଠାରେ ଅନୁଷ୍ଠିତ ହେବ। ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ "ଜନଶୁଣାଣି ପୋର୍ଟାଲ'ରେ ପଞ୍ଜୀକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

## ଚମ୍ପୁଆ କୃଷିଜିଲ୍ଲାରେ ଫସଲ କ୍ଷତିର ମିଳିତ ତଦନ୍ତ

ଚମ୍ପୁଆ, ୧।୮ (ସମିସ): ଗତ ଦୁଇ ଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁଁ ଚମ୍ପୁଆ କୃଷି ଜିଲ୍ଲାରେ ଧାନ ଓ ଅଣଧାନ ଚାଷ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବର୍ଷା ପାଣିରେ



କେତେକ ସ୍ଥାନରେ ବାଲିଚର ମାଡ଼ିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ରୁଆ ଧାନ ଉପରେ ବର୍ଷାଜଳ ପୁରି ରହିଥିବାରୁ ଧାନ ଚାରା ପଚିଯାଇଥିବା ଦେଖିବାକୁ ମିଳିଛି। ଏହା ଫଳରେ ଚାଷୀମାନେ ବେଶ୍ ଚିନ୍ତାରେ ପଡ଼ିଛନ୍ତି। କ୍ଷୟକ୍ଷତିର ସଠିକ୍ ଆକଳନ ପାଇଁ ରାଜସ୍ୱ ବିଭାଗ ଓ କୃଷି ବିଭାଗର ମିଳିତ ଟିମ୍ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ତଦନ୍ତ ଆରମ୍ଭ କରିଛନ୍ତି। ସହକାରୀ କୃଷି ଅଧିକାରୀ ରମାମଣି ସାହୁଙ୍କ ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକରେ ୭ ଏକରରୁ ଅଧିକ ଏବଂ ଝୁମ୍ପୁରା ବ୍ଲକରେ ପ୍ରାୟ ୨୫ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଚମ୍ପୁଆ ବ୍ଲକର ଟାଙ୍ଗର ବନ୍ତଲା, ଜୟମଙ୍ଗଳପୁର, ରେଙ୍ଗାଳବେଡା, ଜଜପଶି ଆଦି ଅଞ୍ଚଳରେ ଫସଲ କ୍ଷତି ଅଧିକ ହୋଇଥିବା ଜଣାପଡ଼ିଛି।

# କେନ୍ଦୁଝରଗଡ଼ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

କେନ୍ଦୁଝର, ୧।୮ (ସମିସ):





ଜେଲ୍‌ରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜ୍ଞାନବିଜ୍ଞାନ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝରଗଡର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା ସମିତିର ଉପସଭାପତି ପ୍ରିୟବ୍ରତ ସାମଲ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେଳାରେ ଶିଶୁବର୍ଗରେ ୩୦୮ ଜଣ, ବାଲବର୍ଗରେ ୪୮୯ ଜଣ, କିଶୋର ବର୍ଗରେ ୨୧୦ ଜଣ ଓ ତରୁଣ ବର୍ଗରେ ୩୦ଜଣ ଶିଶୁ ବିବିଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅଖିଳ ଭାରତୀୟ ନିବନ୍ଧ ପ୍ରତିଯୋଗିତାରେ ୫୬ ଜଣ ଅଂଶଗ୍ରହଣ କରିଥିବା ବେଳେ ଲୋକନୃତ୍ୟରେ ୧୮ ଜଣ ଓ ଦେଶଭକ୍ତି ଗୀତରେ ୧୦ ଜଣ ଭାଗନେଇଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ସଂକୁଳସ୍ତରୀୟ ମେଳାରେ ଭାଗ ନେବେ। ବିଭିନ୍ନ ପ୍ରକଳ୍ପର ବିଚାରକ ଭାବରେ ମହେନ୍ଦ୍ର ସାହୁ, ତ୍ରୈଲୋଚନ ମହାନ୍ତ, ହରେକୃଷ୍ଣ ପଣ୍ଡା, କର୍ଣ୍ଣପ୍ରସାଦ ମହାନ୍ତ, ରାଜେଶ ମହାନ୍ତ, ପ୍ରିୟରଂଜନ ମହାନ୍ତ, ମୋନାଲିସା ମହାନ୍ତ, ଅସ୍ମିତା ମହାନ୍ତ, ବଳରାମ ମହାନ୍ତ, ବୁଲୁରାମ ମହାନ୍ତ ଓ ବିଜୟ ମିଶ୍ର ଯୋଗ ଦେଇଥିଲେ। ଅପରାହ୍ନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ବିଶ୍ୱ ହିନ୍ଦୁ ପରିଷଦର ସହପ୍ରାପ୍ତ ବିଶେଷ ପ୍ରମୁଖ ମଦନ ମୋହନ ଦ୍ୱିବେଦୀ, ପରିଚାଳନା ସମତିର ସଭାପତି ନିମାଇଁ ଚରଣ ଦାଶ ଓ ସଂପାଦକ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଅମୂଲ୍ୟ ରାଉତ, ସନ୍ତୋଷ କର, ସତ୍ୟପ୍ରିୟ ମହାନ୍ତି, ମନରଂଜନ ପରିଡା, ହରିପ୍ରିୟା ଓଝା, ସସ୍ମିତା ଦୋରା, କୁଳମଣି ମହାନ୍ତ, ଧ୍ରୁବଚରଣ ମହାନ୍ତ, ଅମୀୟ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଘସିପୁରା ବ୍ଲକ ଭଣ୍ଡାରିଡିହାସ୍ଥିତ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ସାହୁ ଓ ଭଣ୍ଡାରିଡିହା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାବୁଲି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଗୁରୁଜୀଗୁରୁମା ଓ କମିଟି ସଦସ୍ୟ ପରିଚାଳନା କରିଥିଲେ।

## ବାତ୍ୟା ସ୍ଥିତି ପରଖିଲେ ସାଂସଦ ଓ ଉପଜିଲ୍ଲାପାଳ

ହାଟଡ଼ିହୀ,୧।୮ (ସମିସ): ଗତ ଲଘୁଚାପ ଜନିତ ଲଗାଣ ବର୍ଷାରେ ହାଟଡ଼ିହୀ ବ୍ଲକର ନଇକୂଳିଆ ଅଞ୍ଚଳରେ ବନ୍ୟା ବିଭୀଷିକା ଘଟିଥିବା ବେଳେ ଏବେ ବି ଅନେକଙ୍କ ଘରୁ ବନ୍ୟାଜଳ ଶୁଖିନି। ଏପରିକି ଅନେକ ଲୋକଙ୍କ ଘରେ ରୋଷେଇ ହେବା କଷ୍ଟକର ହୋଇପଡ଼ିଛି। ଏଭଳି ସମସ୍ୟା ନେଇ ଆଜି ପୂର୍ବାହ୍ନରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଇତିପୁର,



ଗେଡ଼ମା, ସଡ଼ଙ୍ଗ, ହାବଳେଶ୍ୱର, ସମଣା ଆଦି ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ବନ୍ୟା ସ୍ଥିତି ପରଖିଥିଲେ। ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସାଂସଦଙ୍କ ସହ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, ବିଜେପି ନେତା ଆଲୋକ ସେଠୀ, ନେତ୍ରୀ ମିନତୀ ମହାପାତ୍ର ଏବଂ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ପରିଦର୍ଶନ କରିବା ସହିତ କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିଲିଫ୍ ବଣ୍ଟନ କରିଥିଲେ।

# ଟପ୍ ଟପର୍ ଟପର୍ ଟପ୍ ଟପ୍



ବିରଜା ରାଉତରାୟ



ଝରକା ସେପଟେ ଅଝଟ ଛୁଆଙ୍କ ପରି ଗୋଡ଼ କଚାଡ଼ି ନାଚୁଥାଏ ବର୍ଷା। ଟିଣଦସ୍ତା ଉପରେ ତା'ର ଲଗାଣ ଢୁ ଢୁ ପାଦ ଶବ୍ଦ ଆଡ଼କୁ ଏକଲୟରେ କାନପାତି ରହିଥାଏ ଖୋକନ୍। ତଳଚଟାଣ ଉପରେ ବାମଗୋଡ଼ର ଆଣ୍ଠୁକୁ ଭାଙ୍ଗି ଛକିପକାଇ ବସି ରହିଥାଏ। ତା'ର ଡାହାଣ ଗୋଡ଼ଟା ସିଧା ପଇଁଚାଳିଶ ଡିଗ୍ରୀ ପ୍ରାୟ ଉପରକୁ ସଳଖି ରହି ମଝିଫାଙ୍କ ତଳ ମୁଠୁଳା ଉପରେ ଚାପି ଧରିଥାଏ ଗୋଟିଏ ମୃଦଙ୍ଗ। ଦୁଇପଟର କିରଣ ମୁହଁକୁ ଢଳି ଦୁଇହାତ ପାପୁଲି ସାମାନ୍ୟ ଭାରାଦେଇ ଝୁଲି ରହିଥାନ୍ତି। ଖୋକନ୍ ତା'ର ସମସ୍ତ ଲୟକୁ ଠୁଳକରି ଏହି ବର୍ଷାନାଦର ବୋଲଟାକୁ ଧରିବା ପାଇଁ ଉଦ୍‌ଗ୍ରୀବ ହୋଇ ରହିଥାଏ। କେତେବେଳେ ଛାଏଁ ତା' ହାତର ତଳ ପାପୁଲି ଆଙ୍ଗୁଠିଗୁଡ଼ିକ ଉଠପଡ଼ ହୋଇ ନାଚି ଉଠୁଥାନ୍ତି, "ଧିନ୍ ତାକଡ଼ ତାକଡ଼... ଧା... ।"

ପରେ ପରେ କେମିତି ଗୋଟେ ଅଶାନ୍ତ ଭଉରୀ ଖେଳି ଉଠିବା ପରି ଏକ ପ୍ରତିକ୍ରିୟା ତା' ମୁହଁରେ ବାରିହୋଇ ଆସେ, "ଛ୍ୟା...ଶଶୁର ପୁଅ ପାଦର ତାଳଟାକୁ ଜମା ଧରି ହେଉନାହିଁ! କୋଉ ଗୋଟେ ବର୍ଣ୍ଣରେ ସିନା ପାଦ କଚାଡୁଥିଲେ ଧରି ହୁଅନ୍ତା! ଇଏତ ଅବିରତ ଘନଘୋର ନାଦ! କେତେବେଳେ ଟପ୍‌ଟପ୍.... କେତେବେଳେ ଥପ୍‌ଥପ୍... କେତେବେଳେ ଡବଡବ ହୋଇ କଚାଡ଼ି ହେଉଛି! ଛୋଟଟୋପା! ପୁଣି ବଡ଼ଟୋପା! ୟା'କୁ ଛାଡ଼ି ପୁଣି ମଝାମଝିଆ ଥୋପା ବି ଅଛି! କୋଉ ସେ ଏତେ ଧୁରନ୍ଧର ଯେ ଧରିପାରନ୍ତା ଏହାର କ୍ଷିପ୍ର ସୁତୀବ୍ର ବିବିଧ ନାଦକୁ! "ତେରେକେଟେ ତେରେକେଟେ... ଧିନ୍... ଧା...!" ଆଉଥରେ ଛାଏଁ ମୃଦଙ୍ଗର ଦୁଇପଟ କିରଣ ଉପରେ ପହଁରିଗଲା ତା'ର ଦୁଇ ଚପଳ ହାତର ଆଙ୍ଗୁଠି।

ବାହାରପଟେ ବର୍ଷୁଣି ମେଘମେଦୁର ଆକାଶ। ସନ୍ଧ୍ୟା ଉପଗତ ସମୟ ନ ଥିଲେ ସୁଦ୍ଧା ଅପରାହ୍ଣର ମୁଖମଣ୍ଡଳରେ କଳାଓଢ଼ଣୀ ଖଣ୍ଡେ ଢାଙ୍କି ପକାଇବା ପରି ମେଘ ଘୋଡ଼ାଇ ଆଣିଥାଏ ମାଛି ସଞ୍ଜପରି ଅନ୍ଧାରର ରଙ୍ଗ। ଖୋକନ୍‌ର ସେହି ଅସଜଡ଼ା କୋଠରି ମଧ୍ୟରେ ବିକ୍ଷିପ୍ତ ହୋଇ ପଡ଼ିରହିଥାଏ କିଛି ଅସମ୍ପୂର୍ଣ୍ଣ ଡୁବିତାବଲା ଓ ମୃଦଙ୍ଗ ସହ ଇତଃସ୍ତତ ପଡ଼ିରହିଥିବା ଚମଡ଼ାର ଟୁକୁରା ଓ ହାର, କିରଣ ପାଇଁ ଗୁଣ୍ଡ ତାଟିଆ ଆଦି ତାଳବାଦ୍ୟ ଯନ୍ତ୍ରର ଉପକରଣ।

ସେହି ଦୋକାନ ଘରକୁ ଲାଗି ଏକମାତ୍ର ସଂଯୁକ୍ତ କୋଠରି। ଯାହାର ଟିଣଦସ୍ତାର ଫାଙ୍କ ବାଟଦେଇ ନିର୍ଗତ ଧୂଆଁସବୁ ଜମାଟ ବାନ୍ଧି ଠୁଳ ଆକାରରେ କଡ଼ମୋଡ଼ି ହେଉଥାନ୍ତି। ବାହାର ବର୍ଷାଟା ଦାଉ ସାଜିବା ପରି ସେମାନଙ୍କ ଊର୍ଦ୍ଧ୍ୱ ଉଡ଼ାଣକୁ ବାଟ ଓଗାଳି ବସିଥାଏ।

କେବେକେବେ ସେଥିରୁ ପ୍ରଥମ କୋଠରିକୁ ଛିଟିକ ଆସୁଥାଏ ବାସନପତ୍ରର ଠୁଣଠାଣ୍ ସାଙ୍ଗକୁ ଖଡ଼ିକାର ଖରଖର୍ ମିଶା ଶବ୍ଦ। ମଝିରେ ମଝିରେ ଧୂଆଁ ରୁନ୍ଧା ଖଣ୍ଡିକାଶ। ଠିକ୍ ପଛକୁ ଧସେଇ ଆସେ ଏକ ନାରୀକଣ୍ଠର ସତର୍କ ଜିଘାଂସ, "କରୁଥାଅ...କରୁଥାଅ...ସେମିତି ଟୁଙ୍ଗଟାଙ୍ଗ୍! କାଲିକି ମ୍ୟୁନିସପାଲିଟିର ଡୋଜର୍ ଗାଡ଼ି ଯେ ଆସି ଦୁଆର ମୁହଁରେ ଲାଗିବ, ସେୟାଡ଼କୁ ପର୍‌ବାୟ ନାହିଁ ! କି ଅଦ୍ଭୁତ ଏ ଲୋକଟା! ସାମାନପତ୍ର ବାନ୍ଧିବା ଲାଗି ଚିନ୍ତାଟିକେ ସୁଦ୍ଧା ନାହିଁ!"

ସେହି ସଂକୀର୍ଣ୍ଣ ରୋଷେଇ ଘରୁ ସବୁତକ ଉତ୍‌କ୍ଷିପ୍ତ ଶବ୍ଦଗୁଡ଼ା ବର୍ଚ୍ଛା ପରି ଛୁଟି ଆସୁଥିଲେ ବି କେଜାଣି କାହିଁକି ହାର୍ ମାନିଯାନ୍ତି ଖୋକନ୍‌ର ଦୁଇ କର୍ଣ୍ଣପଟଳ ପାଖରେ! ସମୁଦ୍ରରୁ ବଳ ଗୋଟେଇପାରି ନ ଥିବା ବାତ୍ୟା ଯେପରି ସ୍ଥଳଭାଗରେ ଧକ୍କା ଖାଇବା ଆଗରୁ ଦୁର୍ବଳ ହୋଇପଡ଼େ, ସେହିପରି ଘଟିଥାଏ ସବୁଥର। ମୃଦଙ୍ଗ ହେଉ କି ତାବଲାର ଦୁଇ କିରଣରେ ଉତ୍ପାଦ ବର୍ଣ୍ଣକୁ ମିଶାଇ ନୂଆ ବୋଲ ଖଣ୍ଡେ ତିଆରି କରିବାରେ ମଜ୍ଜିଯାଇଥାଏ। ଆଜିବି ସେଠାରୁ ଛୁଟି ଆସିଥିବା ତୀକ୍ଷ୍ଣ ଶରରୂପୀ ଶବ୍ଦଗୁଡ଼ାକ ଅକାମୀ ହୋଇଯାଇଥିଲା।

ଅର୍ଦ୍ଧଶତାବ୍ଦୀ ଖଣ୍ଡେ ହୋଇଯିବଣି ଖୋକନ୍‌ର ବାପା ନିତ୍ୟମୋହନ ନଦିଆରୁ ଓଡ଼ିଶା ମୁହାଁ ହୋଇ ବସା ବାନ୍ଧିବା। ଏହି ସହରର ଛାତି ଉପର ଦେଇ ଯେଉ ମୁଖ୍ୟରାସ୍ତାଟି ଯାଇଥାଏ ତାହାରି କଡ଼ରେ ବାନ୍ଧିଥିଲା ପ୍ରଥମେ ଅସ୍ଥାୟୀ ନୀଡ଼। ତାଳବାଦ୍ୟ ନିର୍ମାଣର ବିଶାରଦ ଭାବେ କେଇଟା ବର୍ଷ ମଧ୍ୟରେ ପରିଚୟ ପାଇଯାଇଥିଲା। ଖୋକନ୍‌ର ଜନ୍ମ ଏହି ଠିକଣାରେ। ବାପାଠାରୁ ବାଦ୍ୟକାରିଗରୀ କଳାତକ ଆୟତ୍ତ କରୁକରୁ ବଜାଇବାରେ ମଧ୍ୟ ଅପୂର୍ବ ଦକ୍ଷତା ହାସଲ କରିପାରିଥିଲା। କିନ୍ତୁ ବାପା ପରି ଥିଲା ଅସମ୍ଭବ ଭାବରେ ନିଜ ପ୍ରତିଭା ପ୍ରଦର୍ଶନରେ ଥିଲା ଉଦାସୀନ। ବିକ୍ରି ଆଉ ମରାମତିରେ ଯାହା ଯେତିକି ମିଳୁଥାଏ ସେତିକିରେ ଥାଏ ସନ୍ତୁଷ୍ଟି।

ଦିନକୁ ଦିନ ସହରର କଳେବର ଓ ରୂପରେଖରେ ଅଭିବୃଦ୍ଧି ଘଟି ଚାଲେ। ଠା' ଠା' ଦୋକାନର ରୂପାନ୍ତରଣ ଘଟି ଧାଡ଼ିଧାଡ଼ି ସୁଦୃଶ୍ୟ ଦୋକାନ ସବୁ ଉଭା ହୁଅନ୍ତି। ଅଥଚ ପୁରୁଣା ସବ୍‌ରେଜିଷ୍ଟର ଛକ କଡ଼କୁ ଥିବା ଏହି ସର୍ବସାଧାରଣ ସ୍ଥାନକୁ ଲାଗି ଖୋକନ୍‌ର ଛୋଟ ଆବାସଯୋଗ୍ୟ ଦୋକାନ ଘରଟିର ରୂପଚିତ୍ରରେ କିଛି ପରିବର୍ତ୍ତନ ଆସି ନ ଥାଏ। କେବଳ ଗୋଟିଏ ଫରକ୍ ଘଟିଥିଲା। ନିତ୍ୟମୋହନ ସ୍ଥାପନ କରିଥିବା ଛପର ଘରଟା ଇଟାକାନ୍ଥ ଓ ଟିଣଦସ୍ତାକୁ ପରିବର୍ତ୍ତିତ ହୋଇଥିଲା। ସହର ବଢୁଥିବାରୁ ଏବେ ମୁଖ୍ୟ ବଜାର ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥାଏ। ପ୍ରଥମଦଫା ପରେ ଦ୍ୱିତୀୟ ଥର ପାଇଁ ଖୋକନ୍‌ର ଦୋକାନ ଦାଣ୍ଡରେ ଅଠା ନେସାସହ ଝୁଲି ସାରିଥାଏ ଉଚ୍ଛେଦର ନୋଟିସ। ମାତ୍ର ଖିଆଲି ଖୋକନ୍ ମନରେ ଏହାର ସାମାନ୍ୟତମ ରେଖାପାତ ସୁଦ୍ଧା ପଡ଼ି ନ ଥାଏ। ତା'ର ଏହି ବେପାରୁଆ ଭାବକୁ ଚେତାଇ ଦେବାକୁ ଯାଇ ମଝିରେ ମଝିରେ ସତର୍କ ଘଣ୍ଟି ବଜାଇବା ପରି ଚିତ୍କାର କରି ଉଠୁଥାଏ ତା' ସ୍ତ୍ରୀ। ସେ କିନ୍ତୁ ଗୋଟାପଣ ହଜିଯାଇଥାଏ ସେଇ ଆବିଷ୍ଟ ଅନ୍ୱେଷାରେ। କିପରି ଏହି ଟପର୍ ଟପର୍ ବର୍ଷାର ବୋଲ୍‌ଟାକୁ ଉଠେଇବ ଦୁଇ କିରଣ ସଂସର୍ଗ ନାଦରେ। ବାହାରେ ବର୍ଷାର ଆବେଶ ସେହିପରି ଆଚ୍ଛନ୍ନ କରି ରଖିଥାଏ। ଢୁ ଢୁ ବର୍ଷୋରେ ଶୁଭୁଥାଏ ନିରବଧି ପଦପାତ। ଏକାତ୍ମ ହୋଇ ସେହିପରି ଝରକା ବାହାରକୁ ଚାହିଁ ମୃଦଙ୍ଗ କିରଣରେ ଟୁଙ୍ଗଟାଙ୍ଗ୍ ଜାରି ରଖିଥାଏ ଖୋକନ୍।

ନିଜର ଏହି ବିଚିତ୍ର ମଣିଷଟିର ହାବଭାବକୁ କୋଡ଼ିଏ ବର୍ଷ ଧରି ବୁଝି ଆସିଛି ତା'ର ସ୍ତ୍ରୀ। ସେଥିପାଇଁ, ଥାଳିରେ ରାତିର ଖାଇବାତକ ବାଢ଼ି ତା' ହାତପାଆନ୍ତାରେ ରଖି କଣମୁଣ୍ଡ ଖଟ ଉପରକୁ ଉଠି ଯାଇଥିଲା ଶୋଇବାକୁ।

ବାହାରେ ନିଶା ଗରଜୁଥାଏ। ଅବିରତ ଛନ୍ଦରେ ତା'ର ପାଦ କଚାଡ଼ି ଚାଲିଥାଏ ବର୍ଷା। ଖୋକନ୍‌ର ସନ୍ଧାନୀ ଦୁଇଆଖି ଓ ଉଜାଗରୀ ଚିତ୍ତ ସାରାରାତି ଖୋଜି ଚାଲିଥାନ୍ତି ସେଇ ଈପ୍‌ସିତ ବୋଲକୁ। ଥକ୍କା ପଡ଼ି ଆସୁଥିବା ଦୁଇହାତ ପାପୁଲିର ସଂଘାତରେ ମଝିରେ ମଝିରେ ତରଙ୍ଗ ପରି ଚେଇଁ ଉଠୁଥାଏ... ଧି ତାକ୍... ଧି ତାକ... ଧି ତାକ୍... ଶବ୍ଦ।

ଭୋର ମେଘୁଆ ଆକାଶ କୋଣରୁ ଆଲୋକ ଜନ୍ମ ନେଉଥାଏ। ନିରବୀ ସାରିଥାଏ ବର୍ଷା ହେଲେ, ଏହା ଭିତରେ କେତେବେଳେ ରାତିର ବିଦାୟ ଆଉ ସକାଳର ଆସିବାଟା ପ୍ରତି ସମ୍ପୂର୍ଣ୍ଣ ଥାଏ ସେ ଅନ୍ୟମନସ୍କ!

ସେହି ଉଦୟ ଲଗ୍ନରେ ହଠାତ୍ ତା'ର ଦୁଇ ନିମଜ୍ଜିତ ଆଖି କିଛି ଗୋଟେ ଅପୂର୍ବ ପ୍ରାପ୍ତିର ଚମକରେ ଖୋଲି ଉଠିଲା! ଛାଏଁ ତା' ପାଟିରୁ ବାହାରି ଆସିଲା, "ଟପ୍ ଟପର୍ ଟପର୍ ଟପ୍ ଟପ୍.. ଧିନ୍ ତା... ତେରେକେଟେ... ତେରେକେଟେ... ଧିନ୍ ତା... ଧିନ୍ ତା... ଟପ୍ ଟପର୍ ଟପର୍ ଟପ୍ ଟପ୍...!"


ସହରକୁ ଛୁଇଁଥିବା ପ୍ରଥମ ସକାଳ ସହ ମ୍ୟୁନିସପାଲିଟିର ବୁଲଡୋଜରଟି ଆସି ଠିଆହୋଇ ସାରିଥାଏ ଖୋକନ୍‌ର ଏହି ଅବୈଧ ଦୋକାନଘର ସମ୍ମୁଖରେ। ତା'ର ଷଣ୍ଢଆଣି ଉପରମୁହାଁ ହୋଇ ଉଠିବା ଆଗରୁ ଶେଷଥର ପାଇଁ ସେହି ଘରଟି ଚିତ୍କାର କରି ଉଠିଥିଲା, "ଧିନ୍ ତାକ୍... ତେରେକେଟେ... ତେରେକେଟେ... ଧିନ୍ ତାକ୍... ଧିନ୍ ତାକ୍... ଟପ୍ ଟପର୍ ଟପର୍ ଟପ୍ ଟପ୍!!" ■

ମୋ: ୯୬୫୮୮୧୦୨୪୪

## ପୁସ୍ତକ ପରିଚୟ

### ଅଚିନ୍ତ୍ୟ ଶ୍ରୀଜଗନ୍ନାଥ

ସଂପାଦନା: ପୀତବାସ ରାଉତରାୟ



ମହାବୀର ପ୍ରକାଶନ
ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୪୦୦ ଟଙ୍କା

ଶ୍ରୀଜଗନ୍ନାଥଙ୍କ ଲୀଳା ବୁଝିବା ଅସମ୍ଭବ। ଭକ୍ତ ଓ ଭଗବାନଙ୍କ ସଂପର୍କ ଅତ୍ୟନ୍ତ ନିବିଡ଼। ମହାପ୍ରଭୁଙ୍କୁ ଭିନ୍ନ ଭିନ୍ନ ରୂପରେ ଭକ୍ତମାନେ ଅନୁଭବ କରିଛନ୍ତି। ସେଭଳି କିଛି ବିରଳ ଅନୁଭବ, ଅନୁଭୂତିକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅଚିନ୍ତ୍ୟ ଶ୍ରୀଜଗନ୍ନାଥ' ପୁସ୍ତକ। ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି, ବିଶିଷ୍ଟ କବି, ସାହିତ୍ୟିକ, ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ, ସେବକ, ଅଭିନେତା ପ୍ରମୁଖ ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ଉଚ୍ଚକୋଟୀର, ଗବେଷଣାଧର୍ମୀ, ଅନୁଭବ ଓ ଅନୁଭୂତିମୂଳକ ଲେଖା ଏହି ପୁସ୍ତକରେ ପ୍ରକାଶ ପାଇଛି। 'ମହାମହିମ ରାଷ୍ଟ୍ରପତିଙ୍କ ଭକ୍ତି ସୁମନ', 'ପ୍ରଚ୍ଛଦ ପ୍ରସଙ୍ଗ', 'ପଦ୍ମଶ୍ରୀ ପୁରସ୍କାର ପ୍ରତିଭାଙ୍କ ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥକାଠ ପାଇଁ ରଚନା ପଠନ', 'ଶ୍ରୀମନ୍ଦିର ପ୍ରଶାସକଙ୍କ ସ୍ମୃତିଚାରଣ', 'ଅପୂର୍ବ ମନ୍ଦିରର ବୟାନ', 'ବାଇଶି ପାହାଚରେ ସୁଭଦ୍ରାଙ୍କ କଥା ଓ କବିତାର ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରି ସୁମନ' ଆଦି ବିଭାଗର ଲେଖାଗୁଡ଼ିକରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି। ଏହି ଗ୍ରନ୍ଥଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ ଭକ୍ତିଭାବରେ ଆପ୍ଲୁତ କରିବ ନିଶ୍ଚୟ। ■

### ଭାଷାଞ୍ଜଳି

ଦାଶ ବେନହୁର



ଶବ୍ଦସ୍ୱର୍ଶ
ଭୁବନେଶ୍ୱର
ପ୍ରକାଶ କାଳ : ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ନିଜ ମାତୃଭାଷା ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟକୁ ସ୍ପନ୍ଦିତ କରେ। ସଚେତନଶୀଳ ବ୍ୟକ୍ତିମାନେ ନିଜ ମାତୃଭାଷାକୁ ଭଲ ପାଇବା ସହିତ ତା'ର ସୁରକ୍ଷା, ପ୍ରଚାରପ୍ରସାରକୁ ପ୍ରାଥମିକତା ଦେଇଥାଆନ୍ତି। ମାତୃଭାଷାର ମହନୀୟତା ଓ ମମତ୍ୱବୋଧ ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ଦାଶ ବେନହୁରଙ୍କ 'ଭାଷାଞ୍ଜଳି' ପୁସ୍ତକର କବିତା ଗୁଡ଼ିକରେ। ମାତୃଭାଷା ପ୍ରତି ଛୋଟ ଛୋଟ ପିଲାଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା, ଭାଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ଦୃଢ଼ୀଭୂତ କରିବା, ମାତୃଭାଷା ପ୍ରତି ଅନୁରାଗ ବୃଦ୍ଧି କରିବା, ମମତ୍ୱବୋଧ ଜାଗ୍ରତ କରିବା ପାଇଁ ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରକାରାନ୍ତରରେ ପ୍ରେରଣା ରହିଛି। ମାତୃଭାଷାର ମହତ ରକ୍ଷା ପାଇଁ କବି ସାମାଜିକ ଗଣମାଧ୍ୟମରେ ଲେଖିଥିବା ଏହି କବିତାଗୁଡ଼ିକ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ମାତୃଭାଷା ହେଉଛି ଗୋଟିଏ ଜାତିର ମହକ, ଜାତିର ଗାଥା, ଜାତିର ପରିଚୟ, ମଥାର ମଣି ସ୍ୱରୂପ। ସରଳ ଓ ବୋଧଗମ୍ୟ ଭାଷା, ଛଳ ଛଳ ଭାବ, ମାତୃଭାଷା ପ୍ରତି ମମତ୍ୱବୋଧ ଜାଗ୍ରତ କରିବାର ମହନୀୟ ଚିନ୍ତାଧାରା ଯୋଗୁଁ କବିତାଗୁଡ଼ିକ ଅଧିକ ହୃଦୟସ୍ପର୍ଶୀ ହୋଇଛି। 'ଭାଷାଞ୍ଜଳି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟ ନିଶ୍ଚୟ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଆତ୍ମ ବିଶ୍ଳେଷଣର ବେଳ



ସ୍ୱୟଂପ୍ରଭା ରଥ

ସ୍ୱପ୍ନ କ'ଣ ନୟନ ଶେଜରେ
ଉଷୁମ ନିଦରେ ଶୋଇପଡ଼ିଥିବା ଆଖିର ପାଣି?
ସ୍ୱପ୍ନ ପରା ତିଳ ତିଳ କରି
ନିଜକୁ ନିଃଶେଷ କରି
ମନ ଇଲାକାରେ ନିତି ଆଙ୍କୁଥିବା
ସୁନେଲି ରାଇଜ
ତୁଷାରଠୁ ମସୃଣ ରୁପେଲି କାହାଣୀ !

ଏମିତି ତାକୁ ଯଦି ଭାଙ୍ଗିବାର ଥିଲା
କାହିଁକି ବଳୀ ପଡ଼ିଗଲା
କଞ୍ଚା ନିଦରୁ ଉଠିଥିବା କୋମଳ ତାରୁଣ୍ୟ
ସବୁଜେଇଯିବା ବୟସରେ କାହିଁ
କାରୁଣ୍ୟରେ ଲିଭିଯାଏ ଦୀପ୍ତ ଅରୁଣ!
ଖଡ଼ ଖଡ଼ କଲେ ଯେବେ କବାଟ ନଖୋଲେ
ତାକୁ ଚିତ୍କାର କରିବାକୁ ହେବ
ଶବ୍ଦ, କବିତା ହାର ମାନିବାକୁ ଅସ୍ୱୀକାର କରନ୍ତି
ତାକୁ ନେଇ ଆଗକୁ ବଢ଼ିବାକୁ ହେବ
ସେ'ଦେଶ ଭକ୍ତ, ଦେଶଦ୍ରୋହୀ ତ ନୁହେଁ!
ଦେଶ ପାଇଁ ପ୍ରାଣବଳୀ ଦେଇପାରିବ
କିନ୍ତୁ ଭ୍ରଷ୍ଟାଚାରରେ ତିଆରି ପୋଲରେ ଚାପି ହୋଇ ନୁହେଁ!

ପରୀକ୍ଷା ଆଗରୁ ପ୍ରଶ୍ନପତ୍ର ଆସି ବଜାରରେ
ଜଙ୍ଗଲ କଟି ଯାଉଛି, ପର୍ବତ ଭାଙ୍ଗିଯାଉଛି
ବିଷାକ୍ତ ରାସାୟନ ଆସି ମିଶିଯାଉଛି ନଦୀର ଜଳରେ!
ଏସବୁ ବିରୁଧରେ ସ୍ୱର ଉତ୍ତୋଳନ କରିବା
କ'ଣ ଦେଶଦ୍ରୋହ?
ଦେଶପ୍ରେମ ନୁହେଁ?

ଦିନ ଦ୍ୱିପ୍ରହରେ ନାବାଳିକାକୁ ଗଣ ଦୁଷ୍କର୍ମ କରିଥିବା
ଜଘନ୍ୟ ଅପରାଧୀ ଆସି ଖୋଲାରେ ବୁଲୁଛି ରାଜରାସ୍ତାରେ
ଦରିଦ୍ର୍ୟରେ, ଆଣ୍ଠୁଏ ପାଣିରେ କାହାଘରେ
ଚାରିଦିନ ହେଲା ଚୂଲି ଜଳିନାହିଁ!
ଅଥଚ ପୁଞ୍ଜିପତି, ନେତା
ଗୋଲାପ ଶେଜରେ, ଗହଳ ନିଦରେ
କୀଟ ପତଙ୍ଗଙ୍କ କଥା ଶୁଣିବାକୁ
ସେମାନଙ୍କର ବା ବେଳ କାହିଁ?
ସମୟରେ ଟ୍ୟାକ୍ସ ଦେଉଥିବା ଲୋକଙ୍କର
କ'ଣ କିଛି କହିବାର ବି ଅଧିକାର ନାହିଁ?
ନିଜ ଭାଗର ନ୍ୟାୟ ଟିକିଏ
ମାଗିବା କ'ଣ ଦେଶଦ୍ରୋହ ?
ଦେଶପ୍ରେମ ନୁହେଁ?

ଆଜି ବିଚାର କରିବାର ବେଳ
ଆତ୍ମ ବିଶ୍ଳେଷଣର ବେଳ!
ମୌନ ମୂକ ପାଷାଣର ଜଡ଼ତା ଛାଡ଼ି ବଞ୍ଚିବାର ବେଳ!
ଧୂଆଁଳିଆ ଦିନର ସୂର୍ଯ୍ୟ ଅପସରି ଯାଉ
ଦିନ ଦିନର ଅନ୍ଧକାର ପୋଛି
ରାତ୍ରୀ ଜ୍ୟୋତ୍ସ୍ନାସ୍ନାତା ହେଉ
ନୂତନ ସମ୍ଭାବନାର ସୂର୍ଯ୍ୟ ଉଇଁଆସି
ପୂର୍ବାକାଶକୁ ଝଟକେଇ ଦେଉ
ଆସ ଆମେ ସ୍ୱାଗତ କରିବା
ଆଉ ଏକ ନୂତନ ସକାଳ !! ■

ଫ୍ଲାଟ୍ ନମ୍ବର -୫୧୩
୭୮ ଡ୍ରିମ୍ସ ଆପାର୍ଟମେଣ୍ଟ
ଘାଟିକିଆ, ଭୁବନେଶ୍ୱର
ମୋ: ୯୪୩୭୪୬୨୮୧୨

## ହରତାଳ



ଯାଦବେନ୍ଦ୍ର ସାହା

ଦେଖୁନ, ମୋର ପୁଣି ଗୋଟେ ଇଚ୍ଛା
ଖୁବ୍ ସାଧାରଣ ଭାବରେ
ହରତାଳରେ ସାମିଲ ହେବାଟା,
ହେଲେ ମୁଁ କେମିତି ଜାଣୁନି ଯେ'
ମଝି ରାସ୍ତାର ଲାଠି ମାଡ଼ରେ
ମୁଣ୍ଡରୁ ଝରଝର ରକ୍ତ ଦେବାକୁ ହେବ।

ପୁଣି କିଛି ହୋ ହାଲ୍ଲା ହେବ, କାନ୍ଦ ବୋବାଳି ହେବ
କିଛି ବନ୍ଧୁଙ୍କ ଭିତରେ ବ୍ୟସ୍ତତା,
ପୁଣି କାହାରି ମନରେ ଚିନ୍ତା ଉଠିବ
ମୋର ରକ୍ତ ନିଥିରି ପଡୁଥିବା ଚିତ୍ରକୁ ଚାହିଁ।

ମୁଁ ମୋ ସ୍ତ୍ରୀକୁ କହିଛି, ଆଦୌ କାନ୍ଦିବୁନି
ମୋର ଯଦି କିଛି ହେଇଯାଏ -
ଯେତିକି ପାରିଛି ପ୍ରେମ ଦେଇଛି,
ସେତିକି ସମ୍ଭାଳି ନେବୁ ଯତନେ
ବାସ ! ଲୁହ ଢାଳି ଦେବୁ କେଇଟା ଦିନ...

ମୋର ବୁଢ଼ା ବାପାକୁ ବୁଝାଇ ଦେଇଛି-
ବାପା ! ଏ ଏକ ସବୁଦିନିଆ ଘଟଣା
ଜମା ମନ ଊଣା କରିବନି,
କେତେ ଥର ବୁଝେଇଛି ବି କେତେଥର
ଭିନ୍ନଭିନ୍ନ ବାଗରେ...

ତଥାପି, ମାଆ ମୋର ରାଗ କରେ
ମୋର ଏଭଳି କଥା ଶୁଣି ଦେଲେ
କୁହେ- ପୁଅ !
କେବେ ଏମିତି କହିବୁନି ?
ମୋ' ଛାତି ଭିତରେ କ'ଣ ଗୋଟେ ଧଡ଼ଧଡ଼ ଶୁଭେ।

ମୁଁ ତା' କଥା ଶୁଣି ହସେ ଓ କୁହେ -
ଶୁଣିଛୁ !
ଦିନେ ଗାନ୍ଧିଜୀଙ୍କ ମୁଣ୍ଡରୁ ବି କୁଆଡ଼େ
ଝର ଝର ରକ୍ତ ଝରିଛି ଲୋ ମାଆ ! ■

ବୋରିଙ୍ଗପଦର, କେସିଙ୍ଗା
କଳାହାଣ୍ଡି
ମୋ: ୯୯୩୮୭୧୧୭୦୫






# "ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ"



ପ୍ରହଲ୍ଲାଦ ଶତପଥୀ

ପ୍ଲାଟୋଙ୍କ ଉକ୍ତିରୁ ଆରମ୍ଭ କରାଯାଇପାରେ କବିତାର ଯାତ୍ରା।

"Every heart sings a song, incomplete until another heart whispers back. Those who wish to sing always finds a song. At the touch of a lover, everyman becomes a poet."

ଯିଏ ଗୀତ ଗାଇବାକୁ ଚାହେଁ, ସର୍ବଦା ଗୀତଟିଏ ପାଇଯାଏ। ପ୍ରେମାସ୍ପଦର ସ୍ପର୍ଶ ପାଇଲେ, ପ୍ରତ୍ୟେକ ମଣିଷ କବି ପାଲଟି ଯାଏ। ମୋ' କ୍ଷେତ୍ରରେ ସେଇମିତି ଘଟିଛି। ଯେମିତି ବିଧିବଦ୍ଧ ଯୋଜନା ପ୍ରେମ ପାଇଁ ନ ଥିଲା, କବିତା ଲେଖା ବି ଆକସ୍ମିକ ଥିଲା। ହଠାତ୍ କବିତାର ପ୍ରେମରେ ପଡ଼ିଲି। ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ। କବି ମାଧ୍ୟମଟିଏ।

ହଁ, କବିତା ମୋ' ପାଇଁ ଏକ ସୁନ୍ଦର ଆକସ୍ମିକ। ମୁଁ କେବଳ ମାଧ୍ୟମ ଟିଏ। ମୁଁ ନିଜେ ହିଁ ସେଇ କବିତା ଯାହାକୁ ମୁଁ ଲେଖି ଚାଲିଛି ଅନବରତ।

ମୋର ବିଶ୍ୱାସ କବିତା ଶବ୍ଦ ହୋଇ, ଧ୍ୱନି, ରୂପକଳ୍ପ ହୋଇ ଥାଏ କୋଉଠି ନା କୋଉଠି। କବିତା ଲେଖିଲା ବେଳେ ସେମାନେ କବି ପାଖକୁ ଆସନ୍ତି, ଓ ଲେଖା ସରିଲା ପରେ ଚାଲି ଯାଆନ୍ତି ଯିଏ ଯାର ଜାଗାକୁ। କବିତା ଲେଖା ଜାରି ଥାଏ।

ପ୍ରକୃତରେ କବିତା କ'ଣ ଭାଷାରେ ସୀମିତ ଥାଏ?

କବିତା ଘୂରୁ ଥାଏ ନିମଗ୍ନ ହୋଇ କେଉଁ ଏକ ଘୂର୍ଣ୍ଣି ଝଡ଼ରେ, ଧୂଳିର ପ୍ରତିଟି ଅଣୁରେ, ପବନ ସହ ତାଳ ଦେଇ ନାଚୁ ଥାଏ, ଡାଳ ପତ୍ର ସନ୍ଧି ରେ, ନିର୍ଦ୍ଦିଷ୍ଟ କେଉଁ ଏକ ରିୟାଜ୍‌ରେ, ନୀରବରେ, ତପସ୍ୱୀ ପରି, ଗଛ ବସିଥିବା ବେଳେ, ଯୋଗ ମୁଦ୍ରାରେ।

ମୁଁ ଲେଖୁ ନ ଥିବା ବେଳେ, କ'ଣ କବିତା ଲେଖା ଚାଲିନି?

ମୁଁ ଯାହାକୁ ଅନାଉଛି, ତା' ଆଖିରେ କବିତା ଦେଖୁଛି। କୋଦାଳ ନେଇ ମାଟି ହାଣୁଥିବା ହାତ, ଚାରା ରୋପୁଥିବା ଆଙ୍ଗୁଳି, ଫୁଲ ଫୁଟଉଥିବା ଗଛ, ପତ୍ରରେ ନିଜସ୍ୱ ଅଙ୍ଗ ପ୍ରତ୍ୟଙ୍ଗକୁ ଢାଙ୍କୁ ଥିବା ନଙ୍ଗଳା ଡାଳ, ନୂଆଁ ହୋଇ ଉଡ଼ି ଶିଖୁଥିବା ପକ୍ଷୀ, ମାଟି ଭିତରକୁ ପଶୁଥିବା କୀଟ, ଗୋଟାଏ ଉଦାସ ସନ୍ଧ୍ୟାକୁ କୂଳରେ ଅପେକ୍ଷା କରିଥିବା ନଈ, ଦିଓଟି ପାହାଡ଼ ସନ୍ଧିରେ ଉଦିବାକୁ ଥିବା ସୂର୍ଯ୍ୟ, ରାବିବାକୁ ଉଦ୍ୟମରତ ପକ୍ଷୀ, ସଭିଁଏ କବିତା ଯେଉଁମାନଙ୍କୁ ମୁଁ ଲେଖିନି, ଅଥଚ ସେମାନେ କବିତା ନିଜ ନିଜ ବାଗରେ।

କବିତା ନୂଆଁ ଦୃଷ୍ଟିକୋଣ ଦିଏ। ସାଧାରଣ ଘଟଣାକୁ ଅସାଧାରଣ କରିପାରେ। କବିତା ଜରିଆରେ ନକରାତ୍ମକ ଆବେଗ ସବୁ ସକରାତ୍ମକ ଅନେକାଂଶରେ ହୋଇପଡ଼େ ଓ ମନ ହାଲୁକା ହୋଇପଡ଼େ। କବିତା ମଣିଷ ଭିତରେ ସମବେଦନା ଜାଗ୍ରତ କରେ।

ଦୃଶ୍ୟମାନ ଜଗତ ପଛର ଅଦୃଶ୍ୟ ସତ୍ୟକୁ କବିତା ମାଧ୍ୟମରେ ଖୋଜିହୁଏ। ଏକାକୀପଣରୁ ମୁକ୍ତି ଦିଏ ଓ ସମ୍ପର୍କରେ ସେତୁ ତିଆରି କରେ। ଶବ୍ଦ ସେତୁ ସଦୃଶ ମଣିଷ ମଣିଷ ଭିତରେ, ଜୀବନ ଓ ଜୀବନ ଭିତରେ ସବୁବେଳେ ରହିଥାଏ। କବିତା ସମୟର ସାକ୍ଷୀ।

ମୁଁ କେବେବି ପଚାରିନି କବିତାକୁ, ଏତେ ଲୋକ ଥାଉ ଥାଉ ମୋତେ କିଆଁ ମାଧ୍ୟମ କଲା। ତେବେ କବିତା ଜରିଆରେ ମୁଁ ମୋର ଶାବ୍ଦିକ କୃତଜ୍ଞତା, ମଣିଷ ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସଭିଙ୍କୁ ଜଣେଇବାର ସୁଯୋଗ ପାଇଲି। ହୃଦୟରେ ଅନ୍ୟ ଏକ ହୃଦୟକୁ କେମିତି ରୋପି ଦିଆଯାଇପାରେ, କବିତା ଶିଖେଇଲା। ବିଶ୍ୱାସ ଟିକକ ଛାତିରେ ଅଙ୍କୁରେଇବାର ପ୍ରଚେଷ୍ଟା ଜାରି ଥାଉ, ସେଇଥି ପାଇଁ ହୁଏତ କବିତାର ପାଖେ ପାଖେ ରହିଛି। କଳା ଜହ୍ନଟିଏ ମାଡ଼ି ଯାଉଛି ଆଗକୁ, ତା' ପାଇଁ ଅଙ୍କୁରେଇବାକୁ ହେବ ଦାନା, ନଙ୍ଗଳା ବୁଭୁକ୍ଷିତ କଙ୍କଡ଼ା ବିଛାମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ କନା, ଲହ ଲହକା ଲହଁପି ଯାଉଥିବା ଅଙ୍ଗ ପ୍ରତ୍ୟଙ୍ଗମାନଙ୍କ ପାଇଁ ଛାଉଣି, ଶିଶିର ପାଇଁ ଅଙ୍କୁରେଇବାକୁ ହେବ ଦୁବଘାସର ହୃଦୟ। ରାତି ଅଧରେ ରାସ୍ତାରେ ଚରି ବୁଲୁଥିବା ଭୟମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ ବିଶ୍ୱାସ।

ବେଳେବେଳେ ମନରେ ପ୍ରଶ୍ନ ଆସେ, ଆମେ କାହିଁକି ଲେଖୁ, ଯେତେବେଳେ ଲେଖିବା ନ ଲେଖିବା ଏକା ପରି ଲାଗୁଛି। ସହରଟିଏ ଅନ୍ଧ ମୂକ ବଧିର ସାଜୁଛି, ଯେତେବେଳେ ଉଜୁଡ଼ି ଯାଉଛି କ୍ଷେତ, ସବୁଜ ପତ୍ର ସବୁକୁ ଚରି ଯାଉଛନ୍ତି ପୋକ, ଯେତେବେଳେ ବର୍ବର ହାତ ଅଲଗା କରି ଦେଉଛି ସର୍ବାଙ୍ଗ, ଆଖି ଓଠ ହୃତପିଣ୍ଡ। ଆମେ କାହିଁକି ଲେଖୁଛୁ ଯେତେବେଳେ ଲୋକେ ଅକ୍ଷର ଭୁଲିଗଲେଣି ଶବ୍ଦର, ଭାଷା ଭୁଲିଗଲେଣି କବିତାର। ଗଜୁରିବାର ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ କରୁଛନ୍ତି ଚାରାକୁ, ରୋପିବାର ମନ୍ତ୍ର ଭୁଲିଗଲେଣି, ତିରସ୍କାର କରି ବସିଲେଣି ଦୋରସା ମାଟିର ମହନୀୟତାକୁ। ଆମେ କାହିଁକି ଲେଖୁଛେ?

ଯେତେବେଳେ ଉପଭୋକ୍ତା ସଂସ୍କୃତିର ବିରାଟ ଆଁ ଭିତରକୁ ପଶି ସବୁକିଛି କ୍ଷଣିକେ ଲୀନ ହେଇ ବସୁଛି।। ଜଣେ ଶିଳ୍ପପତିଙ୍କ ଚାରି ହଜାର କୋଟିର କୋଠା, ସେପଟେ ହଜାର ହଜାର କୋଟିର ନିଦୁଆ ଆଖିପତା, ଡ୍ରଇଂ ରୁମ୍ କାନ୍ଥରେ ପୁଞ୍ଜିବାଦର ସାଇତା ଜଳପ୍ରପାତ, ଗୋଟାଏ ପଟେ ପଞ୍ଚାବନ ପ୍ରତିଶତ ଲୋକଙ୍କ ମୁଣ୍ଡ ପିଛା ଖର୍ଚ୍ଚ ମାତ୍ର ସତର, ସେପଟେ ଦ୍ୱୈତ ଅର୍ଥନୀତି, ଦାରିଦ୍ର୍ୟର ସୀମାରେଖା ଟପି ପାରୁ ନ ଥିବା ହସ, ବଜାରୀକରଣର।

ଆମେ କାହିଁକି ଲେଖୁଛେ, ଯେତେବେଳେ ଗମଲାରେ ପାହାଡ଼ଗୁଡିକକୁ ସଜାଉଛି ରାଜ୍ୟ, ସେଲୁନରେ ଗଛମାନଙ୍କୁ ଟ୍ରିମିଂ କରୁଛି ରାଜଧାନୀ। ଯେତେବେଳେ ଅଧିବାସୀ ଜଳ ଜମି ଜଙ୍ଗଲକୁ ନେଇ ସରକାର ବିରୁଦ୍ଧରେ ଯୁଦ୍ଧ ଘୋଷଣାରତ ଏକ ଲତୁଆ ଅପଶବ୍ଦ।

ଏମିତି ଏକ ବାସ୍ତବିକତା ସହ ମୁଁ ଆମେ ସଭିଏଁ ଯୁଝୁଥିବା ବେଳେ, ଯଦି କବିଟିଏ ଓଠ ପିଠିରେ ଜହ୍ନ ନେଇ ଫେରୁଛି ଓ ଓହ୍ଲେଇ ଦେଉଛି ଆକାଶ, ଛାଟି ଦେଉଛି ଇନ୍ଦ୍ରଧନୁର ତମ୍ବୁ, ଶବ୍ଦର ଚଞ୍ଚୁ ଘସା ଘଷି ରେ ପାହି ଯାଉଛି ରାତି, ଶୁଣୁଛି ସକାଳ ନଈର, କାକଳିର, ଶୁଣୁଛି ସକାଳ କଲ୍ଲୋଳର ଓ କହୁଛି, ଶବ୍ଦ ବି ଭୋକ ମେଣ୍ଟାଇ ପାରେ ଗୋଟାଏ ସଭ୍ୟତାର, ଖାଲି ଶବ୍ଦ ପ୍ରତି ସଭ୍ୟତାର ଭୋକ ଥିବା କଥା, ତାକୁ ପଚାରନା, ସେ କାହିଁକି ଲେଖେ? ■

ଟିକ୍ରାପରା,
ପୋ/ଜି: ବଲାଙ୍ଗୀର, ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ଜେଏନ୍‌ୟୁରେ 'ଆଦିକବି ସାରଳା ଦାସ ଚେୟାର' ଦିଶାହୀନ

- ପ୍ରାଧ୍ୟାପକ ନ ଥିବାରୁ ୭ ମାସ ହେଲା କାର୍ଯ୍ୟକ୍ଷମ ହେଉନି
- ୫ କୋଟି ୫୬ ଲକ୍ଷ ଅନୁଦାନ ପାଇଁ କୁଳପତିଙ୍କ ଅନୁରୋଧ
- ଅନ୍ଧାରରେ ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ଏମ୍‌ଓୟୁର ଭାଗ୍ୟ

ଭୁବନେଶ୍ୱର,୧।୮ (ସମିସ): ଦେଶର ଅନ୍ୟତମ ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ଗବେଷଣାକୁ ଜାତୀୟ ସ୍ତରରେ ସୁଦୃଢ଼ କରିବା ପାଇଁ 'ଆଦିକବି ସାରଳା ଦାସ ଚେୟାର୍ ଅଫ୍ ଓଡ଼ିଆ ଷ୍ଟଡିଜ୍' ସ୍ଥାପନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଆର୍ଥିକ ସହଯୋଗରେ ୨୦୧୬ରେ ଏହି ଚେୟାରକୁ ଅନୁମୋଦନ ମିଳିଥିବା ବେଳେ ୨୦୧୭ ଡିସେମ୍ବରରୁ କାର୍ଯ୍ୟକ୍ଷମ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଲୋକପରମ୍ପରା ଓ ଐତିହ୍ୟ ଉପରେ ଉଚ୍ଚସ୍ତରୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ମାତ୍ର ଆର୍ଥିକ ପ୍ରୋତ୍ସାହନ ଅଭାବ ଏବଂ ପ୍ରାଧ୍ୟାପକ ନଥିବାରୁ ଏହା ଏବେ ଲକ୍ଷ୍ୟଭ୍ରଷ୍ଟ ହେବା ସ୍ତରରେ ଉପନୀତ ହୋଇଛି।

ତତ୍କାଳୀନ ସରକାର ଏହି ଚେୟାର ପାଇଁ ୪ କୋଟି ୪୪ ଲକ୍ଷ ଟଙ୍କା ଅନୁଦାନରେ ଏକ କର୍ପସ ପାଣ୍ଠି ଗଠନ କରିଥିଲେ। ଏଥିରୁ ମିଳୁଥିବା ସୁଧରେ ଚେୟାର କାର୍ଯ୍ୟକ୍ଷମ ହେଉଥିଲା। ସମ୍ପ୍ରତି ସୁଧହାର କମିଥିବାବେଳେ ଦରମା ବୃଦ୍ଧି କାରଣରୁ ଅନୁଦାନ ନିଅଣ୍ଟ ହୋଇଛି। ଅପରପକ୍ଷରେ ବିଭିନ୍ନ ଭାଷା ପାଇଁ ଅନ୍ୟ ରାଜ୍ୟର ସରକାରମାନେ ଅଧିକ ଅନୁଦାନ ଦେଇଛନ୍ତି। କନ୍ନଡ ଚେୟାର, ମହାରାଷ୍ଟ୍ରର ୨ଟି ଚେୟାର, ଅସାମୀୟାର ଶଙ୍କରଦେବ ଚେୟାର ପାଇଁ ସେହି ରାଜ୍ୟର ସରକାର ପ୍ରାୟ ୧୦ରୁ ୧୫ କୋଟି ଲେଖାଏଁ ଅନୁଦାନ ଦେଇଛନ୍ତି। ଏଣୁ ସାରଳା ଦାସ ଚେୟାର୍‌କୁ ସୁପରିଚାଳନା କରିବା ପାଇଁ ଆଉ ୫ କୋଟି ୫୬ ଲକ୍ଷ ଟଙ୍କାର କର୍ପସ ଫଣ୍ଡ ପ୍ରଦାନ କରିବାକୁ ଜେଏନ୍‌ୟୁ କୁଳପତି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ମାତ୍ର ଏବେଯାଏଁ ଓଡ଼ିଶା ସରକାର ଏହାକୁ ଅନୁଦାନ ଦେବା ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ଚେୟାର କାର୍ଯ୍ୟକ୍ଷମ ହୋଇପାରିନାହିଁ।

ଅପରପକ୍ଷରେ ଏହି ଚେୟାର ଏବେ ମୁରବୀଶୂନ୍ୟ ହୋଇପଡ଼ିଛି। ପ୍ରାଧ୍ୟାପକ ଭାବେ ଡ. ଉଦୟନାଥ ସାହୁ ଡିସେମ୍ବର ୨୦୨୫ରେ ଅବସର ନେଇ ସାରିଥିବାବେଳେ ଦୀର୍ଘ ୭ ମାସ ହେବ ନୂତନ ନିଯୁକ୍ତି ହୋଇନାହିଁ। ପ୍ରାଧ୍ୟାପକ ପଦ ଖାଲି ପଡ଼ିଥିବାବେଳେ ମଞ୍ଜୁରୀପ୍ରାପ୍ତ ଜଣେ ସହକାରୀ ପ୍ରାଧ୍ୟାପକ, ଜଣେ କମ୍ପ୍ୟୁଟର ସହାୟକ ଓ ଜଣେ ଅଫିସ୍ ସହାୟକଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇଛି। ଫଳରେ ଅନୁଦାନ ଅଭାବ ଓ ପ୍ରାଧ୍ୟାପକ ନଥିବାରୁ ସାରଳା ଦାସ ଚେୟାରେ ଏବେ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଛି।

ଅନୁରୂପ ଭାବେ ଜେଏନ୍‌ୟୁରେ ଓଡ଼ିଆ ଭାଷାର ଏକ ସ୍ପେଶାଲ୍ ସେଣ୍ଟର ବା ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ହୋଇଥିଲା। ୨୦୨୪ରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମୟରେ ଏମ୍‌ଓୟୁ ହୋଇଥିଲେ ମଧ୍ୟ ରାଜ୍ୟରେ ନୂତନ ସରକାର ଆସିବା ପରେ ଏହାକୁ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଇ ନାହାନ୍ତି। ଫଳରେ ଦିଲ୍ଲୀରେ ଓଡ଼ିଆ ଭାଷା ପଢ଼ିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ମଧ୍ୟ ସ୍ୱପ୍ନ ହୋଇ ରହିଛି। ଦେଶ ଓ ବିଶ୍ୱରେ ଓଡ଼ିଆ ଭାଷାର ଲୋକପ୍ରିୟତା ପାଇଁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସରକାର ତୁରନ୍ତ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଅନ୍ତୁ। ଆର୍ଥିକ ଅନୁଦାନ ସହିତ ପ୍ରୋତ୍ସାହନ, ଉଦ୍ୟମ ଓ ସହଯୋଗ ବିନା ଓଡ଼ିଆ ଭାଷା ପରିଚିତି ଲାଭ କରି ପାରିବ ନାହିଁ ବୋଲି ଶିକ୍ଷାବିତ ଓ ଭାଷାପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।

## ଶାଳୀନତା ଭୁଲିଗଲେ ଯୋଗାଣ ମନ୍ତ୍ରୀ: ସର୍ବସମ୍ମୁଖରେ ଅଧିକାରୀଙ୍କୁ କହିଲେ ଅପଶବ୍ଦ

ଢେଙ୍କାନାଳ,୧।୮ (ସମିସ): ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବିବାଦ ପିଛା ଛାଡୁନି। ଅତୀତରେ ଆଳୁ, ପିଆଜ ଦର ବୃଦ୍ଧି ଓ ଯୋଗାଣ ସଂକଟ, ପିଡିଏସ୍ ସାମଗ୍ରୀ ବଣ୍ଟନ ଅନିୟମିତତା, ଚାଷୀ ପଞ୍ଜୀକରଣ, ଇ-କେୱାଇସି, ସାର ସଂକଟ ଆଦି ବିଭିନ୍ନ ପ୍ରସଙ୍ଗରେ ବାତୁଳା ମନ୍ତବ୍ୟ ଦେଇ ସମାଲୋଚନାର ଶୀକାର ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ପୁଣି ଚର୍ଚ୍ଚାକୁ ଆସିଛନ୍ତି।

ସେ ନିଜ ଶାଳୀନତା ଭୁଲି ସର୍ବସମ୍ମୁଖରେ ଦୁଇ ବରିଷ୍ଠ ଅଧିକାରୀଙ୍କୁ ଅପଶବ୍ଦ ପ୍ରୟୋଗ କରିଥିବା ଭଳି ସଙ୍ଗୀନ ଘଟଣା ସାମ୍ନାକୁ ଆସିଛି। ମନ୍ତ୍ରୀ ଶ୍ରୀ ପାତ୍ର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ 'ଚୁପ୍ ବେ' ବୋଲି କହିବା ସହ ବଦଳି କରିଦେବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକର ପିଇଓମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ କାଇମାଟି ପଞ୍ଚାୟତ ଗହମଖୁଣ୍ଟି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଖବର ପାଇ ମନ୍ତ୍ରୀ ସମୀକ୍ଷା କରିବାକୁ ସେଠାକୁ ଯାଇଥିଲେ। ଗରିବ ତଥା ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ଜାଣିବା ପରେ ସେ ବିଡିଓ ରାହୁଲ ମଣ୍ଡଳ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ତାଗିଦ କରିଥିଲେ। ଏପରିକି ଗ୍ରାମବାସୀଙ୍କ ସମ୍ମୁଖରେ ବିଡିଓଙ୍କୁ ବଦଳି କରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ।

ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଲେ, ଆମେ ଚାହୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗରିବ ଲୋକମାନେ ପାଆନ୍ତୁ। ଗରିବ ଲୋକଙ୍କ ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। କିନ୍ତୁ ସର୍ଭେ ସମୟରେ ଅଧିକାରୀମାନେ ଭୁଲ୍ କରିଛନ୍ତି। ସେଥିପାଇଁ ତାଗିଦ କରିଥିବା କହିଥିଲେ।

# ଏସ୍‌ଆଇଆର୍ -୨୦୨୬: ଦାବି ଓ ଆପତ୍ତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୧।୮ (ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଆଜି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍ ରେ ପ୍ରକାଶ ପାଇଛି। ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୂକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର୍. ଏସ୍. ଗୋପାଳନଙ୍କ ଅନୁରୋଧ କ୍ରମେ, Registration of Electors Rules, 1960ର Rule 12 ଅନୁଯାୟୀ ଭାରତ ନିର୍ବାଚନ ଆୟୋଗ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖକୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ବର୍ଦ୍ଧିତ ସମୟସୀମାର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା କିମ୍ବା ଆବଶ୍ୟକ ସଂଶୋଧନ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହିମସ୍ଖଳନରେ ଚାଲିଗଲା...

ନିର୍ମଳ ପୁର୍ଜା ଦୁଇ ହଜାର ଉଣେଇଶ ମସିହାରେ ପୃଥିବୀର ୮ ହଜାର ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ସମସ୍ତ ୧୪ଟି ଶିଖରକୁ ମାତ୍ର ଛଅ ମାସରେ ଆରୋହଣ କରି ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ। ପରେ ତାଙ୍କ ଏହି ଅସାଧାରଣ ସଫଳତା ଉପରେ ନିର୍ମିତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଲୋକପ୍ରିୟତା ଲାଭ କରିଥିଲା। ଶୀତକାଳରେ ବିଶ୍ୱର ଦ୍ୱିତୀୟ ଉଚ୍ଚତମ ଶିଖର କେ-ଦୁଇକୁ ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ନେପାଳୀ ଦଳ ସହ ଆରୋହଣ କରିଥିବା ବୀରମାନଙ୍କ ମଧ୍ୟରେ ମଧ୍ୟ ସେ ଥିଲେ। ନିର୍ମଳ ପୁର୍ଜାଙ୍କ ଅକାଳ ବିୟୋଗକୁ ପର୍ବତାରୋହଣ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କୁହାଯାଉଛି। ସାହସ, ଦୃଢ଼ ସଙ୍କଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତିର ପ୍ରତୀକ ଭାବେ ପରିଚିତ ଏହି ମହାନ ପର୍ବତାରୋହୀଙ୍କ ସ୍ମୃତି ବିଶ୍ୱ ପର୍ବତାରୋହଣ ଇତିହାସରେ ସଦା ଅମର ରହିବ।

## କମୁଛି ପାଣି...

ବନ୍ୟାର ଆଶଙ୍କା ନଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ତେବେ ମହାନଦୀର ବନ୍ୟା କାରଣରୁ ବାଙ୍କୀ, ଖୋର୍ଦ୍ଧା, କଣାସ, ନିମାପଡ଼ା, ଗୋପ ପରି ବ୍ଲକର ଅନେକ ପଞ୍ଚାୟତରେ ପାଣି ପସିଥିବାରୁ ଲୋକେ ପ୍ରଭାବିତ ହୋଇଛନ୍ତି। ତେବେ ମହାନଦୀରେ ଇନଫ୍ଲୋ ବର୍ତ୍ତମାନ ପ୍ରାୟ ୨ ଲକ୍ଷ ୮୪ ହଜାର କ୍ୟୁସେକ ଥିବା କାରଣରୁ ଆଉ ବନ୍ୟା ଆଶଙ୍କା ନଥିବା କୁହାଯାଉଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଦିଲ୍ଲୀପ ରାଉତ କହିଛନ୍ତି ଯେ ମହାନଦୀରେ ବର୍ତ୍ତମାନ ବନ୍ୟାର ଆଶଙ୍କା ନାହିଁ। ହୀରାକୁଦ ବନ୍ଧ ପାଇଁ ଚଳିତ ବର୍ଷ ଏକ ବଡ଼ ବନ୍ୟା ଦାଉରୁ ଆମେ ରକ୍ଷା ପାଇଛନ୍ତି। ଆମେ ଧୈର୍ଯ୍ୟର ସହ ହୀରାକୁଦ ବନ୍ଧର ପରିଚାଳନା କରିଥିଲୁ। ଯାହାଫଳରେ ଆମେ ତଳମୁଣ୍ଡରେ ବନ୍ୟାକୁ ଏଡ଼ାଇ ଦେଇପାରିଛୁ। ହୀରାକୁଦରେ ଏବେ ୬୨୫ .୨୧ ଫୁଟ ପାଣି ଅଛି। ଉପରମୁଣ୍ଡରୁ ମଧ୍ୟ ପାଣି କମିଛି। ଗତକାଲି ୨୨ ଗେଟ ଖୋଲା ଥିଲା । ଦୁଇ ଦିନ ଯାଏଁ ଆଉ ଗେଟ ବନ୍ଦ ହେବନି। ଆସନ୍ତା ୩ ତାରିଖ ବେଳକୁ ଏହା ୬୨୮ ଫୁଟକୁ ଜଳସ୍ତର ଖସିବା ନେଇ ଆମେ ଲକ୍ଷ୍ୟ ରଖିଛୁ। ତେବେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବନ୍ୟାରେ ମୋଟ ୯ଟି ଜିଲ୍ଲାର ୪୫ ଟି ବ୍ଲକ୍ ଅନ୍ତର୍ଗତ ୩୩୧ ଟି ଗ୍ରାମ ପଞ୍ଚାୟତର ୧୩୪୧ ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ତା ମଧ୍ୟରେ ୪୮୮୬୮ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବରେ ୫ ଟି ବଡ଼ ପ୍ରାଣୀ, ୧୨୦ ଟି ଛୋଟ ପ୍ରାଣୀ ଓ ୮୦୯୦୦ ଟି କୁକୁଡ଼ାଙ୍କର ମୃତ୍ୟୁ ଘଟିଛି। ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡିକୁ ୮୦୦ ମେଟ୍ରିକ ଟନ ଗୋ ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୭୩.୨ କ୍ୱିଣ୍ଟାଲ ସବୁଜ ଘାସ ଏବଂ ୧୩.୯ କ୍ୱିଣ୍ଟାଲ ଶୁଖିଲା ଘାସ ଓ ନଡା ବଣ୍ଟନ କରାଯାଇଛି। ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ପାଇଁ ୫୮ ଟି ରାପିଡ୍ ରେସପନ୍ସ ଟିମ ମୁତୟନ କରାଯାଇଥିବା ବେଳେ ୨୪୫ ଟି ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇ ୧୫୧୭୯ ଟି ପ୍ରାଣୀଙ୍କର ଚିକିତ୍ସା କରାଯାଇଛି ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୯୩ ପ୍ରତିଶତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଥିବା ଶକ୍ତି ବିଭାଗ ସୂଚନା ଦେଇଛି। ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି ବୋଲି ସୂଚନା ମିଳିଛି।

## ହୀରାକୁଦର ୨୨ ଗେଟ୍...

ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୫୩,୬୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୨୮୪୮୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୪୦୨୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୯,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୯୧,୫୦୦ କ୍ୟୁସେକ୍, ଖଇରମାଳଠାରେ ୫,୩୪,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୭୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୫,୫୯,୩୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୧୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୨୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

## ଆକାଶମାର୍ଗରୁ ବନ୍ୟା...

କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି। ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ, ୭ଟି ଏନଡିଆରଏଫ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ। ବନ୍ୟା ପ୍ରପୀଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି। କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ୍ୟ କଡା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ।

## ପିଏମ୍‌ଙ୍କ ବାସଭବନ...

ପୁନାୱାଲା ସୋସିଆଲ ମିଡିଆରେ ଭିଡିଓ ଜାରି କରି କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀଙ୍କୁ ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ କୌଣସି ଆଇନଗତ କାଗଜପତ୍ର ବିନା ତାଙ୍କୁ ଘରେ ଅଟକ ରଖାଯାଇଛି। ଗାନ୍ଧୀ ସ୍ମୃତି ପୀଠ ପର୍ଯ୍ୟନ୍ତ ଏକାକୀ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଓ ଏକଦିନିଆ 'ମୌନ ବ୍ରତ' ସହ ଅନଶନ କରିବା ପାଇଁ ସେ ଯୋଜନା କରିଥିଲେ। ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ଏହି ପଦକ୍ଷେପ ନେଇଥିବା କହିଛି।

## ପୋଖରୀକୁ ବାଇକ୍...

ପୋଖରୀ ଭିତରକୁ ଖସିପଡ଼ିଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ବାଇକ୍‌ରେ ଥିବା ତିନିଜଣ ଯୁବକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରୁ ମୃତଦେହ ଓ ବାଇକକୁ ଉଦ୍ଧାର କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। କୁଆମରା ଡାକ୍ତରଖାନାରେ ତିନିଜଣଙ୍କୁ ମୃତ ଘୋଷଣା କରାଯାଇଛି। ଖୁଣ୍ଟା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। କୁଆମରା ଅଞ୍ଚଳରେ ଚୋରାମଦ ବିକ୍ରି ବନ୍ଦ ପାଇଁ ସାଧାରଣରେ ଦାବି ହୋଇଛି।

## ଲୀନହେଲା ରାସ୍ତା...

ଆଡକୁ ଅଗ୍ରସର ହେଉଥିବାରୁ ଆର୍ଯ୍ୟପଲ୍ଲୀ ଗ୍ରାମଟି ଦିନେ ନା ଦିନେ ସମୁଦ୍ର ଆଁ ଭିତରକୁ ଚାଲିଯିବ ବୋଲି ଭୟଭୀତ ହୋଇପଡିଛନ୍ତି ଗ୍ରାମବାସୀମାନେ। ପୂର୍ବରୁ ସମୁଦ୍ର ଗ୍ରାମର ୨ କିଲୋମିଟର ଦୂରରେ ଥିବା ବେଳେ ଏବେ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି ଗ୍ରାମର ଶେଷ ଭାଗରେ ଥିବା କୋଠ ଘର, ମନ୍ଦିର ଆଦି ସମୁଦ୍ର ଗର୍ଭରେ ମିଶି ଯାଇଥିବାରୁ ଗ୍ରାମବାସୀମାନେ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରି ଆସୁଥିଲେ। ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲାପ୍ରଶାସନ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏବେ ଗାର୍ଡ ୱାଲ ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରୁଛନ୍ତି। ଜଳସେଚନ ବିଭାଗର ଅଧିକ୍ଷକ ଯନ୍ତ୍ରୀଙ୍କୁ ବୈଷୟିକ ବିଶ୍ଳେଷଣ କରି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉ କି, ପୂର୍ବରୁ ଚେନ୍ନାଇ ସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ପକ୍ଷରୁ ଚିକିଟି ବ୍ଲକର ରାମୟାପାଟଣା ଓ ଆର୍ଯ୍ୟପଲ୍ଲୀ ବେଳାଭୂମି କ୍ଷୟ ଉପରେ ବିଶ୍ଳେଷଣ କରି ତାହାର ଡିପିଆର୍ ଅତି ନିକଟରେ ପ୍ରସ୍ତୁତ ହେବାକୁ ଯାଉଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଏବେ ସମୁଦ୍ର କୂଳ ଲଙ୍ଘିବା ପରେ ଗାର୍ଡ ୱେଲ କାର୍ଯ୍ୟ ଶୀଘ୍ର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମହୁତି ଦେବେ ବୋଲି ସେମାନେ ଚେତାବନି ଦେଇଛନ୍ତି।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ–ରତଲାମ ଡିଭିଜନ – ଇ-ଟେଣ୍ଡର ବିଜ୍ଞପ୍ତି: କ୍ରମିକ ସଂଖ୍ୟା ୧: ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: M247GLRSGRREH262721 • କାର୍ଯ୍ୟର ନାମ: ବିଦ୍ୟୁତ୍ ଲୋକୋମୋଟିଭ୍‌ର Type N-32 Tap Changersର ପୁନରୁଦ୍ଧାର କାର୍ଯ୍ୟ • ସ୍ଥାନ: CWMଙ୍କ କାର୍ଯ୍ୟାଳୟ, ଦାହୋଦ, ପଶ୍ଚିମ ରେଳବାଇ • କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୫,୮୦,୭୧,୧୯୬/- • ବିଡ୍ ସିକ୍ୟୁରିଟି: ଟ. ୧୧,୬୧,୫୦୦/- • ଇ-ଟେଣ୍ଡର ଦାଖଲ ଏବଂ ଖୋଲିବାର ତାରିଖ ଓ ସମୟ: ଇ-ଟେଣ୍ଡର ୨୦.୦୮.୨୦୨୬ ତାରିଖ ଅପରାହ୍ନ ୧୪:୩୦ ଘଣ୍ଟା ପର୍ଯ୍ୟନ୍ତ ଦାଖଲ କରାଯାଇପାରିବ ଏବଂ ସେହି ଦିନ ୧୫:୦୦ ଘଣ୍ଟାରେ ଖୋଲାଯିବ • ଟେଣ୍ଡର ବିଜ୍ଞପ୍ତି ଓ ଦଲିଲ ଉପଲବ୍ଧ: www.ireps.gov.in / E-Tenders/Works/IRElectrical V/0181

Like us on: facebook.com/WesternRly

**LOST**

ମୁଁ ଜୁଗଲ କିଶୋର ଦୀପ, ପି- ସ୍ୱ.ବିଶି କେଶନ ଦୀପ, ନି-ୱାର୍ଡ୬, କେସିଙ୍ଗା, ଜି-କଳାହାଣ୍ଡି, ଗତ ତା-31.07.2026 ରିଖରେ, ଭବାନୀପାଟଣା ସହର ରେ ମୋ ପିତା ଙ୍କ ନାମରେ ଥିବା ଦୁଇଟି ଦଲିଲ ଯାହାର "ନଂ.- ୮୭୬/୧୯୯୦ ଓ ୮୭୭/୧୯୯୦, (ଭ.- ୧୬, ପୃ.-୧୨୩)" ତାହା ୧୯୯୦ ମସିହାରେ ସମ୍ପାଦିତ ହୋଇଥିଲା, ତାହା ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ପାଇଅଛନ୍ତି ତେବେ ଏହାକୁ ମୋତେ ଫେରସ୍ତ କରିବାକୁ ଅନୁରୋଧ। ଆମେ ଉକ୍ତ ଦଲିଲଙ୍କୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହୁଁ। ଯୋଗାଯୋଗ-8249134125

**LOST**

I, **Debesh Kumar Agrawal,** S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, (Odisha), Prop. Vishesh Industries, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which **Money Receipt No. 636071, dated-25.10.2004,** was duly issued to me. That, the aforesaid original money receipt of said amount of Rs. 1,25,712/- has been lost somewhere, which cannot be trace out after all effort, this affidavit is to filled before the **TPWODL, Nuapada** for release of aforesaid security deposit as affirmed in the affidavit No. 546, dated-31.07.2026, executed before the Executive Magistrate, Nuapada, Odisha.

**GOVERNMENT OF ODISHA** 34001/563/2627
**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**
Phone: - 06841-296119 Email: - eeboudhrb@gmail.com
**INVITATIONS FOR BIDS (IFB)**
e-Procurement Notice
Letter No. 3719 Dated. 30-07-2026
BID IDENTIFICATION No. : SE (R&B)-BDH 06/2026-27

| | | | |
|---|---|---|---|
| 1. | Number of work | : | 03 (Three) Nos. of EI work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 04.08.2026, 10:00 AM to 12.08.2026, 05:00 PM |
| 5. | Last date / time for seeking of Tender clarification | : | 12.08.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 12.08.2026 |
| 7. | Date & time of opening of Tender / Bid | : | 13.08.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Superintending Engineer, Boudh (R&B) Division, Boudh
OIPR-34001/34134/1/26-27/0010

**LOST**

I, Tapan Kumar Kalo, S/o Aswini Kumar Kalo, Resident of Jhankarpada, P.O. Hirakud, Dist. Sambalpur, Odisha, hereby inform the public that I have lost my original educational certificates:B.Tech (Electrical Engineering) – Registration No. 1021317021, Certificate Sl. No. BDC14118193 10th Board Certificate – Roll No. 04PE235, Certificate Sl. No. 051090201 Diploma in Electrical Engineering – Registration No. 072502017, Certificate Sl. No. 10/2409741. The certificates have been reported lost, and an FIR/GD has been lodged at Dhanupali Police Station, Sambalpur, vide GD No. 021, dated 30/07/2026.If anyone finds these certificates, please kindly inform me on below mentioned contact number -8093331253

**GOVT. OF ODISHA** 25001/861/2627
**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in
**NOTICE INVITING TENDER**
NATIONAL COMPETITIVE BIDDING THROUGH e-PROCUREMENT NOTICE
On line-10 /SE/RW/AND/2026-27
Construction of Building work in the District of Keonjhar for the year 2026-27.
No. 5629 Date: 28.07.2026

Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Building work through e-Procurement as per annexure in Single Cover system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-On line 10/ SE/RW/ AND/ 2026-27 | 01.08.2026 at 11.00 A.M. | 11.08.2026 up to 5.00 P.M. | 10.08.2026 up to 11.00 A.M. | 12.08.2026 at 11.30 A.M. |

Superintending Engineer, R.W. Division, Anandapur
OIPR-25001/25055/1/26-27/0014

**AFFIDAVIT**

By virtue of an affidavit sworn before the Executive Magistrate, Gunupur, Rayagada, I, Visweswar Subudhi, S/o- T. Minna Rao, resident of Town/Post- Gunupur, Dist-Rayagada, Odisha vide affidavit no. 113, dt: 31.07.2026 that now onwards I will be known as **Bisweswar Subudhi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 3959, dated 31.07.2026, I ,s/o Gangadhar Khamari, At/Po -Dubsahi, PS-Kamarda District-Balsore, Odisha, pin-756035 declare that, I have changed my name from Sunil Kumar Khamari to Samir Kumar Khamari.Henceforth,I shall be known as **Samir Kumar Khamari** for all purpose.

**GOVT. OF ODISHA** 32001/633/2627
**DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO-I, KHUNTUNI, DHENKANAL**
Email Id - eebaghuabol@gmail.com
**'e' Procurement Notice**

The Superintending Engineer, Rengali Right Canal Division No-I, Khuntuni At/Po-Mahisapat, Dhenkanal, PIN-759001 on behalf of the Governor of Odisha invites **on line percentage rate bid** in double cover system from the eligible mampower service provider for sanitation work as detailed below:

1. Name of the work : Construction of RCC Drain near CD at RD 27210M (L/s) & near VRB at RD 27453M (R/s) & C.C. Guard Wall near VRB at RD 27453M (L/s) of DBC of RRIP.
2. Tender Cost : Rs. 50,35,997.00
3. Bid Document Cost : Rs. 10,000.00 (on line)
4. Bid Security : Rs. 50,400.00
5. Class of Contractor : 'B' Class
6. Period of Completion : 6 months
7. Other details are as follows:

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, RRC Division No-I, Khuntuni | SERRCDI-12/ 2026-27 | 04.08.2026 10.00 AM | 19.08.2026 5.00 PM | 20.08.2026 11.00 AM |

Further details can be seen from the e-procurement portal https://www.tendersodisha.gov.in
Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Superintending Engineer, Rengali Right Canal Division No-I, Khuntuni, Dhenkanal
OIPR-32001/32082/1/26-27/0001

**AFFIDAVIT**

By virtue of an affidavit sworn before the Notary Public, Nuapada, dtd 10.04.2026, I, Anjana Panda, At/Po/Dist.-Nuapada hereby declare that my daughter's correct name is MANISA SHUKLA, whereas in her Birth Certificate her name has inadvertently been recorded as MANASA SHUKLA. That both names refer to one and the same person. Henceforth she shall be known as **MANISA SHUKLA** for all purposes.
**Minara Panda**

**AFFIDAVIT**

By virtue of an affidavit sworn before In the Court of Executive Magistrate, Basta, Balasore. Vide Affidavit Sl No-3380, Dated-28/07/2026. I, Sukanti Dhungia, W/o- Chakradhar Dhungia, of Village-At/Po-Futukisole, Ps-Moroda, Dist-Mayurbhanj, Pin-757023, Odisha, declare that I have changed the name of my Minor Son from "ROUDRADHWAJA DHUNNGIA" to "RUDRADHARYA DHUNGIA". Henceforth, He shall be known as **"RUDRADHARYA DHUNGIA"** for all future purposes.
**Sukanti Dhungia**

**OFFICE OF THE SUPERINTENDENT** 10001/429/2627
**FAKIR MOHAN MEDICAL COLLEGE & HOSPITAL, BALASORE**
Remuna, Balasore, Pin-756019 (Odisha)
TENDER NOTICE FOR OFFICE STATIONARY & CONSUMABLE ITEMS OF FMMCH, BALASORE (2026-27)
Bid Ref. No. 5084 /S/FMMCHB Date : 30/07/2026

FMMCH, Balasore invites sealed Tender from registered Firm/ Agencies/ Company for **Office Stationary & Consumable Items** for FMMCH, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt. 31/08/2026 up to 05.30 PM** through Registered post/ speed post/ courier only and the same will be opened on **Dt. 02/09/2026, 11.00 AM** at Office chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website https://balasore.odisha.gov.in/ www.fmmch.odisha.gov.in . Authority reserves every right to reject all or any of the Tender without assigns any reason thereof.

Superintendent, FMMCH, Balasore
OIPR-10001/10134/1/26-27/0008

**AFFIDAVIT**

By virtue of an affidavit (CF No. 107, dtd- 28.07.2026) sworn before The Executive Magistrate, Bhubaneswar. I, **Pankaj Kumar Amar** (new name), S/o- Bishwambhar Prasad Singh, permanent resident of B3/303, Bright Residency, Road No.12, Jagannath Nagar, PO: GGP Colony, P.S. Mancheswar, Bhubaneswar, Dist: Khordha, Odisha, Pin-751025 declare that I have changed my name from **P K Amar** (old name) to **Pankaj Kumar Amar** (new name). Henceforth, I shall be known as **Pankaj Kumar Amar** (new name) for all purposes.
**Pankaj Kumar Amar**

# ଏମ୍‌ସ ସାଟେଲାଇଟ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବିରେ ଗଣବିକ୍ଷୋଭ

ବାଲେଶ୍ୱର/ରେମୁଣା, ୧।୮ (ସମିସ)

ଦୀର୍ଘ ଆଠ ବର୍ଷ ଧରି ବାଲେଶ୍ୱର ଏମ୍‌ସର ବହିର୍ବିଭାଗ ସପ୍ତାହକୁ ମାତ୍ର ଦୁଇ ଦିନ ଖୋଲୁଛି। ୩୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ବାଲେଶ୍ୱର ଓ ଆଖପାଖ ଅଞ୍ଚଳର ରୋଗୀମାନେ ଉନ୍ନତ ଚିକିତ୍ସା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଧାର କରି ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣାଙ୍ଗ

**ଚଳିତମାସରେ ବହିର୍ବିଭାଗ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ନେଇ ପ୍ରଶାସନର ପ୍ରତିଶ୍ରୁତି**



କାର୍ଯ୍ୟକ୍ଷମ କରିବା ଦାବିରେ ଶନିବାର ସକାଳ ୯ ଟାରୁ ୧୨ଟା ପର୍ଯ୍ୟନ୍ତ ଶତାଧିକ ଲୋକ ଗଣଧାରଣାରେ ବସିଥିଲେ। ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ କମିଟି ସଭାପତି ନିରଞ୍ଜନ ପରିଡ଼ା ଓ ଉପସଭାପତି ନିରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ରାଜନୈତିକ ଦଳ ଓ ଗଣସଂଗଠନର ନେତୃବୃନ୍ଦ ମଧ୍ୟ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଧାରଣା ସ୍ଥଳରୁ ଏକ ପ୍ରତିନିଧି ଦଳ ଏମସ୍‌ର ନର୍ସିଂ ସୁପରିଟେଣ୍ଡେଣ୍ଟ ଦିଲ୍ଲୀପ ହେମ୍ବ୍ରମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେ ଚଳିତ ଅଗଷ୍ଟ ମାସ ମଧ୍ୟରେ ବହିର୍ବିଭାଗକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହ ସରକାରୀ ଔଷଧ ଦୋକାନ ଓ ସମସ୍ତ ରୋଗର ପରୀକ୍ଷା ନିରୀକ୍ଷା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଶ୍ୱାସନା ପରେ କମିଟି ପକ୍ଷରୁ ଚଳିତ ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ତେବେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆହୁରି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସୁଧାଂଶୁ ଶେଖର ପରିଡ଼ା, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଦିଲ୍ଲୀପ ଗିରି, ସତ୍ୟଶିବ ଦାସ, ଅକ୍ଷୟ ମଲ୍ଲିକଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଡ. ହୃଷିକେଶ ସାହୁ, ଶତ୍ରୁଘ୍ନ ମଲ୍ଲିକ, ମାୟାଧର ନାୟକ, ବିଜୟ ପାତ୍ର, ଡ. ଅଜିତ୍ ମହାନ୍ତି, ପ୍ରେମରଂଜନ ପାତ୍ର, ରମେଶ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, କୁମୁଦ ରଂଜନ ଗିରି, ଜଗତାନନ୍ଦ ବିଶ୍ୱାଳ, ସରସ୍ୱତୀ ପଣ୍ଡା, ଅକ୍ଷୟ ତ୍ରିପାଠୀ, ନବକିଶୋର ଦାସ, ଜିତେନ୍ଦ୍ର ବେହେରା, ରଘୁନାଥ ଲେଙ୍କା, ନିରଞ୍ଜନ ବେହେରା, ଡ. କେଶବ ଚରଣ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ବିଧାନ ରାୟ ଓ ଷ୍ଟାଲିନ୍ ମିଶ୍ର, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଓକିଲ ସଂଘ ସଭାପତି ମନୋଜ ନାୟକ, ଭିଟାମାଟି ସୁରକ୍ଷା କମିଟି ନେତା ଅରୁଣ ଜେନା, ଅନୁଜ ମହାପାତ୍ର, ଆଇନଜୀବୀ ତୁଷାର ମହାପାତ୍ର, କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ସଂପାଦକ ଅଭୟ ମିଶ୍ର, ଭରତ ଚନ୍ଦ୍ର ସେଠୀ, ଯତୀନ୍ ପାତ୍ର, ଜୀବନ ପରିଡ଼ା, ନାରୀନେତ୍ରୀ ପ୍ରମିତା ଦାସ, ମିନତୀ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## କୁମ୍ଭାରୀ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ବାଲିଆପାଳ, ୧।୮ (ସମିସ):** ବ୍ଲକର ଅଗ୍ରଣୀ କୁମ୍ଭାରୀସ୍ଥିତ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଅଧକ୍ଷ ମନୋରଞ୍ଜନ ପଣ୍ଡାଙ୍କ ଠାରୁ ଶ୍ରୀ ସେଠୀ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ନୂତନ ଅଧକ୍ଷ ରମେଶ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ କାଶୀନାଥ ଗିରି, ଶ୍ରୀଧର ମହାଳିକ, ଦିଲ୍ଲୀପ ଭଦ୍ର, ଅଧ୍ୟାପିକା ସବିତା ରାଣୀ ମହାପାତ୍ର ଏବଂ କର୍ମଚାରୀ କଳ୍ପନା ପାତ୍ର, ବିନୋଦ କୁମାର ସାହୁ, ପ୍ରଦୀପ ଦାସ ପ୍ରମୁଖ



ନୂତନ ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ କିରାଣି ବିକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶିକ୍ଷା ବ୍ୟବସ୍ଥାରେ ସୁଧାର ଦାବି

**ବାଲେଶ୍ୱର, ୧।୮ (ସମିସ):** ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ଓ ଭାରତ ମୁକ୍ତି ମୋର୍ଚ୍ଚା ତତ୍ତ୍ୱାବଧାନରେ ଆଜି ଛାତ୍ରଛାତ୍ରୀ ଦେଶର ଶିକ୍ଷା ବ୍ୟବସ୍ଥାରେ ସୁଧାର ଦାବିରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ନିଟ୍-ୟୁଜି ପରୀକ୍ଷାରେ ଘଟିଥିବା ଗୁରୁତର ଅନିୟମିତତା ଓ ଦୁର୍ନୀତିର ନିରପେକ୍ଷ, ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସେମାନଙ୍କ ମୁଖ୍ୟ ଦାବି ଥିଲା। ଅନ୍ୟାନ୍ୟ ଦାବି ଯଥା ଏନଟିଏ ର କାର୍ଯ୍ୟ ପ୍ରଣାଳୀର ସମୀକ୍ଷା ଏବଂ ଏମସ୍ ତତ୍ତ୍ୱାବଧାନରେ ସ୍ୱଚ୍ଛ ଚିକିତ୍ସା ପ୍ରବେଶ ପରୀକ୍ଷା, ଏନଇପି-୨୦୨୦ ର ସମୀକ୍ଷା ଏବଂ ଡ୍ରପ୍-ଆଉଟ୍ ସମସ୍ୟାର ସମାଧାନ, ନିଟ୍, ଏସଏସସି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ରୋକ ସହ ସମସ୍ତ ଖାଲି ପଦବୀରେ ନିୟମିତ ନିଯୁକ୍ତି, ଜନ୍ତର-ମନ୍ତର ଆନ୍ଦୋଳନକାରୀ ଛାତ୍ରଙ୍କ ବିରୋଧରେ ମାମଲା ପ୍ରତ୍ୟାହାର ଏବଂ ବାଲେଶ୍ୱର ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତାର ତଦନ୍ତ ଓ ପୁନଃ ପରୀକ୍ଷା। ଦାବି ପୂରଣ ନ ହେଲେ ଏସପି ଅଫିସ୍ ଘେରାଉ ଚେତାବନୀ ଦେଇଛନ୍ତି। ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଇ. ସୌମ୍ୟ ରଞ୍ଜନ ଆଢ୍ୟ ଓ ସାଧୁ ଚରଣ ମଲ୍ଲିକ। ଅନ୍ୟମାନଙ୍କ ମଧ୍ୟରେ ସ୍ନେହ ଆଢ୍ୟ, ବୁଲୁ ସିଂ, ଗଗନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ସିମୁଳିଆ, ୧।୮ (ସମିସ):** ଲଗାଣ ବର୍ଷା ପ୍ରଭାବରେ ସିମୁଳିଆ ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତ ସମ୍ପୂର୍ଣ୍ଣ ଜଳ ଘେରରେ ରହିଛି। ସେଥି ମଧ୍ୟରୁ ସିମୁଳିଆ ବ୍ଲକ୍ ଚାଲୁଣିଗାଁ ପଞ୍ଚାୟତ ଅଧିନ ଚାଲୁଣୀ ଗାଁ, ବାଙ୍ଗଶୀ ବାଟି, ମଙ୍ଗରାଜପୁର, କହ୍ନେଇବାଙ୍କ ଓ ସାଧୁବୀର ଗ୍ରାମ ପାଣି ଘେରରେ ରହିଥିବା ପରିବାର ନିକଟରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରତିନିଧି ତଥା ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ, ଯୁବନେତା ଡା. ଅଂଶୁମାଧବ ପଣ୍ଡା ଆଜି ଉକ୍ତ ଗ୍ରାମକୁ ଯାଇ ବନ୍ୟା ପୀଡିତ ଲୋକଙ୍କୁ ଭେଟି ଶୁଖିଲା ଖାଦ୍ୟ



ବଣ୍ଟନ କରିବା ସହିତ କ୍ଷତିଗ୍ରସ୍ତ ଲୋକମାନେ କିପରି ସରକାରୀ ସହାୟତା ପାଇବେ ସେଥିପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ସହିତ ସେହି ଗ୍ରାମକୁ ଯିବାପାଇଁ କୌଣସି ରାସ୍ତା ନଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକ ମାନେ ଜଳବନ୍ଦୀ ହେଇ ରହୁଛନ୍ତି ସେଥିପାଇଁ ତୁରନ୍ତ ରାସ୍ତା ବ୍ୟବସ୍ଥା କରାଇବେ ବୋଲି ଯୁବନେତା ଶ୍ରୀ ପଣ୍ଡା ପ୍ରତିଶୃତି ଦେଇଛନ୍ତି। ଜିଲ୍ଲା ମହିଳା ଉପସଭାପତି ଭାରତୀ ମଲ୍ଲିକ, ସରପଞ୍ଚ ମମତା ନାୟକ, ରାମ ଗୋବିନ୍ଦ ନାୟକ ଓ ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ହେଲଦି ଲାଇଫ୍‌ରେ ଗୁରୁ ପୂର୍ଣ୍ଣିମା

**ବାଲେଶ୍ୱର,୧।୮ (ସମିସ):** ଚିଡିଆପୋଲସ୍ଥିତ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର୍ କିୟର ଏଣ୍ଡ ଯୋଗିକ ସାଇନ୍ସ ପରିସରରେ ସହରର ବୈରାମ ନଗର ସ୍ଥିତ ଦିବ୍ୟ ସଂଘ ଦ୍ୱାରା ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି।



ଉତ୍ସବରେ ଯୋଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଦିବ୍ୟ ଜୀବନ ସଙ୍ଘ ସଭ୍ୟ ଯୋଗ ଦେଇଥିଲେ। ଗୁରୁ ପାଦୁକା ପୂଜା, ସ୍ୱାଧ୍ୟାୟ, ପ୍ରାର୍ଥନା, ବେଦପାଠ ଏବଂ ଶେଷରେ ପ୍ରସାଦ ସେବନ ହୋଇଥିଲା। ସଂଘ ତରଫରୁ ଆନନ୍ଦ ଶଙ୍କର ମହାପାତ୍ର, ଡାକ୍ତର ଚିତ୍ତରଞ୍ଜନ ସାହୁ, ଶରତ କୁମାର ଦାସମହାପାତ୍ର, ନିତ୍ୟାନନ୍ଦ ବାରିକ, ସୁରେନ୍ଦ୍ର ମାଝୀ, ପୁରୁଷୋତ୍ତମ ମାଝୀ, ମଣି ଦାସ, ମନୋଜ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ରଣା, ରଞ୍ଜନ ବାରିକ, ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ, ଅଧ୍ୟାପିକା କ୍ରାନ୍ତି ପାଣିଗ୍ରାହୀ, ଅନୀତା ଦାସ, ଅଧ୍ୟାପକ ଅଭିଷେକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉନ୍ନତ ମତ୍ସ୍ୟଚାଷ ସମ୍ବନ୍ଧୀୟ କର୍ମଶାଳା

**ଜଳେଶ୍ୱର, ୧।୮ (ସମିସ):** ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଆୟୋଜିତ ଉନ୍ନତ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ତଥା ସଚେତନତା କର୍ମଶାଳା ଜଳେଶ୍ୱର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗଦେଇଥିବା ବେଳେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଉପାଧ୍ୟକ୍ଷା ସଂଜୀତା ସେନାପତି ପ୍ରମୁଖ



ଯୋଗ ଦେଇଥିଲେ। ଜିଲ୍ଲା ମତ୍ସ୍ୟ ଚାଷ ବିଶେଷଜ୍ଞ ସାଗରୀକା ଦାସ ଓ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ପ୍ରୀୟଙ୍କା ସାହୁ କର୍ମଶାଳାରେ ଯୋଗଦେଇଥିବା ମତ୍ସ୍ୟ ଚାଷୀମାନଙ୍କୁ ଚାଷ ବିଷୟରେ ସଚେତନ କରାଇବା ସହିତ ତାଲିମ ପ୍ରଦାନ କରିଥିଲେ। ତା ସହିତ ସରାକାରଙ୍କ ମତ୍ସ୍ୟଚାଷୀ ମାନଙ୍କ ପାଇଁ ଥିବା ବିଭିନ୍ନ ପ୍ରକଳ୍ପ ତଥା ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସଦସ୍ୟ ତଥା ମତ୍ସ୍ୟ ଚାଷୀ ଯୋଗଦେଇ ଉନ୍ନତ ମତ୍ସ୍ୟଚାଷ କରିବାର ତାଲିମ ନେଇଥିଲେ।

**ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ**

## ଉଚିତ କ୍ଷତିପୂରଣ ଦାବିରେ ଜମିଦାତାଙ୍କ ଆନ୍ଦୋଳନ ଚେତାବନୀ

**କାଳିପଦା, ୧।୮ (ସମିସ):** ବାଲିଆପାଳସ୍ଥିତ ଶାରୀରିକ ଶିକ୍ଷା (କ୍ରୀଡା) କଲେଜରେ ପୂର୍ବରୁ ହୋଇଥିବା ମହାଘୋଟାଲାକୁ କେନ୍ଦ୍ର କରି ବିବାଦ ଥମି ନ ଥିବା ବେଳେ ଆଜି ସାନି ଏକ ସମସ୍ୟା ଦେଖା ଦେଇଛି। ଯେଉଁମାନେ କଲେଜକୁ ଜମି ଦାନ କରିଥିଲେ ଏବେ ସେମାନେ ତାହାର ଉଚିତ କ୍ଷତି ପୂରଣ ପାଇଁ ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଆସନ୍ତା ୩ ତାରିଖରୁ ସେମାନେ କଲେଜ ସାମ୍ନାରେ ଅନଶନ ଆନ୍ଦୋଳନ କରିବେ ବୋଲି ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗତବର୍ଷ ଜମିଦାତା ମାନେ ଅଳ୍ପ କିଛି କ୍ଷତି ପୂରଣ ପାଇଥିବା ବେଳେ ଅବଶିଷ୍ଟ ଅର୍ଥ ଜୁନ ମାସ ସୁଦ୍ଧା ପାଇବା କଥା। ମାତ୍ର କଲେଜ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ପ୍ରତାରିତ କରିଥିବା ପ୍ରକାଶ। ସେମାନଙ୍କ ମୁଖ୍ୟ ଦାବି ଗୁଡିକ ହେଉଛି ଜମିର ଉଚିତ କ୍ଷତି ପୂରଣ, ସେମାନଙ୍କ ପରିବାରର ଜଣଙ୍କୁ ଚାକିରି, କଲେଜରେ ନୂଆ



ପରିଚାଳନା ସମିତି ଗଠନ, ନିୟମ ଅନୁସାରେ ନୂଆ ଅଧ୍ୟକ୍ଷ ଚୟନ, କଲେଜ ପ୍ରତିଷ୍ଠା ଦିନରୁ ଅଦ୍ୟାବଧି ସମସ୍ତ ଆୟ ବ୍ୟୟର ସିବିଆଇ ତଦନ୍ତ, ନିଶାସକ୍ତ କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମସ୍ତ ବକେୟା ପ୍ରଦାନ। ଏହି ସାମ୍ବାଦିକ ସମ୍ମିଳନୀରେ ଗିରୀଶ ଚନ୍ଦ୍ର ପାତ୍ର, ରାଜେଶ କୁମାର ପାତ୍ର, ଚିତ୍ତରଞ୍ଜନ ପାତ୍ର, ଗୌରୀ ଶଙ୍କର ମଜୁମଦାର , ଅନନ୍ତ କୁମାର ସିଂ, ଜୀବନ କୃଷ୍ଣ ପାତ୍ର, ସନ୍ୟାସୀ କୁମାର ପାତ୍ର, ବାଙ୍କିମ ଚନ୍ଦ୍ର ପାତ୍ର, ପ୍ରାଣକୃଷ୍ଣ ପାତ୍ର, ପଦ୍ମ ଲୋଚନ ପାତ୍ର, ଶାନ୍ତିଲତା ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ସଂକୁନ୍ତଳା ଦାସ, ଶୁଭେନ୍ଦୁ ଗିରି, ଅମୂଲ୍ୟ କୁମାର ପାତ୍ର, ବଙ୍କିମ ଚନ୍ଦ୍ର ପାତ୍ର, ପ୍ରଦୀପ କୁମାର ପାତ୍ର, ଅଜୟ କୁମାର ପାତ୍ର, ପରୀକ୍ଷିତ ପାତ୍ର, ସତ୍ୟଜିତ ପାତ୍ର, ସଞ୍ଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦୀର୍ଘବର୍ଷର ସମସ୍ୟା ସମାଧାନ କଲେ ତହସିଲଦାର

**ସିମୁଳିଆ, ୧।୮ (ସମିସ):** ବନ୍ୟା ପାଣି ନିଷ୍କାସନ ହୋଇପାରୁ ନଥିବାରୁ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ହେଁ ସୁଫଳ ମିଳିନଥିଲା। ଆଜି ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ଉକ୍ତ ସମସ୍ୟାର ସମାଧାନ କରିଛନ୍ତି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଚାଲୁଣି ଗାଁ ପଞ୍ଚାୟତ ପାଟଣା ସାହିରେ ବନ୍ୟା ପାଣି ଯେଉଁ ବାଟ ଦେଇ ଯାଉଥିଲା, ଉକ୍ତ ଜାଗାଟି ଜଣଙ୍କର ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେ ମାଟି ପକାଇ ଦେଇଥିଲେ। ଫଳରେ ବହୁ ଦିନ ଧରି ଲଘୁଚାପଜନିତ ବର୍ଷା ଲାଗିରହିଥିବାରୁ ଫଳରେ ପାଣି ନିଷ୍କାସନ ହୋଇ ନ ପାରି ବନ୍ୟା ପାଣି ଜମିରହିଥିଲା। ଫଳରେ ୪୦ଟି ପରିବାର ଘରଭିତରେ ପାଣି ପଶି ଯାଇଥିଲା। ଗ୍ରାମବାସୀ କୌଣସି



ଉପାୟ ନ ପାଇ ସିମୁଳିଆ ତହସିଲ ଅଫିସ ସମ୍ମୁଖରେ ଧାରଣରେ ବସିଥିଲେ। କାର୍ଯ୍ୟରତ ତହସିଲଦାର ଧାରଣା ସ୍ଥଳୀକୁ ଆସି ସବୁ ବୁଝିବା ପରେ ସମସ୍ୟା ସମାଧାନ କରିବାର ପ୍ରତିଶୃତି ଦେଇଥିଲେ। ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ପାଟଣା ଗ୍ରାମକୁ ଯାଇ ଉଭୟ ପକ୍ଷଙ୍କୁ ଏକଜୁଟ କରି ବୁଝାସୁଝା କରିଥିଲେ। ପରେ ହୋମ ପାଇପ ପକାଇ ବନ୍ୟା ପାଣି ନିଷ୍କାସନ କରାଯାଇଥିଲା।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ବାଲେଶ୍ୱର,୧।୮ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ନୟାପାଲି ଗ୍ରାମର ବିଶିଷ୍ଟ ସମାଜସେବିକା ଶାନ୍ତିଲତା ପାତ୍ରଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରଫେସର ଡ. ଜୀବନକୃଷ୍ଣ ପାତ୍ରଙ୍କ ଧର୍ମପତ୍ନୀ ତଥା ପ୍ରଫେସର ଡଃ ପ୍ରଦୀପ ପାତ୍ରଙ୍କ ମା' ଥିଲେ। ଶାନ୍ତିଲତା ଦେବୀ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ସ୍ୱର୍ଗତ ପାତ୍ରଙ୍କ ମୃତ୍ୟୁରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସମାଜସେବୀ ମୂରଲୀମୋହନ ପଟ୍ଟନାୟକ, କବି ସୁକୁମାର ଦାସ, ଶିକ୍ଷାବିତ ଡ଼ଃ କାଳିକିଙ୍କର



ଦାସ, ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ସାରସ୍ୱତ ସାଧିକା ସୌଭାଗିନୀ ଦାସ ପ୍ରମୁଖ ଗଭୀର ଶୋକ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଡ. ବସନ୍ତ ପାତ୍ର, ଭୂପତି ପାତ୍ର, ଡ. ନିତ୍ୟ ଗୋପାଳ ପାତ୍ର, ହରେକୃଷ୍ଣ ପାତ୍ର, ବିଜୟ କୁମାର ପାତ୍ର, ପୁତ୍ରବଧୂ ପ୍ରଫେସର ଡ. ତନୁଶ୍ରୀ ପାତ୍ରଙ୍କ ସହିତ ଝିଅ ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁବାନ୍ଧବ, ପରିବାରବର୍ଗ ଶେଷ ଦର୍ଶନ କରିଥିଲେ। ପୁତ୍ର ପ୍ରଫେସର ଡ. ପ୍ରଦୀପ ପାତ୍ର ମୁଖାଗ୍ନି ଦେଇଥିଲେ।

## ଗୋଚର ଜମିରେ ଘରୋଇ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ବାଲିଆପାଳ, ୧।୮ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡାପାଳ ଗ୍ରାମରେ ଏକ ସରକାରୀ ଗୋଚର ଜାଗାରେ ଜନୈକ ବ୍ୟକ୍ତି ଜୋର ଜବରଦସ୍ତ ରାସ୍ତା ତିଆରି କରୁଥିବା ନେଇ ଗ୍ରାମବାସୀ ବିରୋଧ କରିବା ସହ ବାଲେଶ୍ୱର ଜିଲ୍ଲାପାଳ ଏବଂ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ମୁତାବକ ମଧୁପୁରା ପଞ୍ଚାୟତ ଖଗଡାପାଳ କାଳିପଦା ମୁଖ୍ୟ ରାସ୍ତାରୁ ମଧୁପୁରା ଗ୍ରାମ ଭିତରକୁ ଯାଇଥିବା ମୁଖ୍ୟ ରାସ୍ତା ପାଶ୍ୱର୍ରେ ୨୮୫ ଏବଂ ୨୮୬ ନମ୍ବର ୧୭ ଡେସିମିଲ ଗୋଚର ପ୍ଲଟ ରହିଛି। ଏହି ପ୍ଲଟରେ କିଛି ଅଂଶକୁ ତାଡି ଲୋକେ ଚାଷ ଜମିରେ ପରିଣତ କରିଦେଇଥିଲା ବେଳେ ଅବଶିଷ୍ଟ ପଦରେ ଗ୍ରାମର ଗୋରୁ ଗାଈ ଚରିବା ସହ ଗ୍ରାମର ଯୁବକ ମାନେ ବିଭିନ୍ନ ପୂଜା ପର୍ବାଣୀ ପାଳନ କରିଆସୁଛନ୍ତି। ମୁଖ୍ୟ ରାସ୍ତା ଠାରୁ ଏହି ଦୁଇଟି ଗୋଚର ପ୍ଲଟ ପରେ ଏହାକୁ ଲାଗି କରି ୨୮୪ ନମ୍ବର ଏକ ଘରୋଇ ପ୍ଲଟ ରହିଛି। ଯାହାକି ବାଲିଆପାଳ ବ୍ଲକ କୁଦମାନସିଂ ଗ୍ରାମର ମଧୁସୂଦନ ସାହୁ ନାମରେ ନାମିତ ରହିଛି। ଗତ କିଛି ବର୍ଷ ହେଲା ଶ୍ରୀ ସାହୁ ଙ୍କ ସମ୍ପର୍କୀୟ ତଥା ବାଲିଆପାଳ ବ୍ଲକର ସାମାଜିକ ସୁରକ୍ଷା ଅଧରକାରୀ ପାର୍ଥସାରଥୀ ସାହୁ ଏହି ପ୍ଲଟରେ ବାଡକରି ଘଛ ଲଗାଇବା ସହ ଘର ନିର୍ମାଣ କରୁଛନ୍ତି। ଗତ କିଛି ଦିନ ତଳେ ଶ୍ରୀ ସାହୁ ନିଜ ଘରକୁ ବିଦ୍ୟୁତ ସଂଯୋଗ ପାଇଁ ଗୋଚର ପ୍ଲଟରେ ସୀମାରେ ପୋତାଯାଇଥିବା ବିଦ୍ୟୁତ ଖୁଣ୍ଟକୁ ଉପାଡି ପୁନର୍ବାର ପଦା ମଝିରେ ଖୁଣ୍ଟ ବସାଇଛନ୍ତି। କିଛି ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ସେ କାହାରି କଥା ଶୁଣିନଥିଲେ। ଗତ ସପ୍ତାହରେ ପୁନର୍ବାର ରାତି ଅଧିଆ ନିଜ ଜାଗାକୁ ରାସ୍ତା ବନେଇବା ପାଇଁ ଜେସିବି ଲଗାଇ ଉକ୍ତ ଗୋଚର ପଦାକୁ ଖୋଳି ରାସ୍ତା ନିର୍ମାଣ କରିଛନ୍ତି। ଏ ନେଇ ଗ୍ରାମବାସୀ ବିରୋଧ କରିବାରୁ ସେ ତାଙ୍କର ପ୍ଲଟଟିକୁ ଘରବାଡି ପ୍ଲଟରେ ପରିବର୍ତ୍ତନ କରିଛନ୍ତି ତେଣୁ ରାସ୍ତା ପକେଇବା ପାଇଁ କେହି ଅଟକେଇ ପାରିବେ ନାହିଁ ବୋଲି କହି ଧମକ ଦେଇଆସୁଛନ୍ତି। ସରକାରୀ ଗୋଚର ଜାଗାରେ କୌଣସି ନିର୍ମାଣ କାର୍ଯ୍ୟ ହେବାର ନିୟମ ରହିଥିଲାବେଳେ ଏହି ରାସ୍ତାକୁ ତୁରନ୍ତ ସମତୁଲ କରାଯାଇ ଖୋଳାଯାଇଥିବା ପଦାକୁ ଭର୍ତ୍ତି କରିବା ସହ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଗଡାପାଳ ଗ୍ରାମ ମୁଖ୍ୟ ମଧୁସୂଦନ ସାହୁ,ମୁରଳୀମୋହନ ସାହୁ,ଙ୍ଗ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ , ଉର୍ମିଳା ସାହୁ, ବିଶ୍ୱବୁଷଣ ସାହୁ ସମେତ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ରାସ୍ତା ନ ଥାଇ ଘରବାଡି ପ୍ଲଟ କିଭଳି କରାଗଲା ଏହାର ତଦନ୍ତ କରାଯାଇ ଉକ୍ତ ଘରବାଡି ପ୍ଲଟକୁ ଖାରଜ କରିବା ପାଇଁ ବାଲିଆପାଳ ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର ପ୍ରଶାସନକୁ ଜଣେଇଛନ୍ତି।

## ବନ୍ୟା ବିପନ୍ନଙ୍କୁ ସହାୟତା

**ବାଲେଶ୍ୱର, ୧।୮ (ସମିସ):** ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପରିସର ରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରେରଣା ମହିଳା ସଂଗଠନ' ଏବଂ 'ଚିୟର ଅପ 'ର ମିଳିତ ସହଯୋଗ ରେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡ ର ବନ୍ୟା ବିପନ୍ନ ପରିବାର କୁ ଶୁଖିଲା ଖାଦ୍ୟ, ତାର୍ପୋଲିନ, ଆଦି ବଣ୍ଟନ କରାଯାଇଛି। ପ୍ରେରଣାର ଚେୟାରମ୍ୟାନ ରଂଜିତା ପାଣିଗ୍ରାହୀ ଓ ଚିୟର ଅପ ର ଚେୟାରମ୍ୟାନ ସତ୍ୟଶିବ ସୁନ୍ଦର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଶହ ପରିବାରକୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରେରଣାର ସଭାପତି ସୁଚିସ୍ମିତା ପଣ୍ଡା, ଉପସଭାପତି ଶ୍ୟାମଳୀ ନନ୍ଦୀ, କୋଷାଧ୍ୟକ୍ଷା ସତ୍ୟ ସାଧନା ସିଂ, ସଦସ୍ୟା ଚିନ୍ମୟୀ ନାୟକ, ସସ୍ମିତା ରଣା, ମିତା ରାଣୀ ନାୟକ, ବନିତା ସାମଲ, ସୁଷମା ଦାସ, ସସ୍ମିତା ଦାସ, ସୁତପା ବେରା, ପୂର୍ଣ୍ଣିମା ମିଶ୍ର ଓ ମିନାକ୍ଷୀ ପଣ୍ଡା, ଚିୟର ଅପ ପକ୍ଷରୁ ଚିତ୍ତ ରଞ୍ଜନ ପଣ୍ଡା, ଦେବାଶିଷ ରଥ ଓ ନିତ୍ୟ ଗୋପାଳ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଜଳେଶ୍ୱର, ୧।୮ (ସମିସ):** ଓଡିଶା ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅଗଷ୍ଟ ୧ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଦ୍ୟାଳୟର ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗର ଛାତ୍ରଛାତ୍ରୀମାନେ ପ୍ରକଳ୍ପ, ପ୍ରଶ୍ନମଂଚ, ପ୍ରୟୋଗ, ପତ୍ରବାଚନ, ମୂର୍ତିକଳା, ଲୋକ ନୃତ୍ୟ ଇତ୍ୟାଦି କ୍ଷେତ୍ରରେ ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରକଳ୍ପରେ ୭୦ଜଣ, ଗଣିତ ପ୍ରକଳ୍ପରେ ୪୫ଜଣ, ଗଣିତ, ବିଜ୍ଞାନ ଏବଂ ସଂସ୍କୃତିଜ୍ଞାନ ପ୍ରଶ୍ନ ମଂଚରେ ୧୧୦ଜଣ, ମୂର୍ତ୍ତିକଳା ଏବଂ ବିଭିନ୍ନ ପତ୍ର ବାଚନରେ ୪୦ଜଣ, ଗଣିତ ଏବଂ ବିଜ୍ଞାନ ପ୍ରୟୋଗରେ ୨୫ଜଣ, ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୨୯୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଶାଳିକୋଠା



ସଦାଶିବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦରର ସଭାପତି ଶଶୀକାନ୍ତ ପ୍ରଧାନ, ବିଦ୍ୟାମନ୍ଦିରର ସମ୍ପାଦକ ଗିରିଶ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଧାରଂଜନ ବାଗ, ବିଜ୍ଞାନ ପ୍ରମୁଖ ଶୁଚିସ୍ମିତା ଗନ୍ତାୟତ, ଗଣିତ ପ୍ରମୁଖ ସମୀର କୁମାର ପରିଡା, ସଂସ୍କୃତି ଜ୍ଞାନ ପ୍ରମୁଖ ଉମାରାଣୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀନାରାୟଣ କର ଆଭିମୁଖ୍ୟ କଥନ ଓ ସ୍ୱୟଂପୂର୍ଣ୍ଣା ଦେବଶ୍ରୀ ଚନ୍ଦ ମଂଚ ପରିଚାଳନା କରିଥିବା ବେଳେ ଶେଷରେ ଆଚାର୍ଯ୍ୟ ଉମାଶଙ୍କର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ପ୍ରକଳ୍ପ ଶଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି।

# ମୌଳିକ ସୁବିଧାରୁ ବଞ୍ଚିତ କବାଟଘାଟି ଆଶ୍ରମ ସ୍କୁଲ

ଜଳେଶ୍ୱର,୧।୮ (ସମିସ)

ଜଳେଶ୍ୱର ବ୍ଲକ ଆଦିବାସୀ ବହୁଳ ରାଇବଣିଆ ପଞ୍ଚାୟତ କବାଟଘାଟି ସରକାରୀ ଆଶ୍ରମ ସ୍କୁଲର ସମସ୍ୟା ଓ ଗାଁରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ଏ ସମ୍ପର୍କରେ ଦୀର୍ଘ ୨ବର୍ଷ ଧରି ପ୍ରଶାସନ, ଜନପ୍ରତିନିଧିଙ୍କୁ

**ଆଦିବାସୀ ସଂଗଠନର ଧାରଣା ଚେତାବନୀ**

ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଶୁଦ୍ଧ ପାଣି ନ ମିଳିବା ଓ ସଚେତନତା ଅଭାବରୁ ନିରୀହ ଆଦିବାସୀମାନେ ଦୂଷିତ ଜଳ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗାଁର ପ୍ରାୟ ୨ଶହ ୫୦ ପରିବାର ପାନୀୟ ଜଳ ପାଇଁ ଦୀର୍ଘ ବର୍ଷଧରି ସଂଘର୍ଷ କରୁଛନ୍ତି। ଏହା ସହିତ



ସନ୍ନିକଟ ଆବାସିକ ଆଶ୍ରମ ବିଦ୍ୟାଳୟରେ ଦୁଇଟି ଛାତ୍ରାବାସ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁଁ କୁନି ଛାତ୍ରଛାତ୍ରୀ ଦୟନୀୟ ଭାବେ ଏକ ସ୍ଥାନରେ ରହୁଛନ୍ତି। ୧୫୦ରୁ ଉର୍ଦ୍ଧ୍ୱ ହଷ୍ଟେଲ ଅନ୍ତେବାସୀ ଶୋଇବା, ଖାଇବା, ପ୍ରାର୍ଥନା ଓ ଅଧ୍ୟୟନ ଏକ ସ୍ଥାନରେ ହେଉଥିବା ସାମାଜିକ ସଂଗଠନ ଅଭିଯୋଗ କରିଛି। ସମସ୍ୟା ସମ୍ପର୍କରେ ଅଞ୍ଚଳର ପ୍ରମୁଖ ଆଦିବାସୀ ସଂଗଠନ ଆଶାରେନାଃ ମାର୍ଶାଲ ର ଆବାହକ ସମାଜସେବୀ ସନ୍ତୋଷ କୁମାର ଜେନା ଜଳେଶ୍ୱର ବିଡିଓ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଦୀବାସୀ ଅଧ୍ୟୁଷିତ ଗ୍ରାମ ଏବଂ ଆବାସିକ ବିଦ୍ୟାଳୟରେ ସ୍ଥାୟୀ ସମାଧାନ ଲାଗି ଅଗଷ୍ଟ ୧୪ ତାରିଖରେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ବିଡିଓଙ୍କ ଉଦ୍ଦେଶ୍ୟରେ ବ୍ଲକ ଡବ୍ଲଇଓ ସଜଦ୍ ଅନୁପମଙ୍କୁ ଲିଖିତ ପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିବା ଜଣାଇଛନ୍ତି।

# ବନ୍ୟା ପରିଚାଳନାରେ ପ୍ରଶାସନ ବିଫଳ: ସଞ୍ଜୀବ

ଭଦ୍ରକ,୧।୮ (ସମିସ)



ଭଦ୍ରକ ଜିଲ୍ଲା ଚଳିତ ବନ୍ୟା ବିଭୀଷିକା ଲୋକଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି। ଜିଲ୍ଲାର ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ବ୍ଲକ୍ ଅଞ୍ଚଳରେ ବନ୍ୟା ବିଭୀଷିକା ଉଗ୍ର ରୂପ ଧାରଣ କରିଛି। ଏପରିସ୍ଥଳେ ଜିଲ୍ଲାର ଏକମାତ୍ର ମନ୍ତ୍ରୀ (ଧାମନଗର ବିଧାୟକ) ତାଙ୍କ ଧାମନଗର ନିର୍ବାଚନମଣ୍ଡଳୀରେ ନିଜେ ରହି ବନ୍ୟା ସ୍ଥିତିର ସୁପରିଚାଳନା କରିବା ସହ ବନ୍ୟା ବିପନ୍ନଙ୍କ ଉଦ୍ଧାର, ସହାୟତା ଆଦି କାର୍ଯ୍ୟରେ ନିଜେ ମାତିବା ସହ ରାଜ୍ୟର ସବୁ ଉଚ୍ଚ ପଦାଧିକାରୀ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ସେଠାରେ ରହି ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଓ ରେସ୍କ୍ୟୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଉଥିଲେ। ଏହା ଖୁସିର କଥା। ତେବେ ଦୁଃଖ ଓ ପରିତାପର ବିଷୟ ମନ୍ତ୍ରୀ ମହାଶୟ ଜାଣିବା କଥା ସେ ଜିଲ୍ଲା ତଥା ରାଜ୍ୟର ମନ୍ତ୍ରୀ। ତେଣୁ ସେ ସମସ୍ତଙ୍କ ପାଖରେ ଉତ୍ତରଦାୟୀ।

- ମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀ କଥା ବୁଝିଲେ; ଭଣ୍ଡାରିପୋଖରୀ ବନ୍ୟାବିପନ୍ନଙ୍କୁ ଅଣଦେଖା କଲେ
- ବନ୍ୟାଞ୍ଚଳ ଓ ବିପନ୍ନଙ୍କ ୮ ଦଫା ଦାବି ପୂରଣ ଲାଗି ବିଧାୟକଙ୍କ ଦାବି

ତେଣୁ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ହୋଇଥିବା ବନ୍ୟାରେ କ୍ଷତିଗ୍ରସ୍ତ ବିପନ୍ନଙ୍କ ଦାୟିତ୍ୱ ମନ୍ତ୍ରୀ ନେବାର ଥିଲା। ସେମାନଙ୍କ ଦୁଃଖ, ଦୁର୍ଦ୍ଦଶା ଦୂର ଲାଗି ଅଫିସରମାନଙ୍କୁ ରିଭ୍ୟୁ କରିବା କଥା ଓ ଅଫିସରମାନଙ୍କୁ ସେଠାକୁ ପଠାଇବାର ଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ କେହି ଭଣ୍ଡାରିପୋଖରୀ ବନ୍ୟାଞ୍ଚଳକୁ ଗଲେ ନାହିଁ। ଫଳରେ ଅଢ଼େଇ ଲକ୍ଷ ବନ୍ୟା ବିପନ୍ନ ପାଣି ଘେରରେ ଦୀର୍ଘ ଦିନ ଧରି ରହିଲେ ବୋଲି ଶନିବାର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ତାଙ୍କ ଭଦ୍ରକ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଧାୟକ ଶ୍ରୀ ମଲ୍ଲିକ ଆହୁରି କହିଛନ୍ତି ଯେ, ବନ୍ୟା ପରିଚାଳନାରେ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ୍।

ମୋ ନିର୍ବାଚନମଣ୍ଡଳୀ ଭଣ୍ଡାରିପୋଖରୀରେ ପ୍ରାୟ ଅଢ଼େଇ ଲକ୍ଷ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଅଣଦେଖା ତଥା ଉପେକ୍ଷା କରାଗଲା। ଚଳିତ ବନ୍ୟା ପରିଚାଳନାରେ ତ୍ରୁଟି ନେଇ ବିଧାୟକ ଶ୍ରୀ ମଲ୍ଲିକ ୮ ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ମଲ୍ଲିକ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବନ୍ୟାଜଳରେ କ୍ଷତିଗ୍ରସ୍ତ ହୋଇଥିବା ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ୭ ଦିନର ରିଲିଫ୍ ପାଇଁ ବ୍ୟବସ୍ଥା କରାଇବା, ବନ୍ୟା ଜଳରେ ବୟସ୍କ ଲୋକଠାରୁ ଛୋଟ ପିଲା ପର୍ଯ୍ୟନ୍ତ ପ୍ରତ୍ୟେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେଣୁ ତୁରନ୍ତ ଲୋକଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ପ୍ରତ୍ୟେକ ଗାଁରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଇବା, ପଶୁ ସମ୍ପଦମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ୭ ଦିନର ଗୋ-ଖାଦ୍ୟ ଦେବାକୁ ଦାବି କରାଇବା ସହ ବନ୍ୟା ଜଳରେ ବହୁ ଲୋକଙ୍କର ଧନ ଜୀବନ ହାନୀ ହେବା ସହ ତାଙ୍କ କଚ୍ଚା ଘର ମଧ୍ୟ ଭାଙ୍ଗିଛି। ତେଣୁ ତୁରନ୍ତ ଏସବୁକୁ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ନୂତନ ଗୃହ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିସହ ଭଣ୍ଡାରିପୋଖରୀ ବିଡିଓଙ୍କ ଭୁଲ୍ ବନ୍ୟା ପରିଚାଳନା ପାଇଁ ହଜାର ହଜାର ଲୋକ ଭୋକ ଉପାସରେ ରହିବାକୁ ବାଧ ହେଲେ। ଗ୍ରାଉଣ୍ଡ ଜିରୋରେ ଚୁଡ଼ା, ଗୁଡ଼, ଦିଆସିଲି ଓ ମହମବତି ମହଜୁଦ ଅଛି ବୋଲି ରାଜସ୍ୱ ମନ୍ତ୍ରୀଙ୍କୁ ରିପୋର୍ଟ ଦେଇଥିଲେ ବିଡିଓ। କିନ୍ତୁ ପ୍ରକୃତ ପକ୍ଷେ କୌଣସି ବ୍ୟବସ୍ଥା ନ ଥିଲା। ନିଜେ ବିଧାୟକ ଶୁଖିଲା ଖାଦ୍ୟ ପଠାଇବା ପାଇଁ ବ୍ଲକ୍‌ରେ ପହଞ୍ଚିବା ବେଳକୁ ବ୍ଲକ୍‌ରେ କିଛି ନାହିଁ ବୋଲି ବିଡିଓ ଏକଥା ବିଧାୟକଙ୍କ ଆଗରେ ମାନିଥିଲେ। ପରେ ବିଧାୟକ ନିଜେ ବିନ୍ୟା ବିପନ୍ନଙ୍କ ନିକଟକୁ ରିଲିଫ୍ ସାମଗ୍ରୀ ପଠାଇଥିଲେ। ଏହି ତଥ୍ୟ ବିଧାୟକ ତୁରନ୍ତ ବିଡିଓଙ୍କ ଆଗରେ ରାଜସ୍ୱ ମନ୍ତ୍ରୀ ଓ ଜିଲ୍ଲପାଳଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ବିଡିଓଙ୍କ ଏହିପରି ମନୋମୁଖୀ କାର୍ଯ୍ୟ ଓ ମିଥ୍ୟା ତଥ୍ୟ ପାଇଁ ଆଜି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ବନ୍ୟା ପ୍ରପୀଡ଼ିତମାନେ ବହୁ କ୍ଷତି ସହିଲେ। ତେଣୁ ଏହିଭଳି ବିଡିଓଙ୍କ କାର୍ଯ୍ୟକୁ ତଦନ୍ତ କରିବା ସହ ଆଇନ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ବିଧାୟକ ଶ୍ରୀ ମଲ୍ଲିକ। ସେହିଭଳି ବନ୍ୟା ଜଳରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବହୁ ଗମନାଗମନ ରାସ୍ତାଘାଟ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ମୁଖ୍ୟ ରାସ୍ତା, ପଞ୍ଚାୟତକୁ ପଞ୍ଚାୟତ ସଂଯୋଗ କରୁଥିବା ରାସ୍ତା, ଗ୍ରାମକୁ ଗ୍ରାମ ସଂଯୋଗ କରୁଥିବା ରାସ୍ତା, ବହୁ ପୋଲ (ଶୋଲମପୁର ପଞ୍ଚାୟତର ମୁଢ଼ାପଦା ବରାହ ନୂଆପଡ଼ା ଏବଂ ଦାଣ୍ଡକୂଳ ତିଖିଲିଆ) ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି ତେଣୁ ତୁରନ୍ତ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଆରମ୍ଭ କରାଯାଉ। ଏହାସହ ଅଧିକାଂଶ ସ୍କୁଲ ଗୃହ, ଅଙ୍ଗନବାଡ଼ି ଘରଗୁଡ଼ିକ ବହୁ କ୍ଷତି ଘଟିଛି। ତେଣୁ ତାହାକୁ ତୁରନ୍ତ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି ବିଧାୟକ ଶ୍ରୀ ମଲ୍ଲିକ। ପ୍ରତ୍ୟେକ ବନ୍ୟାରେ ତେସିଙ୍ଗା ପଞ୍ଚାୟତର ବନସ୍ତାଠାରେ ନଦୀବନ୍ଧ ବାରମ୍ବାର ଧସୁଛି। ଏହାକୁ ବାରମ୍ବାର ତିଆରି କରାଯାଉଛି। କିନ୍ତୁ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ତେଣୁ ପ୍ରତ୍ୟେକ ବର୍ଷ ଏହି ସ୍ଥାନରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ତଦନ୍ତ କରାଯାଉ ଏବଂ କଣ୍ଟିଘାଇ ଏସ୍‌କେପର ଉଚ୍ଚତା ବୃଦ୍ଧି କରାଯାଉ। ଏହା ହେଲେ ଭଣ୍ଡାରିପୋଖରୀ, ଧାମନଗର, ତହିଡ଼ି, ଚାନ୍ଦବାଲିର ହଜାର ହଜାର ଲୋକ ବନ୍ୟା ଦାଉରୁ ରକ୍ଷା ପାଇବା ସହ ଧନଜୀବନ ନଷ୍ଟ ହେବାରୁ ବଞ୍ଚିତ ହେବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ମଲ୍ଲିକ ଦାବି ଜଣାଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଭଣ୍ଡାରିପୋଖରୀ ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବନ୍ତ ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ସରପଞ୍ଚ ପରମାନନ୍ଦ ନାୟକ, ସଞ୍ଜୀବ ପରିଡ଼ା, ଶରତଚନ୍ଦ୍ର ଜେନା, ନୃସିଂହ ନାଥ ପାଲ୍, ଦିବାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆରଡ଼ିରେ ବନ୍ୟା ସ୍ଥିତି ଅସମ୍ଭାଳ; ଭାଙ୍ଗିଲା ୧୫ ବର୍ଷର ରେକର୍ଡ

# ବନ୍ୟାବିପନ୍ନଙ୍କୁ ଭେଟିଲେ ବ୍ୟୋମକେଶ



ଆରଡ଼ି,୧।୮ (ସମିସ): ଚଳିତ ବୈତରଣୀ ଓ ସାଳନ୍ଦୀ ବନ୍ୟା ୨୦୧୧ରେ ହୋଇଥିବା ବନ୍ୟାର ରେକର୍ଡ ଭାଙ୍ଗିଛି। ଗତ ୧୫ ବର୍ଷ ଭିତରେ ଏତେ ବଡ଼ ବନ୍ୟା ଆରଡ଼ି ଅଞ୍ଚଳରେ ହୋଇ ନ ଥିଲା। ଏହି ବନ୍ୟା ଫଳରେ ୪ ପଞ୍ଚାୟତର ୨୪ ଗାଁର ହଜାର ହଜାର ସଂଖ୍ୟାର ଲୋକ ପ୍ରଭାବିତ ହୋଇଛନ୍ତି। ବିଶେଷ କରି ଆରଡ଼ି ପଞ୍ଚାୟତ ମୁଆଁ ଗାଁ ଅଧିକ ପ୍ରଭାବିତ ହୋଇଛି। ସିଂପୁର ଓ ମୁଆଁରେ ନଳକୂଅ ବୁଡ଼ିଯାଇଥିବାରୁ ପିଇବା ପାଣି ସମସ୍ୟା ଅଧିକ ହୋଇ ପଡ଼ିଛି। ସେହିପରି ସୁନ୍ଦରପୁର ପଞ୍ଚାୟତର ପାରିଡିହା ଗାଁରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଆରଡ଼ି-ନାନ୍ଦପୁର, ଆରଡ଼ି-ତିନତର, ମଠଡିହ-ପାରିଡିହା, ମଠଡିହ-ବୋଡ଼କ, ଆରଡ଼ି-ପାଲଟପୁର, ଆରଡ଼ି-ଭୂଇଁପୁର ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ବନ୍ୟା ମୁକାବିଲା କେବଳ ଫଟୋଉଠାରେ ସୀମିତ ଅଛି। ଆରଡ଼ି ପଞ୍ଚାୟତର କୌଣସି ଗାଁରେ ଅଦ୍ୟାବଧି ରନ୍ଧା ଖାଦ୍ୟ ଦିଆଯାଇ ନାହିଁ। ନାନ୍ଦପୁର ପଞ୍ଚାୟତ ପହଣାରେ ବି ସମାନ ଅବସ୍ଥା। କେବଳ ଶୁଖିଲା ଖାଦ୍ୟ ଦେଇ ପ୍ରଶାସନ ହାତଗୋଡ଼ ଯାକିକି ବସିଛି। ଗୋଖାଦ୍ୟ ଆଜି ପର୍ଯ୍ୟନ୍ତ ବି ପହଞ୍ଚିପାରିଲା ନାହିଁ। ବ୍ଲକ୍ ପ୍ରଶାସନ ପକ୍ଷରୁ ୪ ପଞ୍ଚାୟତରେ ଏ ପର୍ଯ୍ୟନ୍ତ ଜଣକୁ ବି ପାଲ ଯୋଗାଇ ଦିଆଯାଇନାହିଁ। ସରକାରଙ୍କ ଖାମଖିଆଲି ମନୋଭାବ ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ୪ ପଞ୍ଚାୟତର ବନ୍ୟାବିପନ୍ନଙ୍କୁ ଭେଟି ସେମାନଙ୍କର ଅସୁବିଧା ସମ୍ପର୍କରେ ବୁଝିଛନ୍ତି।

- ବୁଡ଼ିଛି ଅନେକ ରାସ୍ତା; ଯୋଗାଯୋଗ ବିଚ୍ଛିନ୍ନ
- ଫଟୋ ଉଠାରେ ସୀମିତ ପ୍ରଶାସନର ବନ୍ୟା ମୁକାବିଲା
- ମିଳିଲାନି ବୋଟ୍; ଡଙ୍ଗାରେ ବନ୍ୟାଞ୍ଚଳ ବୁଲିଲେ ବିଧାୟକ

ବିଧାୟକ ଡ. ରାୟ ଆରଡ଼ି ପଞ୍ଚାୟତର ମୁଆଁ, ସନ୍ତରା, ବାତୋଲ, ସିଂପୁର ସମେତ ନାନ୍ଦପୁର ପଞ୍ଚାୟତର ପହଣା, ଓଲଙ୍ଗ ପଞ୍ଚାୟତର ବୋଡ଼କ, ଷାଠିବାଙ୍କୁଡ଼ା, ସୁନ୍ଦରପୁର ପଞ୍ଚାୟତର ଦୋହରା, ସୁନ୍ଦରପୁର ଅଞ୍ଚଳର ବନ୍ୟାବିପନ୍ନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମାଧାନ ପାଇଁ ଚାନ୍ଦବାଲି ବିଡିଓ ଏବଂ ତହସିଲ୍‌ଦାରଙ୍କ ସହ ଆଲୋଚନା କରିଛନ୍ତି। ବୈତରଣୀରୁ ପାଣି କମିଥିଲେ ସୁଦ୍ଧା ତଳିଆ ଅଞ୍ଚଳରେ ଏବେ ବି ସ୍ଥିତି ଅସମ୍ଭାଳ ରହିଛି। ପରିସ୍ଥିତି ସ୍ୱାଭାବିକ ହେବାକୁ ଆହୁରି ୩ ଦିନ ଲାଗିବ। ଗୁରୁତ୍ୱପର୍ଣ୍ଣ କଥା, ଶନିବାର ବନ୍ୟାଞ୍ଚଳ ବୁଲିବାକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ବିଧାୟକ ଡ. ରାୟଙ୍କୁ ପାୱାର ବୋଟ୍ ଯୋଗାଇ ଦିଆଯାଇ ନ ଥିଲା। ଫଳରେ ସେ ଡଙ୍ଗାରେ ବନ୍ୟାଞ୍ଚଳ ଯିବାକୁ ବାଧ ହୋଇଥିଲେ। ଏହା ସରକାରଙ୍କ ହୀନମନ୍ୟତା ପଦାରେ ପକାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶନିବାର ବିଧାୟକଙ୍କ ବନ୍ୟାଞ୍ଚଳ ଗସ୍ତ ବେଳେ ୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ପୂର୍ବତନ ସରପଞ୍ଚ ସରୋଜ ଦାସ, ପୂର୍ବତନ ସରପଞ୍ଚ ଅରବିନ୍ଦ ପାଢ଼ୀ, ପୂର୍ବତନ ସମିତିସଭ୍ୟ ଗୟାଧର ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭଗବାନ ମାଝୀ, ସରପଞ୍ଚ ପ୍ରଫୁଲ୍ଲ ବେହେରା, ସମିତିସଭ୍ୟଙ୍କ ପ୍ରତିନିଧି ଅଜୟ ବିଶ୍ୱାଳ ଓ ସରପଞ୍ଚ ଅଭିମନ୍ୟୁ ଯେନା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟାରେ ବେହାଲ ବାରସରପୁର-ଗୋବିନ୍ଦପୁର

# ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିଲେ ବିଧାୟକ ବ୍ୟୋମକେଶ

ତିହିଡ଼ି/ଚାନ୍ଦବାଲି,୧।୮ (ସମିସ): ସୃଷ୍ଟି ହୋଇଥିବା ବନ୍ୟାରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ବାରସର ଓ ଗୋବିନ୍ଦପୁର ପଞ୍ଚାୟତ ପ୍ରଭାବିତ ହୋଇଛି। ଏହି ୨ଟି ପଞ୍ଚାୟତର ହଜାର ହଜାର ଲୋକ ପାଣିଘେରରେ ରହିଥିବାବେଳେ ଚାଷଜମି



ଜଳମଗ୍ନ ହୋଇ ରହିଛି। ବନ୍ୟା ପାଣିରେ ରାସ୍ତା ବୁଡ଼ିଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିପନ୍ନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବରପାଇ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ପଞ୍ଚାୟତର ବିପନ୍ନମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ବୁଝିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି ବଣ୍ଟନ କାର୍ଯ୍ୟରେ ବିଧାୟକ ଡ. ରାୟଙ୍କୁ ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ବାରସର ସମିତି ସଭାପତି ମାନସ ରଞ୍ଜନ ନାୟକ, ବିଜେଡି ନେତା ଦୀନବନ୍ଧୁ ମହାକୁଡ଼, ବିପିନ ରାଉତ, ଦିଲ୍ଲୀପ ମିଶ୍ର, ନୀଳମଣି ମାଝୀ, ଭଗବାନ ମାଝୀ, ବିଶ୍ୱଜିତ୍ ବାରିକ, ଅଭିମନ୍ୟୁ ରାଉତ, ଲମ୍ବୋଧର ମହାନ୍ତି ଓ ସୁଧାକର ଦାସଙ୍କ ସମେତ ଅନ୍ୟ ବିଜେଡି ନେତା ଓ କର୍ମୀ ସହଯୋଗ କରିଥିଲେ। ବନ୍ୟା ପରିଚାଳନାରେ ପ୍ରଶାସନ ଅବହେଳା କରିଛନ୍ତି। ଗୋଟେ ୱାର୍ଡକୁ ୫୦ କେଜି ଚୁଡ଼ା ଓ ୨ କେଜି ଗୁଡ଼ ଦିଆଯାଉଛି। ଯାହାକି ସମୁଦ୍ରକୁ ଶଙ୍ଖେ ପରି ହେଉଛି। ବିପନ୍ନଙ୍କୁ ସ୍ୱାସ୍ଥ୍ୟ ସେବା ମିଳୁନାହିଁ। ୨ ଜଣ ସାପ କାମୁଡ଼ା ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଗଲାନାହିଁ। ଯେଉଁଥିପାଇଁ ବନ୍ୟା ପାଣିରେ ଗ୍ରାମବାସୀ ସାପ କାମୁଡ଼ା ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ କାନ୍ଧରେ ବୋହି ନେଇଥିଲେ। ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା ନାହିଁ ବୋଲି ବିପନ୍ନମାନେ ବିଧାୟକ ଡ. ରାୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଧାୟକ ଡ. ରାୟ ପ୍ରଶାସନକୁ ଅବଗତ କରାଇ ସହାୟତା ପାଇବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବ୍ଲକ୍ କାର୍ଯ୍ୟାଳୟରେ ସାଂସଦଙ୍କ ବନ୍ୟା ସମୀକ୍ଷା



ବାରିକପୁର,୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ବନ୍ୟାଞ୍ଚଳକୁ ଶନିବାର ସାଂସଦ ଅଭିମନ୍ୟୁ ସେଠୀ ପରିଦର୍ଶନ କରିଛନ୍ତି। ପ୍ରଥମେ ସାନବନସ୍ତାଠାରେ ଧସିଥିବା ନଦୀବନ୍ଧକୁ ଦେଖିଥିବାବେଳେ ଏହାଦ୍ୱାରା ଯେମିତି ଭବିଷ୍ୟତରେ କୌଣସି କ୍ଷତି ନ ହୁଏ ସେନେଇ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଖୁଆପଦା ଆନିକଟ ଓ କଣ୍ଟି ଏସ୍‌କେପ୍ ପରିଦର୍ଶନ କରିବା ପରେ ବ୍ଲକ୍ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ ଦାସ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଇଂ. ପ୍ରୟାସକାନ୍ତି ସାମଲ, ଅକ୍ଷୟ ସାହୁ, ପ୍ରଣବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳଘେରରେ ଶହଶହ ପରିବାର



ବାସୁଦେବପୁର,୧।୮ (ସମିସ): କମିକମି ଆସୁଛି ବନ୍ୟା ପାଣି, ତଥାପି ଜଳବନ୍ଦିରେ ଶହଶହ ପରିବାର। ବଣ୍ଟନ ହେଉଛି ଶୁଖିଲା ଖାଦ୍ୟ। ବନ୍ୟାର ତାଣ୍ଡବ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ପଡ଼ିଥିବାବେଳେ ଶହଶହ ପରିବାର ଏବେ ବି ଜଳବନ୍ଦିରେ ରହିଛନ୍ତି। ବାସୁଦେବପୁର ବ୍ଲକ୍ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ଗ୍ରାମର ସୁନାମୁହିଁ, ଡାଙ୍ଗମାଳ, ବନ୍ଧସାହି, ଦାସଡିହ ଓ ଲୁଙ୍ଗା ପଞ୍ଚାୟତ ବଡ଼କିଆରି, ମଉଜୁଡିର ଶହଶହ ପରିବାର ଜଳଘେରରେ ଅଛନ୍ତି। ବରଣ୍ଡୁଆ ପଞ୍ଚାୟତ ରତାଙ୍ଗ, ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର, ନରସିଂହପୁର ପଞ୍ଚାୟତ ବଡ଼ଚନ୍ଦ୍ରଭାନୁପୁର ଓ କାଳିଦାସପୁର, ପୌରପାଳିକାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ବାସୁଦେବପୁର ବ୍ଲକ୍‌ର ବନ୍ୟା ପ୍ରଭାବିତ ଅଞ୍ଚଳର ଗୋରୁଗାଈ ଉପାସରେ ଦିନ କାଟୁଛନ୍ତି। ବନ୍ୟାର ୧୫ ଦିନ ପରେ ମଧ୍ୟ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀଙ୍କ ନିଦ ଭାଙ୍ଗୁନି। ବାରମ୍ବାର ଅଭିଯୋଗ ପରେ ଶନିବାର ମଧ୍ୟାହ୍ନରେ ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ସ୍କୁଲ ପାଖରେ ପହଞ୍ଚିଛନ୍ତି।

**ଜଳବନ୍ଦିଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ**

ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ଜଗନ୍ନାଥୀ, ଜଗନ୍ନାଥପୁର ପଞ୍ଚାୟତର ସାରଙ୍ଗପୁର ଓ ଚନ୍ଦନପୁର, ବରଣ୍ଡୁଆ ପଞ୍ଚାୟତର ରତାଙ୍ଗଠାରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। ବାସୁଦେବପୁର ବ୍ଲକ୍ ବିଡିଓ ତନ୍ମିତା କର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକସ୍ଥଳେ ଜଳଘେରରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବାକୁ ସରପଞ୍ଚଙ୍କୁ କହିଛନ୍ତି। ଜଗନ୍ନାଥପ୍ରସାଦ ପଞ୍ଚାୟତର ସୁନାମୁହିଁ, ଡାଙ୍ଗମାଳ ଗ୍ରାମର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯୁବନେତା ଉଦୟନାରାୟଣ ମଲ୍ଲିକ, ପୂର୍ବତନ ସରପଞ୍ଚ ଭାଗିରଥି ବଳ, ପ୍ରତାପ ସେନାପତି ଓ ଜଗନ୍ନାଥପ୍ରସାଦ ସରପଞ୍ଚ ବାସୁଦେବ କାଣ୍ଡି ଲୋକମାନଙ୍କ ସମସ୍ୟା ବୁଝିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍



ଭଦ୍ରକ,୧।୮ (ସମିସ): ଜିଲ୍ଲାରେ ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ଜିଲ୍ଲା କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। କଣ୍ଟ୍ରୋଲ ରୁମ୍‌ଟି ଦିନରାତି କାର୍ଯ୍ୟକ୍ଷମ ରହି ପରିସ୍ଥିତିର ନିରନ୍ତର ତଦାରଖ ଓ ଆବଶ୍ୟକ ସମନ୍ୱୟ କରିବ। ଏଠାରେ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଯୋଗାଣ ବିଭାଗ, ପୁଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଅଗ୍ନିଶମ ସେବାର ଅଧିକାରୀ ଓ କର୍ମଚାରୀମାନେ ୨୪ ଘଣ୍ଟା ଉପସ୍ଥିତ ରହି ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା, ଆବଶ୍ୟକ ସେବାର ନିରନ୍ତର ଯୋଗାଣ ଏବଂ ଜରୁରୀ ସହାୟତାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ସତର୍କ ଓ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# କଂଗ୍ରେସ ପକ୍ଷରୁ ରିଲିଫ୍ ବଣ୍ଟନ

ବାରିକପୁର,୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ କଂଗ୍ରେସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି। ଯୁବନେତା ବିବେକାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଦଳୀୟ ସ୍ୱେଚ୍ଛାସେବୀମାନେ ବନ୍ୟାଞ୍ଚଳରେ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ପଞ୍ଚାୟତର ଦାଣ୍ଡକୁଳ, ମୁଢ଼ାପଦା, ବାହାଣିଆ, ବିରୋଳି, ଚାଙ୍ଗୁଆ ପ୍ରମୁଖ ଗ୍ରାମରେ ଦଳ ପକ୍ଷରୁ ରିଲିଫ୍ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ବୈତରଣୀରେ ଏକ ବଡ଼ ଧରଣର ବନ୍ୟା ଆସିଥିବାବେଳେ କଣ୍ଟି ଏସ୍‌କେପ୍‌ରୁ ନିଷ୍କାସିତ ଜଳ ଦ୍ୱାରା ଏହିସବୁ ଅଞ୍ଚଳ ୭ଦିନ ଧରି ପାଣି ଘେରରେ ରହିଥିଲା। ତେଣୁ କଂଗ୍ରେସ ଦଳ ପକ୍ଷରୁ ଯୁବ ନେତୃତ୍ୱଙ୍କ ଦ୍ୱାରା ରିଲିଫ୍ ସେବା ଯୋଗାଇ ଦିଆଯାଇଛି।

# ସାଳନ୍ଦୀରେ ଲୀନ ହେବ ୯ ଗାଁ !

ବନ୍ତ/ଆଗରପଡ଼ା,୧।୮ (ସମିସ)



ଗତ କିଛିଦିନ ଲଘୁଚାପ ପ୍ରଭାବରେ ଲାଗି ରହିଥିବା ଲଗାଣ ବର୍ଷା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ତା'ର କରାଳ ରୂପ ଦେଖାଇ ଚାଲିଥିବାବେଳେ ଏଥିରୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ଆଗରପଡ଼ା ମଧ୍ୟ ବାଦ୍ ପଡ଼ିନି। ସାଳନ୍ଦୀ ନଦୀ ବନ୍ତ ବ୍ଲକ୍‌ର ଆଗରପଡ଼ା ଦେଇ ପ୍ରବାହିତ ହେଉଥିବାବେଳେ ଏହାର ଶାଖା ନଦୀଗୁଡ଼ିକ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହେଉଛି। ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେବା ଫଳରେ

- ରିଂ ବନ୍ଧ ନ ଥିବାରୁ କ୍ରମଶଃ ଗାଁ ପରିସୀମା ସଙ୍କୁଚିତ ହେଉଛି
- ସ୍ଥିତି ପରଖିଲେ ବିଧାୟକ ସଞ୍ଜୀବ ମଲ୍ଲିକ

ଓ ହଦଗଡ଼ ପାଣି ଛାଡ଼ିବା ଫଳରେ ବର୍ତ୍ତମାନ ସାଳନ୍ଦୀ ଫୁଲୁଛି ଓ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡ଼କୁ ମାଡ଼ି ଆସୁଛି। ସାଳନ୍ଦୀ ନଦୀର ବାରମ୍ବାର ଗତିପଥ ପରିବର୍ତ୍ତନ ସହ ରିଂ ବନ୍ଧ ନ ଥିବାରୁ କ୍ରମଶଃ ଗାଁ ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ଏହାରି ପ୍ରଭାବରେ ଅତଡ଼ା ଖସି ମାଟିଗୁଡ଼ିକ ଧୋଇଗଲାଣି। ସାଳନ୍ଦୀ କୂଳରେ ଥିବା ଶ୍ରୀରାମପୁର, ଗୋପିନାଥପୁର, କାଣ୍ଡବା, ସାହୁପଡ଼ା, ମାର୍କଣ୍ଡପୁର, ତାଜିପୁର, ମହାନ୍ତିପଡ଼ା, ହଳଦୀପହଣୀ, କାନପୁର ଆଦି ଗ୍ରାମ ମଧ୍ୟ ସାଳନ୍ଦୀରେ ଲୀନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହିପରି ପରିସ୍ଥିତି ସୃଷ୍ଟି ହେବାରେ ଲାଗିଥିବାରୁ ଶନିବାର ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ବିଭାଗୀୟ ଉପଖଣ୍ଡ ଅଧିକାରୀ ଦଶରଥ ମହନ୍ତ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ୍ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଯୁବ ନେତା ଦୀପକ ମହାନ୍ତି, ବ୍ରଜ ମହାନ୍ତି, ଲିଟୁ ଦାଶ ପ୍ରମୁଖଙ୍କ ସହିତ ଟିକିରା-ଶ୍ରୀରାମପୁରସ୍ଥିତ ବିଜୁ ସେତୁ ନିକଟସ୍ଥ ସାଳନ୍ଦୀ କୂଳର ସ୍ଥିତିକୁ ପରଖିଥିଲେ। ଆଗାମୀ ଦିନରେ ରିଂ ବନ୍ଧ ନିର୍ମାଣ ନ ହେଲେ ସାଳନ୍ଦୀ କୂଳରେ ଥିବା ୯ଟି ଗାଁ ସାଳନ୍ଦୀରେ ଲୀନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସନ୍ଦେହ ପ୍ରକାଶ କରି ଏହାର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀ ଏହାର ପ୍ରତିକାର ନିମନ୍ତେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବାର ଜଣାପଡ଼ିଛି।

ପ୍ରକାଶ ଥାଉ କି; ପ୍ରାକୃତିକ ବିପର୍ଯ୍ୟୟରୁ ପରିବେଶକୁ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟଣ ହୋଇପାରୁ ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ୨୦୦୨-୦୩ ଆର୍ଥିକ ବର୍ଷରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ତଥା ପୂର୍ବତନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜୁନଚରଣ ସେଠୀଙ୍କ ଉଦ୍ୟମ କ୍ରମେ ସାଳନ୍ଦୀ ସଂସ୍କାର ଯୋଜନାରେ ୧୦୨ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବାବେଳେ ୨୦୦୫-୦୬ ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଇଥିଲା। ଏହାର ଲକ୍ଷ୍ୟ ଥିଲା ସାଳନ୍ଦୀ ସଂସ୍କାର ଯୋଜନାରେ ପୋତି ହୋଇଯାଇଥିବା ନଦୀଗର୍ଭ ପୁନଃଉଦ୍ଧାର ଓ ସାଳନ୍ଦୀ ସଂଯୋଗୀକରଣ କରି ସାଳନ୍ଦୀ ନଦୀକୁ ସୁରକ୍ଷିତ ରଖିବା। ମାତ୍ର ଉକ୍ତ ଯୋଜନା ଅନୁଦାନ ରାଶି ଉପଯୁକ୍ତ ବିନିଯୋଗ ନ ହେବାରୁ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡ଼କୁ ମାଡ଼ି ଆସୁଛି। ଅପରପକ୍ଷରେ ସାଳନ୍ଦୀ ସଂସ୍କାର ଯୋଜନାର ସଫଳ ରୂପାୟଣ ହୋଇପାରି ନ ଥିବାବେଳେ ନଦୀପଠାରେ ବେଆଇନ ଭାବେ ଗଢ଼ି ଉଠୁଥିବା ଇଟାଭାଟି ଓ ବାଲି ଖନନ ମଧ୍ୟ ସାଳନ୍ଦୀ କୂଳ ଖାଇବାର ମୁଖ୍ୟ କାରଣ। ପ୍ରଶାସନ, ଖଣି ବିଭାଗ ଓ ପୁଲିସ୍ ଆଖିରେ ଆଙ୍ଗୁଠି ଗେଞ୍ଜି ଚାଲିଛି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ। ବିନା ଲିଜ୍‌ରେ ବାଲି ମାଫିଆ ସାଳନ୍ଦୀ ନଦୀଶଯ୍ୟାରୁ ବାଲି କୋରି ନେଉଛନ୍ତି। କୋ÷ଣସି ଲିଜ୍ ନ ଥିବା ସତ୍ତ୍ୱେ ବିଭିନ୍ନ ଗ୍ରାମରେ ଥିବା ବାଲିଘାଟରୁ ବେଧଡ଼କ ଭାବେ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି। ଏଥିପାଇଁ କୋ÷ଣସି ଟ୍ରାନ୍‌ଜିଟ୍ ପାସ୍‌ର ଆବଶ୍ୟକତା ପଡୁନି। ବାରମ୍ବାର ଖବର ପ୍ରକାଶ ସତ୍ତ୍ୱେ ବିଭାଗୀୟ ଅଧିକାରୀ ସହ ମାଫିଆଙ୍କ ସଲାସୁତରା ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି। ତେଣୁ ଆଗରପଡ଼ାବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ପାଳନ କରିବା ସହିତ ପ୍ରଶାସନିକ ଅଧିକାରୀ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ସକାଳ THE SAKALA



www.sakalaepaper.com

# ନିଶାଗ୍ରସ୍ତ ଯୁବଗୋଷ୍ଠୀଙ୍କ ଅପରାଧ ପ୍ରବଣତା ବଢୁଛି; ନାହିଁ ସଚେତନତା

ଯୋଡ଼ା, ୧।୮ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ୩ ନମ୍ବର ୱାର୍ଡ ବଡ଼ ପୁଲିଆ ନିକଟରେ ଘଟିଥିବା ଜଣେ ବ୍ୟବସାୟୀଙ୍କ ହତ୍ୟା ଘଟଣା ପରେ ସମଗ୍ର ଯୋଡ଼ା ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଓ ନିଶାସକ୍ତ ଯୁବଗୋଷ୍ଠୀଙ୍କ ବଢୁଥିବା ଅପରାଧ ପ୍ରବଣତାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଉଛି। ଘଟଣାରେ ଚାରିଜଣ ନାବାଳକଙ୍କୁ ଅଟକ ରଖି ପୁଲିସ ତଦନ୍ତ ଜାରି ରଖିଥିବା ବେଳେ, ସହରରେ ନିଶା କାରବାର ଓ ଯୁବପିଢ଼ିର ଅପରାଧମୁଖୀ ପ୍ରବୃତ୍ତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ସହରର କେତେକ ଅଞ୍ଚଳରେ ଦୀର୍ଘଦିନ ଧରି ନିଶାଦ୍ରବ୍ୟର ଅବାଧ କାରବାର ଚାଲିଥିବା ନେଇ ଅଭିଯୋଗ ରହିଛି। ଏହାର ପ୍ରଭାବରେ କିଛି ଯୁବକ ନିଷାଗ୍ରସ୍ତ ହୋଇ ଚୋରି, ମାରପିଟ, ଭୟଭୀତ କରିବା ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ହେଉଥିବା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ବିଶେଷକରି ସନ୍ଧ୍ୟା ଓ ରାତ୍ରି ସମୟରେ ବିଭିନ୍ନ ଗଳିକନ୍ଦି, ପରିତ୍ୟକ୍ତ ସ୍ଥାନ ଏବଂ ସହର ଉପକଣ୍ଠରେ ସନ୍ଦିଗ୍ଧ ଯୁବକଙ୍କ ଅବାଧ ଚଳପ୍ରଚଳ ଲୋକଙ୍କ ମନରେ ଅସୁରକ୍ଷିତ ପରିବେଶ ସୃଷ୍ଟି କରୁଥିବା ସେମାନେ କହିଛନ୍ତି।

ସାମାଜିକ କର୍ମୀମାନଙ୍କ ମତରେ, କେବଳ ଅପରାଧୀଙ୍କୁ ଗିରଫ କିମ୍ବା ଦଣ୍ଡ ଦେବା ଦ୍ୱାରା ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। କଠୋର ଦଣ୍ଡ ସହ ନିଷାସକ୍ତ ଯୁବକଙ୍କ ପାଇଁ ବୈଜ୍ଞାନିକ ନିଶାମୁକ୍ତି କାର୍ଯ୍ୟକ୍ରମ, ମନୋବୈଜ୍ଞାନିକ ପରାମର୍ଶ, ଦକ୍ଷତା ବିକାଶ ପ୍ରଶିକ୍ଷଣ, ନିଯୁକ୍ତିମୁଖୀ ସୁଯୋଗ ଏବଂ ପରିବାର ସ୍ତରରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଯୁବପିଢ଼ିକୁ ନିଶା କବଳରୁ ରକ୍ଷା କରିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ପ୍ରଶାସନର ସମନ୍ୱିତ ଉଦ୍ୟମ ଅତ୍ୟାବଶ୍ୟକ ବୋଲି ସେମାନେ ମତ ରଖିଛନ୍ତି। ଅନ୍ୟପକ୍ଷରେ, ସ୍ଥାନୀୟ ବାସିନ୍ଦାମାନେ ସହରରେ ନିଶାଦ୍ରବ୍ୟର ବେଆଇନ କାରବାର ବିରୋଧରେ ସ୍ୱତନ୍ତ୍ର ଅଭିଯାନ, ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ପୋଲିସ ପାଟ୍ରୋଲିଂ, ସିସିଟିଭି ନେଟୱର୍କର ସମ୍ପ୍ରସାରଣ, ରାତ୍ରିକାଳୀନ ଯାଞ୍ଚକୁ ଅଧିକ କଡ଼ାକଡ଼ି କରିବା ସହ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ନିରପେକ୍ଷ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବୁଦ୍ଧିଜୀବୀ ମହଲର ମତରେ, ଶିଳ୍ପାଞ୍ଚଳ ଭାବେ ପରିଚିତ ଯୋଡ଼ା ସହରରେ ଯଦି ନିଶା କାରବାର, ଅପରାଧ ପ୍ରବଣତା ଏବଂ ସାମାଜିକ ଅବକ୍ଷୟକୁ ସମୟ ଥାଉଥାଉ ନିୟନ୍ତ୍ରଣ କରାନଯାଏ, ତେବେ ଏହା କେବଳ ଆଇନଶୃଙ୍ଖଳା ପାଇଁ ନୁହେଁ, ବରଂ ସାମାଜିକ ସ୍ଥିରତା, ବ୍ୟବସାୟିକ ପରିବେଶ ଏବଂ ନୂତନ ପିଢ଼ିର ଭବିଷ୍ୟତ ପାଇଁ ମଧ୍ୟ ଗମ୍ଭୀର ଆହ୍ୱାନ ସୃଷ୍ଟି କରିପାରେ। ତେଣୁ ପ୍ରତିରୋଧମୂଳକ ପଦକ୍ଷେପ ସହ ଜନସହଭାଗିତାକୁ ଗୁରୁତ୍ୱ ଦେବାକୁ ସେମାନେ ମତ ପ୍ରକାଶ କରିଛନ୍ତି।

- ହାତୀପଲଙ୍କୁ ଚିଡ଼ାଇବା, ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

## ୫ ଜଣଙ୍କ ନାମରେ ମାମଲା ରୁଜୁ: ଦୁଇ ଗିରଫ

ତୁରୁମୁଙ୍ଗା, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସଦର ରେଞ୍ଜ ସୀମାନ୍ତ ପଦ୍ମପୁର ସଂରକ୍ଷିତ ଜଙ୍ଗଲର ଜାମୁନାଳିଆ ଗାଁ ନିକଟରେ ଶୁକ୍ରବାର ଏକ ୨୦ ଟିକିଆ ହାତୀପଲ ଡେରା ପକାଇଥିବା ସମୟରେ କିଛି ଅମାନିଆ ଯୁବକ ହାତୀପଲଙ୍କୁ ବିଚଳିତ କରୁଥିବା ସମୟରେ ବନ କର୍ମଚାରୀମାନେ ସେମାନଙ୍କୁ ବାରଣ କରିଥିଲେ। କିଛି ଯୁବକ ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟରେ ବାଧା ସୃଷ୍ଟି କରି ଆକ୍ରମଣ କରିଥିଲେ। ଆକ୍ରମଣରେ ବନ କର୍ମଚାରୀ ଆହତ ହୋଇଥିଲେ। ଏନେଇ ବନ ବିଭାଗ ପକ୍ଷରୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଏଏସ୍‌ଆଇ ସୁଜାତା ମହାନ୍ତ ଘଟଣା ତଦନ୍ତ କରୁଛନ୍ତି। ଏଥିସହ ହାତୀପଲଙ୍କୁ ବିଚଳିତ କରୁଥିବା ଅଭିଯୋଗରେ ବନ ବିଭାଗ ଦୁଇ ଜଣ ଯୁବକଙ୍କୁ ଉଠାଇ ନେଇ ଘଟଣାର ତଦନ୍ତ କରି ଶନିବାର ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକଦ୍ୱୟ ଚମ୍ପୁଆ ଥାନା ପାଞ୍ଚପୋଖରିଆ ଗ୍ରାମର ମିହିର ନାଏକ (୨୧) ଏବଂ ଯୋଡ଼ା ଥାନା କୁଦାପି ଗ୍ରାମର ବିଜୟ ମହାନ୍ତ (୨୨) ବୋଲି ସଦର ବନପାଳ ଯତୀନ୍ଦ୍ର ସାହୁ ସୂଚନା ଦେଇଛନ୍ତି।



ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ କିଆପଡ଼ା ନିକଟ ବୈତରଣୀ ନଦୀର ବନ୍ୟାଜଳରେ ଶନିବାର ମଧ୍ୟାହ୍ନରେ ହାତୀପଲଙ୍କ ଜଳକ୍ରୀଡ଼ା

## ସିଂଡୋଭ ଚେକ୍‌ଡ୍ୟାମ୍‌ରୁ ନିଷ୍କାସିତ ହେଉନି ପାଣି; ଚିନ୍ତାରେ ଚାଷୀକୁଳ

ଆନନ୍ଦପୁର,୧।୮ (ସମିସ): ଲଗାଣବର୍ଷାରେ ବିଭିନ୍ନ ସ୍ଥାନରେ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏବେ ଶତାଧିକ ଏକର ଧାନ ଚାଷ ଜମିରେ ପାଞ୍ଚ ଫୁଟ ଉପରେ ପାଣି ଜମି ରହିଛି। ଅପରିଣାମଦର୍ଶୀ ଭାବେ ଜଳସଂରକ୍ଷଣ ପାଇଁ ସିଂଡୋଭଠାରେ ନିର୍ମାଣ ହୋଇଥିବା ଦୁଇଟି ଚେକ୍‌ଡ୍ୟାମ ଯୋଗୁଁ ଏଭଳି ଗୁରୁତର ସମସ୍ୟା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆନନ୍ଦପୁର ତହସିଲ ଓ ହାଟଡିହି ତହସିଲରର ସିଂଡୋଭ, ଶିବନାରାୟଣପୁର, ବାଳକାଟି, ଦୁଡୁଗାଁ ମୋଚିନ୍ଦାଓ ଫକାରପୁର ପ୍ରଭୃତି ମୌଜାର ଶହ ଶହ ଏକର ଧାନ ଚାଷ ଜମି ବନ୍ୟା ଜଳ ରେ ବୁଡିରହିଛି। ଏହି ୬ଟି ପଞ୍ଚାୟତର ଜନସାଧାରଣ ମୁଖ୍ୟତଃ ଧାନ ଚାଷ ସହିତ ବର୍ଷସାରା ବିଭିନ୍ନ ପନିପରିବା ଚାଷ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ମଧ୍ୟ ଏହି ଧାନ ଚାଷୀଙ୍କ ଚାଷ ଜମିରେ ରୁଆ ପୋତା କାମ ସରିଥିବା ବେଳେଏବେ ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଏହି ଚାଷ



ଜମି ଗୁଡ଼ିକ ଉପରେ ଏପରିକି ପାଞ୍ଚ ଫୁଟ ଉପରେ ବର୍ଷା ପାଣି ଜମି ରହିଛି।ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ବର୍ଷା ଓ ବନ୍ୟା ଜଳଦୁଇ ତିନି ଦିନ ବ୍ୟବଧାନରେ ବୈତରଣୀ ନଦୀକୁ ଚାଲିଯାଉଥିଲା ମାତ୍ର ସ୍ଥାନୀୟ ଲୋକଙ୍କ ଜବରଦଖଲ ଯୋଗୁଁ କ୍ରମଶଃ ବର୍ଷା ଜଳଯାଉଥିବା ନାଳଗୁଡ଼ିକ ବନ୍ଦ ହୋଇଯାଇଛି। ଏହାସହିତ ଏହି ୬ଟି ପଞ୍ଚାୟତର ସବୁଠାରୁ ନିମ୍ନ ଅବବାହିକା ଅଞ୍ଚଳ ସିଂଡୋଭଠାରେ ଆନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବର୍ଷାଜଳ ସଂରକ୍ଷଣ ନାମରେ କରାଯାଇଥିବା ଦୁଇଟି ଚେକ୍ ଡ୍ୟାମ ଯୋଗୁଁ ଏଠାରୁ ଜଳ ନିଷ୍କାସନରେ ହୋଇ ନପାରି ମାସ ମାସ ଧରି ଚାଷ ଜମି ଗୁଡ଼ିକରେ ଜମି ରହୁଛି। ଫଳରେ ରୁଆଯାଇଥିବା ଧାନ ତଳିଗୁଡ଼ିକ ପଚିଯିବାର ଆଶଙ୍କା ଉପୁଜିଛି। ବର୍ତ୍ତମାନ ଏହି ଧାନ ରୁଆଯାଇଥିବା ଚାଷ ଜମିଗୁଡ଼ିକରେ ୪ ଫୁଟ ଉପରେ ବର୍ଷାଜଳ ଜମି ରହିଥିବା ଆକଳନ କରାଯାଇଥିବା ବେଳେ ଠିକ ସମୟରେ ଜଦି ଏହାକୁ ନିଷ୍କାସିତ କରା ନଯାଏ ତେବେ ଧାନ ଓ ପନି ପରିବା ଚାଷ କରିଥିବା ଚାଷୀ ମାନେ ମଧ୍ୟ ବହୁଳ ପରିମାଣରେ କ୍ଷତିଗ୍ରସ୍ତ ହେବେ। ଏଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳ ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି ଜଣାଇଛନ୍ତି।

## ଦୁଷ୍କର୍ମର ଶିକାର ନାବାଳିକା; ୭ ମାସର ଗର୍ଭବତୀ

ତୁରୁମୁଙ୍ଗା, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳରେ ଜଣେ ୧୭ବର୍ଷର ନାବଳିକାଙ୍କୁ ଏକୁଟିଆ ପାଇ ସେହି ଗ୍ରାମର ଜଣେ ୧୭ବର୍ଷର ନାବାଳକ ବଳାତ୍କାର କରିବା ପରେ ଏବେ ନାବାଳିକା ଜଣକ ୭ ମାସର ଗର୍ଭବତୀ ହେଇଥିବା ଜଣାପଡିଛି। ଏନେଇ ନାବାଳିକାଙ୍କ ମା' ପାଟଣା ଥାନାରେ ଅଭିଯୋଗ କରିବା ପରେ ପାଟଣା ପୁଲିସ ଉଭୟ ନାବାଳିକା ଓ ନାବାଳକଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲେ। ଉଭୟଙ୍କ ଡାକ୍ତରୀ ପରୀକ୍ଷା ଶନିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ କରାଯାଇ ଉଭୟଙ୍କୁ ଶନିବାର କେନ୍ଦୁଝର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛିବୋଲି ତଦନ୍ତ କାରୀ ଅଧିକାରୀ ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝି କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

## ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

ଆନନ୍ଦପୁର,୧।୮ (ସମିସ): ଆନନ୍ଦପୁର ପୌରପରିଷଦ ୧୧ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ତଥା ଫକୀରପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବୀରବର ମହାନ୍ତି (୮୬)ଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ଶୁକ୍ରବାର ରାତି ପ୍ରାୟ ୩ଟା ସମୟରେ ତାଙ୍କ ପରଲୋକ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ ଶିକ୍ଷକ ଭାବେ ବିଦ୍ୟାଳୟରେ ଜଣାଶୁଣା ଥିଲେ। ଅବସର ନେବା ପରେ ଆନନ୍ଦପୁର ପୌରପରିଷଦ ୧୧ ନଂ ୱାର୍ଡ଼ର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଯୁବନେତା ଦେବାଶିଷ ପାତ୍ର, ଦେବପ୍ରିୟ ପାତ୍ର କାଉନସିଲର ସୁରେନ୍ଦ୍ର ଦାସଙ୍କ ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁଅ ବିଭୂତି ଭୂଷଣ ମହାନ୍ତି, ବୋହୂ, ନାତିନାତୁଣୀ, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ବୈତରଣୀ ନଦୀକୂଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ବିଭୂତି ମୁଖାଗ୍ନି ଦେଇଥିଲେ।

## ପ୍ରଭାତ ସେନାପତି ସାରସ୍ୱତ ଡିଗ୍ରୀ କଲେଜର ନୂତନ ଅଧ୍ୟକ୍ଷ

କୁଆମରା, ୧।୮ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜର ନୂତନ ଅଧ୍ୟକ୍ଷ ଭାବେ ପ୍ରଧ୍ୟାପକ ପ୍ରଭାତ କୁମାର ସେନାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ଡଃ ସୁବଳ ଦାସ ୩୫ ବର୍ଷ ଧରି ଅଧ୍ୟକ୍ଷ ପଦରେ ରହି ସୂଚାରୁରୂପେ କାର୍ଯ୍ୟ ତୁଲାଇ ଆସିଥିଲେ। ଗତ ୩୧ ତାରିଖରେ ସେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବା ସହ କଲେଜର ରୂପରେଖ ବଦଳିଥିଲା। ଶ୍ରୀ ଦାସଙ୍କୁ ଆଜି କଲେଜ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।



ଅଧ୍ୟାପକ ଅଶ୍ୱନୀ କୁମାର ପ୍ରଧାନ, ଅବନୀ କୁମାର ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ବିଶ୍ୱନାଥ ବେହେରା, ଗୋପିନାଥ ପଣ୍ଡା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ନମିତା ପ୍ରଧାନ, ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଶ୍ରୀ ଦାସଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କଲେଜର ଭବିଷ୍ୟତ ଓ ଶିକ୍ଷା ଉପରେ ଅଧିକ ଦୃଷ୍ଟି ଦେବେ ବୋଲି ଶ୍ରୀ ସେନାପତି କହିଛନ୍ତି।

## ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ବଡ଼ସାହି,୧।୮ (ସମିସ): ବଡ଼ସାହି ନିର୍ବାଚନମଣ୍ଡଳୀରେ ପ୍ରକାଶ ମହାନ୍ତଙ୍କୁ ବିଜେପି ଯୁବ ସଂଗଠନର ଦାୟିତ୍ୱ ମିଳିଛି। ତାଙ୍କୁ ମୟୁରଭଞ୍ଜ (ପୂର୍ବ) ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେ ଦଳରେ ଯୁବ ସଂଗଠନକୁ ଅଧିକ ସୁଦୃଢ କରିବା ପାଇଁ ଉଦ୍ୟମ କରିବେ ଓ ଦଳକୁ ଆହୁରି ଆଗକୁ ଆଗେଇ ନେବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆଗାମୀ ନିର୍ବାଚନରେ ଏକ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟକର୍ତ୍ତା ଭାବେ ସେ କାମ କରିବେ ବୋଲି କରିବେ ବୋଲି ଦଳ ବିଶ୍ୱାସ କରି ଦାୟିତ୍ୱ ଦେଇଥିବା ଜଣାଯାଇଛି।



ପ୍ରକାଶ ମହାନ୍ତ ୨୦୧୭ରେ ବଡ଼ସାହି ମହାବିଦ୍ୟାଳୟରେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ ଓ କଲେଜ ପଢା ପରେ ବିଜେପି ସଂଗଠନରେ ଜଡିତ ହୋଇ ସଫଳତାର ସହିତ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏଥିପାଇଁ ସେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ଜିଲ୍ଲା ସଭାପତି ସୁରଜ ଲୋହାର, ବଡ଼ସାହି ମଣ୍ଡଳ ପ୍ରଭାରୀ ସୁବାସ ଦିବେଦୀ, ବଡ଼ସାହି ମଣ୍ଡଳ ସଭାପତି ଭବାନୀ ଶଙ୍କର ସାହୁ, ସାଧାରଣ ସମ୍ପାଦକ ଦୀପକ ବାରିକ, ଉପସଭାପତି ଅମୂଲ୍ୟ ପାଢ଼ୀ, ବରିଷ୍ଠ ରାଜନେତା ଦିଲ୍ଲୀପ ବିଶ୍ୱାଳ ପ୍ରମୁଖଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ


ବିଶୋଇ,୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ବଣକାଟି ପଞ୍ଚାୟତର ଗୋଲମୁଣ୍ଡା ଗ୍ରାମରେ ଅତ୍ୟନ୍ତ ଦୁଃଖଦ ଓ ମର୍ମନ୍ତୁଦ ଘଟଣା ଘଟିଯାଇଛି। ସାପ କାମୁଡ଼ାରେ ଜଣେ ନବବିବାହିତ ଯୁବକଙ୍କ ଅକାଳ ବିୟୋଗ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ଗୋଲମୁଣ୍ଡା ଗ୍ରାମର ଭୀମ ଟୁଡୁଙ୍କ ପୁତ୍ର ଶଙ୍କର ଟୁଡୁ (୩୪)। ଶଙ୍କର ଆଜି ନିଜ ବିଲରେ କାମ କରୁଥିବା ସମୟରେ ହଠାତ୍ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସର୍ପଘାତ ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସବୁଠୁ ହୃଦୟ ବିଦାରକ କଥା ହେଉଛି, ଶଙ୍କରଙ୍କ ବିବାହକୁ ମାତ୍ର ଏକମାସ ହୋଇଥିଲା। ନୂଆ ସଂସାର ଗଢ଼ିବା ପୂର୍ବରୁ ଏପରି ଅକାଳ ମୃତ୍ୟୁ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପକାଇଛି। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଗୋଲମୁଣ୍ଡା ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବଣକାଟି ସରପଞ୍ଚଙ୍କ ସ୍ୱାମୀ ନରେନ୍ଦ୍ର ମାରାଣ୍ଡି ଶୋକସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସହଯୋଗର ହାତ ବଢ଼ାଇଛନ୍ତି।

- ସରକାରୀ ଜାଗାରେ ନିର୍ମିତ ଘରେ ମଦୁଆଙ୍କ ଆଡ୍ଡା

## ବିଦେଶୀ ମଦ ଜବତ, ୪ ଅଟକ

ବାରିପଦା, ୧।୮ (ସମିସ): ବାଙ୍ଗିରିପୋଷି ଥାନା ଅଧୀନ ଚନ୍ଦନପୁର ଗ୍ରାମରେ ଏକ ସରକାରୀ ଜାଗାରେ ନିର୍ମିତ ଘରେ ଚୋରାମଦ କାରବାର ସହ ମଦ୍ୟପଙ୍କ ଆଡ୍ଡା ଗ୍ରାମବାସୀଙ୍କ ଅସନ୍ତୋଷର କାରଣ ସାଜିଛି। ସେମାନେ ଏ ନେଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିକଟରେ ଅଭିଯୋଗ କରିବା ପରେ ତାଙ୍କ ନିର୍ଦ୍ଦେଶରେ କୁଳିଅଣା ଅବକାରୀ ଥାନାଧିକାରୀ ଦିବ୍ୟଜ୍ୟୋତି ସତ୍ୟପ୍ରକାଶଙ୍କ ନେତୃତ୍ୱରେ ଅଚାନକ ଚଢ଼ଉ କରାଯାଇଥିଲା। ଘର ଭିତରୁ ୬ ଲିଟର ବିଦେଶୀ ମଦ ଜବତ କରିବା ସହିତ ଘର ଭିତରେ ଥିବା ରାହୁଲ କୁମାର ବେହେରା, ପ୍ରିୟବ୍ରତ ବେହେରା, ତାପସ ବେହେରା, ରଜତ ବେହେରାଙ୍କ ସମେତ ୪ ଜଣ ଯୁବକଙ୍କୁ ଉଠାଇ ଆଣି କୁଳିଅଣା ଅବକାରୀ ଥାନାରେ ଅଟକ ରଖିଥିଲେ। ପରବର୍ତ୍ତୀ ସମୟରେ ସମସ୍ତଙ୍କୁ ନୋଟିସ ଦେଇ ଛାଡ଼ି ଦିଆଯାଇଛି। ଉକ୍ତ ଘଟଣାରେ ଜଡିତ ମୁଖ୍ୟ ଅଭିଯୁକ୍ତ ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହୋଇଥିବାବେଳେ ଅଟକ ଥିବା ୪ ଜଣ ସେହି ଦଳର ସମର୍ଥକ। ରାଜନୈତିକ ଚାପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଅବକାରୀ ବିଭାଗର ଜଣେ କର୍ମଚାରୀ କହିବାନୁଯାୟୀ ଘରଟି ପ୍ରୀତମ ବେହେରାଙ୍କର ହୋଇଥିବାବେଳେ ତାଙ୍କର ଗୋଟିଏ ଟ୍ରାକ୍ଟର ଅଛି। ଟ୍ରାକ୍ଟର ଶ୍ରମିକମାନେ ଖାଇବା ପାଇଁ ମଦ ରଖିଥିଲେ ବୋଲି ପ୍ରୀତମ କହିଛନ୍ତି। ଏଣୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପର୍ଯ୍ୟାପ୍ତ ମଦ ନ ମିଳିବା ଓ ଚୋରା କାରବାର ପ୍ରମାଣ ଅଭାବରୁ ଅଟକ ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି। ପରବର୍ତ୍ତୀ ସମୟରେ ନିୟମିତ ଚଢ଼ଉ କରାଯିବ। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅରବିନ୍ଦ ପାଠ୍ୟଚକ୍ର ଓ ସୁମନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କରଞ୍ଜିଆ,୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆସ୍ଥ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଆଜି ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଅରବିନ୍ଦ ପାଠ୍ୟଚକ୍ର ଓ ସୁମନ (ସୁରକ୍ଷିତ ମାତୃ ଆଶ୍ୱାସନା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସୁମନ କୋ-ଅର୍ଡିନେଟର ଶ୍ରୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜ୍ୟ ସୁମନ ପାଠ୍ୟଚକ୍ରର ଆବାହକ ସୁକାନ୍ତି ଜେନା, ପାଠ୍ୟଚକ୍ରର ସହସଂଯୋଜିକା ଅନୁପମା ସାହୁ ଓ ମୟୂରଭଞ୍ଜ ଜିଲ୍ଲା ସୁମନ ସହସଂଯୋଜିକା ଜୟନ୍ତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା, ଖୁଣ୍ଟା ଓ କରଞ୍ଜିଆ ବ୍ଲକର ସୁମନ ଦିଦି ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରେ ସେମାନେ ନିଜ ନିଜ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କାର୍ଯ୍ୟରତ ହୋଇ ମାଆ ଓ ଶିଶୁ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଓ ସେବା କ୍ଷେତ୍ରରେ ନିଜର ଦାୟିତ୍ୱ ପାଳନ କରିବେ ବୋଲି ସୂଚନା ମିଳିଛି। ଭାରତ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା। ଏହା ମାଧ୍ୟମରେ ଗର୍ଭବତୀ ମହିଳାଙ୍କୁ ଗର୍ଭାବସ୍ଥାରେ ଉପଯୁକ୍ତ ପୌଷ୍ଟିକ ଖାଦ୍ୟ, ଔଷଧ ସେବନ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ନିଜର ଯତ୍ନ ଓ ସୁରକ୍ଷିତ ପ୍ରସବ ସମ୍ପର୍କିତ ସଚେତନତା ପ୍ରଦାନ କରାଯାଉଛି। ସେହିପରି ଜନ୍ମ ପରେ ଶିଶୁର ସ୍ୱାସ୍ଥ୍ୟ, ପୁଷ୍ଟିକର ଯତ୍ନ ଓ ସଠିକ୍ ବିକାଶ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ୩୦ଟି ଜିଲ୍ଲା ଓ ୩୧୪ଟି ବ୍ଲକରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେଉଛି। ଏ ପର୍ଯ୍ୟନ୍ତ ୧୪ଟି ବ୍ଲକରେ ପ୍ରଶିକ୍ଷଣ ସମ୍ପନ୍ନ ହୋଇଥିବାବେଳେ ୨୦୨୭ ସୁଦ୍ଧା ସମଗ୍ର ରାଜ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯିବ ବୋଲି ଓଡ଼ିଶା ସୁମନ କୋ-ଅର୍ଡିନେଟର ଶ୍ରୀଧର ବେହେରା ସୂଚନା ଦେଇଛନ୍ତି।

## ନାବାଳକର ଆତ୍ମହତ୍ୟା

କୁଆମରା,୧।୮ (ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ବଡ଼ଖୁଣ୍ଟା ଗ୍ରାମର ଆଜି ସକାଳେ ଜଣେ ୧୪ ବର୍ଷର ନାବାଳକ ବେକରେ ଗାମୁଛା ବାନ୍ଧି ଘର ମଧ୍ୟରେ ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳକ ଜଣକ ସ୍ୱର୍ଗତ ସଞ୍ଜୟ କୁମାର ବେହେରାଙ୍କ ପୁଅ ରାଜେଶ। ଆଜି ସକାଳେ ରାଜେଶଙ୍କ ମାଆ କୌଣସି କଥାକୁ ନେଇ ପୁଅକୁ ଗାଳିଗୁଲଜ କରିଥିଲେ। କିଛି ସମୟ ପାଇଁ ମାଆ ପଡ଼ିଶା ଘରକୁ ଯାଇଥିବାବେଳେ ରାଜେଶ ଘର ମଧ୍ୟରେ ଏଭଳି କାଣ୍ଡ କରିଥିଲେ। କିଛି ସମୟ ପରେ ମାଆ ଫେରି ଆସି ଘର ଭିତରକୁ ପଶିବା ବେଳକୁ ପୁଅ ବେକରେ ଗାମୁଛା ବାନ୍ଧି ଉପରେ ଝୁଲୁଥିବା ଦେଖି ପଡ଼ିଶା ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ରାଜେଶକୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

ରାଇରଙ୍ଗପୁର,୧।୮ (ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ନବାଗତ ଶିକ୍ଷାର୍ଥୀଙ୍କୁ ପୁରାତନ ଛାତ୍ରୀଙ୍କ ଦ୍ୱାରା ଚନ୍ଦନ ଟିକା ଓ ଫୁଲ ସହିତ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନ ଓ ଆବାହକ ବିଜୟ ରାମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଥମେ ଟିକା ଚନ୍ଦନ, ପରେ ପାୟଲ ବେହେରା ଓ ଟିମ ଦ୍ୱାରା ସ୍ୱାଗତ ସଂଗୀତ ପ୍ରସ୍ତୁତ କରାଯାଇଥିଲା। ବିଜୟ ରାମ ସ୍ୱାଗତ ଭାଷଣ ସହିତ ଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ସଚେତନତାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଂରାଜୀ ଅଧ୍ୟାପିକା ଅଭିପ୍ସିତା ଦାସଙ୍କ ସଂଗୀତ ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲା। ଅଧ୍ୟାପିକା ତିଲୋତ୍ତମା ଷଡଙ୍ଗୀ, ଯଶୋଧରା ମହାନ୍ତ, ଅନୀତା ସମଦ, ଡକ୍ଟର ରାଜେନ୍ଦ୍ର ମଣ୍ଡଳ, ରେଣୁକା ମହାନ୍ତ ତାଙ୍କର ବହୁମୂଲ୍ୟ ଉପଦେଶରେ ନବାଗତ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୁରାତନ ଛାତ୍ରୀଙ୍କ ମଧ୍ୟରୁ ପାୟଲ ବେହେରା, ଶ୍ରଦ୍ଧାଞ୍ଜଳି ବାରିକ, ପୁଦୁ ମୁର୍ମୁ, ସରୋଜିନୀ ଟୁଡୁ, ରଶ୍ମିତା ପାତ୍ର, ତନୀଷା ସେଠୀ ନବାଗତଙ୍କ ପାଁଇ ସ୍ୱାଗତ ଭାଷଣ ପ୍ରସ୍ତୁତ କରିଥିଲେ।




ନବାଗତଙ୍କ ମଧ୍ୟରୁ ଗାୟତ୍ରୀ ପାତ୍ର, ଶ୍ରୁତି ପାତ୍ର, ସୁଭଦ୍ରା ମୁଣ୍ଡାରୀ, ସୀତା ହାଁସଦାଙ୍କ ନୃତ୍ୟ ପ୍ରଶଂସିତ ହୋଇଥିଲା। ସସ୍ମିତା ସୋରେନ, ସୁଭଦ୍ରା ମୁଣ୍ଡାରୀ, ପୂଜା ପାଲ ଯୋଗ ଦେଇଥିଲେ। ଅଧ୍ୟାପିକା ରଞ୍ଜୁଲତା ନାୟକ, ପୁଷ୍ପଲତା ମୁର୍ମୁ, ଶ୍ୟାମସୁନ୍ଦର ମଣ୍ଡଳ, ଅମିତ ଗୋପାଳ,ଦୀପିକା ମହାରାଣା, ପ୍ରିୟଦର୍ଶିନୀ ବେହେରା, ହେନା ନାଜ, ବିଦ୍ୟାବତୀ ବେହେରା, ଗୁଞ୍ଜନ କନ୍ଧବେ, ଓମପ୍ରିୟା ମଣ୍ଡଳ, ଜିତେନ୍ଦ୍ର ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମିତ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଜ୍ଞା ପରିମିତା ନାୟକଙ୍କୁ ପିଏଚ୍‌.ଡି (Ph.D) ଡିଗ୍ରୀ ହାସଲ



ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ପୂର୍ବତନ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)ର ଅର୍ଥନୀତି ବିଭାଗର ଗବେଷିକା ପ୍ରଜ୍ଞା ପରିମିତା ନାୟକ ସମ୍ମାନଜନକ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଡ଼ ମିନତୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ AN ANALYSIS OF GROWTH AND PERFORMANCE OF MICRO, SMALL AND MEDIUM ENTERPRISES IN ODISHA ବିଷୟରେ ଗବେଷଣା କରୁଥିଲେ। ତାଙ୍କ ଲିଖିତ ଗବେଷଣା ସନ୍ଦର୍ଭଟି ଆଇଆଇଟି ଖଡ଼ଗପୁରର ଅର୍ଥନୀତି ପ୍ରଫେସର ଡଃ ଜିତେନ୍ଦ୍ର ମହାକୁଡ଼ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ମୃତ୍ୟୁଞ୍ଜୟ ମିଶ୍ର, ସମେତ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ୟୁଜିସି ନିୟମାବଳୀ ଅନୁଯାୟୀ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୨୫୦/ MSCBU/ PhD ତାରିଖ: ୨୦.୦୪.୨୦୨୬ ଅନୁସାରେ ତାଙ୍କୁ ଏହି ଡିଗ୍ରୀ ପାଇଁ ଯୋଗ୍ୟ ଘୋଷଣା କରାଯାଇଛି। ଆଗାମୀ ସମାବର୍ତ୍ତନ ଉତ୍ସବ (Convocation)ରେ ତାଙ୍କୁ ଆନୁଷ୍ଠାନିକ ଭାବେ ଏହି ଉପାଧି ପ୍ରଦାନ କରାଯିବ। ଡ଼ ପ୍ରଜ୍ଞା ପରିମିତା ନାୟକ, ତାଙ୍କ ଏହି ସଫଳତା ପାଇଁ ତାଙ୍କ ଗାଇଡ୍ ପ୍ରଫେସର ମିନତୀ ମଲ୍ଲିକ, ପଦାର୍ଥ ବିଜ୍ଞାନ ପ୍ରଫେସର ସୁସ୍ମିତା କର, ପ୍ରଫେସର କବିତା କୁମାରୀ ସାହୁ, ପ୍ରଫେସର ରବିନାରାୟଣ ପାତ୍ର, ଓ ବାରିପଦା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ତରୁଣ କୁମାର ଓଝାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ପ୍ରଜ୍ଞା ପରିମିତା, କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଶାନ୍ତ ନାୟକ ଓ ପ୍ରଣତି ନାୟକଙ୍କ ଜ୍ୟେଷ୍ଠ ପୁତ୍ରୀ ଅଟନ୍ତି। ଏବଂ ଧନେଶ୍ୱର ମଲ୍ଲିକ୍ ଓ ଛବିଲତା ମଲ୍ଲିକଙ୍କ ଏକମାତ୍ର ପୁତ୍ର ବଧୂ ଅଟନ୍ତି। ସ୍ୱର୍ଗତଃ କାଳନ୍ଦୀ ଚରଣ ନାୟକ ଓ ଜଞ୍ଜାଳି ନାୟକଙ୍କ ନାତୁଣୀ ଅଟନ୍ତି। ଏ କାର୍ଯ୍ୟରେ ବିଶେଷ ଭାବରେ ତାଙ୍କୁ ସହଯୋଗ କରିଥିବାରୁ ଓ ଏନ୍ ଜି ସି, ମୁମ୍ବାଇରେ କାର୍ଯ୍ୟରତ ସ୍ୱାମୀ ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ସହଯୋଗୀ କଳିଙ୍ଗ କଲେଜ ଅଫ କମର୍ସର ଅଧ୍ୟକ୍ଷ ରଜତ କୁମାର ମଲ୍ଲିକ ଓ ଡ. କାଶୀନାଥ ପତି ଏବଂ ପରିବାରବର୍ଗ ପ୍ରିୟଙ୍କା ନାୟକ, ପ୍ରାଚୀପ୍ରଭା ନାୟକ, ସଞ୍ଜୟ କୁମାର ଜେନା, ପ୍ରଭାତ କୁମାର ପହି, ପ୍ରମିଳା ପହି, ଶାଶ୍ୱତୀ ଶୁଭଦର୍ଶିନୀ ନାୟକ, ତଥା ଶୁଭାକାଂକ୍ଷୀ ସୁବ୍ରତ କୁମାର ଦାସ ଓ ଅନ୍ୟମାନଙ୍କ ସହଯୋଗ ଓ ପ୍ରେରଣାକୁ ଶ୍ରେୟ ଦେବା ସହ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବ୍ରିଟିଶ୍ ଅମଳର କନ୍ତୋ ଡାକବଙ୍ଗଳା ଏବେ ଜରାଜୀର୍ଣ୍ଣ

ଆନନ୍ଦପୁର, ୧।୮ (ସମିସ):

ନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କୋଳିମାଟି ପଞ୍ଚାୟତ କନ୍ତୋ ନିକଟରେ ଘଞ୍ଚ ଜଙ୍ଗଲ ମଧ୍ୟରେ ନିର୍ମାଣ ହୋଇଥିଲା ଡାକବଙ୍ଗଳା। ବ୍ରିଟିଶ ସରକାରଙ୍କ ବଡ଼ବଡ଼ ଅଧିକାରୀମାନେ ଏଠାରେ ବିଶ୍ରାମ ନେବା ସହିତ ରାତ୍ରିଯାପନ କରୁଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ଏହି ଡାକବଙ୍ଗଳା ଏବେ ଭାଙ୍ଗିରୁଜି ଜରାଜୀର୍ଣ୍ଣ ହୋଇଛି। ଏହା କେବଳ ସ୍ଥାନୀୟ ଲୋକଙ୍କ ପାଇଁ ସ୍ମୃତି ହୋଇ ରହିଯାଇଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ଡାକବଙ୍ଗଳାର ନବୀକରଣ ହେଉଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆ ନଯିବା ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟଥିତ କରିଛି।

ସୂଚନା ଅନୁସାରେ, ୧୯୦୦ରୁ ୧୯୦୫ ମଧ୍ୟରେ କେନ୍ଦୁଝର ଜିଲ୍ଲାର ରାମଚନ୍ଦ୍ରପୁର, ଘସିପୁରା, ମରେିଗାଁ, ଦେଓଗାଁ, କନ୍ତୋ, ଘଟଗାଁ, ଢେଙ୍କିକୋଟ, ଗୋପାଳପୁର, ରାଇସୁଆଁ, ପର୍ଶଳା, ପଳାଶପଙ୍ଗା, ଚମ୍ପୁଆ, ଯୋଡ଼ା, ବଡ଼ବିଲରେ ଡାକବଙ୍ଗଳା ନିର୍ମାଣ ହୋଇଥିଲା। ମୁଷଳ ନଦୀ କୂଳ କନ୍ତୋ ନିକଟରେ ନିର୍ମାଣ କରାଯାଇଥିବା ଡାକବଙ୍ଗଳାର ସ୍ୱାତନ୍ତ୍ର ରହିଥିଲା। ଏହା ଯାଜପୁର ଓ କେନ୍ଦୁଝରର ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବାରୁ ଏହି ସ୍ଥାନରେ ବ୍ରିଟିଶ ସରକାରଙ୍କ କ୍ୟାମ୍ପ ଲାଗୁଥିଲା। ଅଧିକାରୀମାନେ



ଏଠାରେ ରାତ୍ରିଯାପନ କରୁଥିଲେ। ଯାଜପୁରରୁ କେନ୍ଦୁଝର ପର୍ଯ୍ୟନ୍ତ ପଡ଼ିଥିବା ନାଳିମାଟି ସଡ଼କରେ ଘୋଡ଼ାରେ ଯିବା ସମୟରେ ଗୋରା ସାହେବମାନେ ଏଠାରେ ବିଶ୍ରାମ ନେଉଥିଲେ। ବ୍ରିଟିଶ ସରକାରଙ୍କ ଏକ କ୍ୟାଣ୍ଟନମେଣ୍ଟ (ସୁରକ୍ଷାବାହିନୀ) ମଧ୍ୟ ଏଠାରେ ରହୁଥିଲେ। ଯାହାର ସଂଖ୍ୟା ପାଖାପାଖି ୫୦ ଥିଲା। ଏହି କ୍ୟାଣ୍ଟେନମେଣ୍ଟ ଶବ୍ଦରୁ 'କନ୍ତୋ' ନାମ ସୃଷ୍ଟି ହୋଇଥିବା ଗବେଷକ ହଳଧର ପଣ୍ଡା କହିଛନ୍ତି। ପରବର୍ତ୍ତୀ ସମୟରେ ଏହି ଡାକବଙ୍ଗଳା ଆନନ୍ଦପୁର ପୂର୍ତ୍ତ ବିଭାଗ ଅଧୀନକୁ ଆସିଥିଲା। ୨୦୧୦ ପର୍ଯ୍ୟନ୍ତ ବଙ୍ଗଳାଟି ଠିକ୍‌ଠାକ୍ ରହିଥିଲା। ପରବର୍ତ୍ତୀ ସମୟରେ ଏହା ଭାଙ୍ଗିରୁଜି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବଙ୍ଗଳାରେ ଅନାବନା ଗଛଲତା ମାଡ଼ିଯାଇଛି।



# ଗଣେଶ ପୂଜାରେ 'ଦଣ୍ଡକାଳୀ'

ଗଣେଶ ପୂଜା ଅବସରରେ ପ୍ରେକ୍ଷାଳୟକୁ ଆସିବ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'। ରାଜଶ୍ରୀ ସିନେ କ୍ରାଫ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର। ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ। ତେବେ ସିନେମାର ବିଭିନ୍ନ ଚରିତ୍ରରେ ନଜର ଆସିବେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଉଷସୀ ମିଶ୍ର, କ୍ରିଷ୍ଣା କର, ଏଲି ପାଢ଼ି, ଚୌଧୁରୀ ଜୟପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ। ସେହିପରି ଶିଶୁ କଳାକାର ଭାବେ ହଂସରାଜ ଓ ଧ୍ରୁନଙ୍କୁ ଦେଖିବାକୁ ମିଳିବ। ଅନ୍ୟପଟେ ସିନେମାଟି ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ। ■






# ଖୁବ୍‌ଶୀଘ୍ର 'ବିଗ୍‌ବସ୍ ସିଜନ୍-୨୦'

ଟେଲିଭିଜନର ଲୋକପ୍ରିୟ ତଥା ବିବାଦୀୟ ରିଆଲିଟି ଶୋ' ହେଉଛି 'ବିଗ୍‌ବସ୍'। ତେବେ 'ବିଗ୍‌ବସ୍ ସିଜନ୍-୨୦' ଖୁବ୍‌ଶୀଘ୍ର ଆସିବାକୁ ଯାଉଛି। ଏହାରି ଭିତରେ ଶୋ'ର ନୂଆ ଲୋଗୋ ବି ଜାରି କରାଯାଇଛି। 'ବିଗ୍‌ବସ୍ ସିଜନ୍-୧୯'ର ସଫଳତା ପରେ ପୁଣି ଥରେ ସଲମାନ ନୂଆ ସିଜନ୍‌କୁ ହୋଷ୍ଟ କରିବେ। ଏକଥା ସାମ୍ନାକୁ ଆସିବା ପରେ ସଲମାନଙ୍କ ପ୍ରଶଂସକ ଉତ୍ସାହିତ ହୋଇ ପଡ଼ିଛନ୍ତି। ହିନ୍ଦୀ ବ୍ୟତୀତ ଏହି ଶୋ' ତାମିଲ, ତେଲୁଗୁ, ମରାଠି, ବଙ୍ଗଳା, ମଲାୟଲମ, କନ୍ନଡ଼ ଭଳି ୬ଟି ଭାଷାରେ ପ୍ରସାରିତ ହେବ। କୁହାଯାଉଛି ସେପ୍ଟେମ୍ବର ମାସରେ ବିଗ୍‌ବସ୍ ସିଜନ୍-୨୦ ଆରମ୍ଭ ହୋଇପାରେ। ■

# ମଣିରତ୍ନମ୍‌ଙ୍କ ସିନେମାରେ ସାଇ ପଲ୍ଲବୀ

ଲୋକପ୍ରିୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ଅଭିନୀତ 'ରାମାୟଣ' ସିନେମା ଏବେ ମୁକ୍ତିଲାଭ ଅପେକ୍ଷାରେ ଅଛି। ଏହାରି ଭିତରେ ଆଉ ଏକ ନୂଆ ସିନେମାରେ ସାଇ ପଲ୍ଲବୀ ନଜର ଆସିବା ଚର୍ଚ୍ଚା ହେଉଛି। ମଣିରତ୍ନମ୍‌ଙ୍କ ନୂଆ ସିନେମାରେ ତାଙ୍କୁ ଦେଖିବାକୁ ମିଳିବ। ଅବଶ୍ୟ ସିନେମାର ଶୀର୍ଷକ ସ୍ଥିର ହୋଇ ନାହିଁ। ତେବେ ଏହି ସିନେମାରେ ସାଇ ପଲ୍ଲବୀଙ୍କ ସହିତ ମୁଖ୍ୟ ଚରିତ୍ରରେ ବିଜୟ ସେତୁପତି ନଜର ଆସିବେ। ନିକଟରେ ଅଭିନେତା ସାମାଜିକ ଗଣମାଧ୍ୟମରେ କୋଲକାତା ଯାତ୍ରାର ଭିଡିଓ ସେୟାର୍ କରାଯାଇଥିଲା। ସେହିପରି ଦୁହେଁ ସିନେମାର ସୁଟିଂ ଆରମ୍ଭ କରିଥିବା କୁହାଯାଉଛି। ■



# ଟେଲିଭିଜନ୍ ପ୍ରିମିୟର 'ଡଟ୍‌ପେନ୍'

ଜୀ ସାର୍ଥକରେ ପ୍ରଥମ ଥର ପାଇଁ ଅଗଷ୍ଟ ୯ ତାରିଖ ସନ୍ଧ୍ୟା ୬ଟା ୩୦ରେ ସୁପରହିଟ ଓଡ଼ିଆ ଚଳଚ୍ଚିତ୍ର 'ଡଟ୍‌ପେନ୍'ର ଟେଲିଭିଜନ ପ୍ରିମିୟର ହେବ। ଚଳଚ୍ଚିତ୍ରଟି ସମାଜ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ ଦର୍ପଣ। ଏହା କେବଳ ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ହୁଏ ଶେଷ...ଏ କେମିତିକା ପ୍ରେମ? ଏହି ଚଳଚ୍ଚିତ୍ରର ମୂଳ କାହାଣୀ ବାଦଲ ତ୍ରିପାଠୀ (ଜ୍ୟୋତି ରଞ୍ଜନ ନାୟକ) ଏବଂ ତାଙ୍କର ଅତି ଗେହ୍ଲା ଭଉଣୀ ମିତା (ଦିବ୍ୟା)ଙ୍କ ପାରିବାରିକ ସମ୍ପର୍କ ଉପରେ ଆଧାରିତ। ବାଦଲର ସମଗ୍ର ଦୁନିଆ ତା'ର ଭଉଣୀକୁ କେନ୍ଦ୍ର କରି ଗଢ଼ି ଉଠିଛି। କିନ୍ତୁ ହଠାତ୍ ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେମାନଙ୍କ ଖୁସିର ସଂସାରକୁ ଉଜାଡ଼ି ଦିଏ। ଏହି ଭୟଙ୍କର ଆଘାତ ବାଦଲକୁ ଏକ ନୂଆ ରାସ୍ତା ବାଛିବାକୁ ବାଧ୍ୟ କରେ। ଯାହା ହେଉଛି ନ୍ୟାୟ ଏବଂ ପ୍ରତିଶୋଧର ରାସ୍ତା। ତା'ର ଏହି ସଂଘର୍ଷମୟ ଯାତ୍ରାରେ ଜଗୁ (ରୋହନ ଗର୍ଗ), ଯିଏ କି ମିତାର ସ୍ୱାମୀ ଓ ବାଦଲର ଭାଗ୍ୟକୁ ଏକ ନୂଆ ମୋଡ଼ ଦେଇଥାଏ। ଏଥିସହ ମୀରା (ପ୍ରୀତି ବିଶ୍ୱାଳ), ସନ୍ତୁ (ସନ୍ତୁ ନିଜେ), ମାମୁ (ଶକ୍ତି ବରାଳ) ଏବଂ ଜଗୁଙ୍କ ମା' (ପ୍ରିୟମ୍ବଦା ଅପା)ଙ୍କ ପରି ଚରିତ୍ରମାନେ ଏହି କାହାଣୀକୁ ଆହୁରି ମଜବୁତ ଓ ଜୀବନ୍ତ କରିଛନ୍ତି। ଫିଲ୍ମ ର ନାଁ 'ଡଟ୍‌ପେନ୍'? ଏହି ପେନ୍‌ର ଗୁରୁତ୍ୱ କ'ଣ, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସପେନ୍ସ। ଆଗରୁ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ଏହି ସୁନ୍ଦର ମିଶ୍ରଣ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲା ସିନେମା ହଲ୍‌ରେ। ଯେଉଁମାନେ ସିନେମା ହଲ୍‌ରେ ଏହି ଶ୍ରେଷ୍ଠ ଚଳଚ୍ଚିତ୍ରଟିକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଜୀ ସାର୍ଥକ ଏହି ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ■



ପରଦା ପଛର କାହାଣୀ

# ଗୀତ ପାଇଁ ଅନିଦ୍ରା ଅଭିନେତ୍ରୀ

ଅଶି ଦଶକର ଲୋକପ୍ରିୟ ଅଭିନେତ୍ରୀ ଭାବେ ଜୟପ୍ରଦା ବେଶ୍ ପରିଚିତ। କୋମଳତା, ଚମତ୍କାର ଅଭିନୟ ଏବଂ ନୃତ୍ୟଶୈଳୀରେ ସେ କୋଟି କୋଟି ଦର୍ଶକଙ୍କ ମନ ଜିଣିଥିଲେ। ସରଗମ୍, ସରାଫିଂ, ତୋଫାହ ଏବଂ ମକ୍‌ସଦ୍ ଭଳି ତାଙ୍କ ଅଭିନୀତ ଚରିତ୍ରଗୁଡ଼ିକକୁ ଦର୍ଶକେ ଖୁବ୍ ପ୍ରଶଂସା କରିଥିଲେ। ହେଲେ ୪୨ ବର୍ଷ ପୂର୍ବେ ତାଙ୍କର ଏକ ଗୀତ ଥିଲା। ଯାହା ସୁଟିଂ ପୂର୍ବରୁ ସେ ଚିନ୍ତାଗ୍ରସ୍ତ ହୋଇ ଅନିଦ୍ରା ଥିଲେ। ୧୯୮୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ଶରାବୀରେ 'ଦେ ଦେ ପ୍ୟାର୍ ଦେ' ଗୀତ ସୁଟିଂ ପୂର୍ବ ଦିନ ଜୟପ୍ରଦା ଅନିଦ୍ରା ରହିଥିଲେ। ଏହି ଗୀତରେ ଅମିତାଭ ବଚ୍ଚନ ଏବଂ ଜୟପ୍ରଦା ଦେଖାଯାଇଥିଲେ। ନିକଟରେ ଜୟପ୍ରଦା ଏହି ଗୀତ ସୁଟିଂ ସହ ଜଡ଼ିତ ରୋଚକୀୟ କାହାଣୀ ପ୍ରକାଶ କରିଛନ୍ତି। ଏହି ଗୀତ ସୁଟିଂର ଦିନକ ପୂର୍ବରୁ ନିର୍ଦ୍ଦେଶକ ପ୍ରକାଶ ମେହରା ତାଙ୍କୁ କଷ୍ଟ୍ୟୁମ୍ ପିନ୍ଧିବାକୁ ନେଇ ଡିମାଣ୍ଡ କରିଥିଲେ ଯେଉଁଥି ପାଇଁ ସେ ଅନିଦ୍ରା ରହିଥିଲେ। ନିର୍ଦ୍ଦେଶକ ତାଙ୍କୁ ଏହି ଗୀତରେ ସମ୍ପୂର୍ଣ୍ଣ ଆଧୁନିକ ପୋଷାକ ପିନ୍ଧିବା ସହ ଆକର୍ଷଣୀୟ ଦେଖାଯିବାକୁ କହିଥିଲେ। କାରଣ ଏହି ଗୀତଟି ହିଁ ଫିଲ୍ମର ଆତ୍ମା ଥିଲା। ଏହା ଶୁଣି ଜୟପ୍ରଦା ଚକିତ ହୋଇଥିଲେ। ଅଶି ଦଶକରେ ଦର୍ଶକଙ୍କ ସମ୍ମୁଖରେ ସେ ଶାଢ଼ି ଏବଂ ପାରମ୍ପରିକ ପୋଷାକ ପରିଧାନ କରୁଥିବା ଅଭିନେତ୍ରୀ ଭାବେ ପରିଚିତ ଥିଲେ। ଏପରିସ୍ଥଳେ ସିଧାସଳଖ ଆଧୁନିକ ଏବଂ ଆକର୍ଷଣୀୟ ମେକ୍‌ଅପ୍ ନେବା ତାଙ୍କ ପାଇଁ ସହଜ ନ ଥିଲା। ନିର୍ଦ୍ଦେଶକଙ୍କଠୁ ଶୁଣିବା ପରେ ଦର୍ଶକ ତାଙ୍କୁ ଏ ରୂପରେ ଗ୍ରହଣ କରିବେ କି ନାହିଁ ସେ ରାତିସାରା ଏହା ଭାଳି ହେଉଥିଲେ। ଏଥିସହ ଆଧୁନିକ ଆଉଟ୍‌ଫିଟ୍ ତାଙ୍କୁ ମାନିବ କି ନାହିଁ ସେ ନେଇ ମଧ୍ୟ ଖୁବ୍ ଚିନ୍ତାଗ୍ରସ୍ତ ଥିଲେ। ଗୀତ ଏବଂ ମ୍ୟୁଜିକ୍ ଏନର୍ଜେଟିକ୍ ଥିବାବେଳେ, ତାଙ୍କ ସାମ୍ନାରେ ଅମିତାଭ ବଚ୍ଚନଙ୍କ ଭଳି ସୁପରଷ୍ଟାର୍ ଥିଲେ। ତେଣୁ ତାଙ୍କ ଆଗରେ ଭଲ ପ୍ରଦର୍ଶନକୁ ନେଇ ତାଙ୍କ ଉପରେ ଚାପ ଥିଲା। ତେଣୁ ସେ ସୁଟିଂ ପୂର୍ବରାତିରେ ଶୋଇପାରି ନ ଥିଲେ। ■



ସାକ୍ଷାତକାର



# 'ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା'

**ରୋହନ ଗର୍ଗ, ଅଭିନେତା**

ପିଲାଦିନରୁ ଅଭିନେତା ହେବାକୁ ସେ ସ୍ୱପ୍ନ ଦେଖିଥିଲେ । ନିଜ ସ୍ୱପ୍ନ ପୂରା କରିବାକୁ ସେ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଲେ। ଅଡିସନ୍ ମାଧ୍ୟମରେ ନିଜ ଭାଗ୍ୟ ପରୀକ୍ଷା କରି ଓଲିଉଡ୍‌ରେ ପାଦ ଥାପିଲେ ବଲାଙ୍ଗିରର ରୋହନ ଗର୍ଗ। 'ଡଟ୍‌ପେନ୍' ତାଙ୍କର ଡେବ୍ୟୁ ସିନେମା। ଏଥିରେ ସେ ଏକ ସାଇକୋ ଚରିତ୍ରରେ ଅଭିନୟ କରଛନ୍ତି। ସେ କେବଳ ଜଣେ ଅଭିନେତା ନୁହଁନ୍ତି, ତାଙ୍କର ନିଜସ୍ୱ ବ୍ୟବସାୟ ରହିଛି। ତେବେ ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ରୋହନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

**ଓଲିଉଡ୍‌କୁ ଯାତ୍ରା କିପରି ଥିଲା?**

● ପିଲାଦିନରୁ ଅଭିନେତା ହେବାକୁ ମୋର ଇଚ୍ଛା ଥିଲା। ତେଣୁ ପଢ଼ା ସାରିବା ପରେ ମୁଁ ମୁମ୍ବାଇର ଏକ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଥିଲି। ଶିକ୍ଷାନୁଷ୍ଠାନରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛି। ସେହି ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିବାକୁ ମନ ବଳାଇଥିଲି। ଏଥିପାଇଁ ବିଭିନ୍ନ ସ୍ଥାନରେ ଅଡିସନ୍ ଦେଇଥିଲି। ତେବେ ଅଡିସନ୍‌ରେ ମୋର ଅଭିନୟ ଦେଖି ଅଶ୍ୱିନୀ ସାର୍ ମୋତେ 'ଡଟ୍‌ପେନ୍' ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। 'ଡଟ୍‌ପେନ୍' ମୋର ଡେବ୍ୟୁ ସିନେମା। ଏଥିରେ ମୁଁ ଏକ ସାଇକୋ ଚରିତ୍ରରେ ଅଭିନୟ କରିଛି। ଏହାବାଦ୍ ମୋ ଅଭିନୀତ ଆଉ କିଛି ପ୍ରୋଜେକ୍ଟ ପୋଷ୍ଟ ପ୍ରଡକ୍ସନରେ ଅଛି। ଆଶା କରୁଛି ଖୁବ୍ ଶୀଘ୍ର ଏହା ମଧ୍ୟ ରିଲିଜ୍ ହୋଇଯିବ।

**'ଡଟ୍‌ପେନ୍' ସିନେମାକୁ ଦର୍ଶକଙ୍କ ଭଲପାଇବା ମିଳିଛି?**

● ଏହା ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ଶେଷ ହୁଏ। ଫିଲ୍ମରେ ପେନ୍‌ର ଗୁରୁତ୍ୱ କ'ଣ ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସ୍‌ପେନ୍ସ। ଏଥିରେ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ସୁନ୍ଦର ମିଶ୍ରଣ ରହିଛି। ସିନେମାର ପ୍ରତିଟି ସିନ୍‌କୁ ନେଇ ଦର୍ଶକ ଯାହା କଳ୍ପନା କରୁଥିଲେ ସିନେମାରେ ତା'ର ଓଲଟା ଦୃଶ୍ୟ ଦେଖିବାକୁ ମିଳୁଥିଲା। ତେବେ ଥିଏଟରରେ ସିନେମା ଦେଖି ଦର୍ଶକ ଅଜସ୍ର ଭଲପାଇବା ଦେଇଥିଲେ। ଖୁବ୍‌ଶୀଘ୍ର ଟିଭି ପରଦାରେ ଦର୍ଶକ ଏହି ସିନେମା ଦେଖିବାକୁ ସୁଯୋଗ ପାଇବେ।

**ଅଭିନୟକୁ ଜୀବନ୍ତ କରିବାକୁ କେଉଁ କଥାକୁ ଗୁରୁତ୍ୱ ଦିଅନ୍ତି?**

● ପ୍ରତିଦିନ ଅଭିନୟ ଅଭ୍ୟାସ କରିବା, ନିଜ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ଆଣି ଚରିତ୍ରକୁ ସୁହାଇଲା ପରି ଅଭିନୟ କରିବା ଆଦି ଦିଗକୁ ଧ୍ୟାନ ଦେଲେ ଅଭିନୟ ଜୀବନ୍ତ ହୁଏ।

**ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?**

● ପ୍ରତ୍ୟେକ ସେଟ୍ ମୋତେ କିଛି ନୂଆ ନୂଆ କଥା ଶିଖାଇଛି। ହେଲେ ମୋ ଅନୁଭୂତିରୁ ଗୋଟେ କଥା କହିବି ଯେ 'ଡଟ୍‌ପେନ୍' ସିନେମା ସୁଟିଂ ପାଇଁ ପୂରା ଟିମ୍ ଢେଙ୍କାନାଳ ଏବଂ କାମାକ୍ଷାନଗରରେ ପ୍ରାୟ ୨୫ ଦିନ ରହିଥିଲୁ। ସେଠାକାର ଗାଁ ଲୋକଙ୍କ ସହିତ ମିଶିବା, ଖାଇବା, ବୁଲିବା, ଶୋଇବା, ସେମାନଙ୍କ ପରି ଚଳିବା ତଥା ସେମାନଙ୍କ ଜୀବନଶୈଳୀକୁ ଆଦରି ନେବା ମୋ ପାଇଁ ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ମୋ' ପରିବାର ସହିତ ବିଦେଶ ଭ୍ରମଣ କରିଥିଲି।

**ରୋହନଙ୍କ ଫିଟ୍‌ର ରାଜ୍?**

● ପ୍ରତିଦିନ ଜିମ୍ ଯାଏ। ସନ୍ତୁଳିତ ତଥା ଘରତିଆରି ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

● ସାଙ୍ଗସାଥିଙ୍କ ସହ ବୁଲିବାକୁ ପସନ୍ଦ କରେ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ମୋର ନିଜସ୍ୱ ବ୍ୟବସାୟ ରହିଛି। ଯେତେବେଳେ ଅଭିନୟ କରିବାକୁ ସୁଯୋଗ ମିଳେ, ସେତେବେଳେ ଅଭିନୟକୁ ଗୁରୁତ୍ୱ ଦିଏ। ଏହାସହିତ ବ୍ୟବସାୟକୁ ବି ସମୟ ଦେବାକୁ ପଡ଼ିଥାଏ।

**ଡ୍ରିମ୍ ରୋଲ?**

● ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି।

**ଅଭିନୟରେ ରୁଚି ରଖିଥିବା ଯୁବକଯୁବତୀଙ୍କୁ କ'ଣ କହିବେ?**

● ଫିଲ୍ମ ହେଉ କି ଧାରାବାହିକ, ଅଭିନୟ କରିବାକୁ ଆସିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପରିଶ୍ରମ କରନ୍ତୁ। କଳାକାର ହେବାକୁ ଅନେକ ପ୍ଲାଟଫର୍ମ ରହିଛି। ଯେଉଁଠି ଅଡିସନ୍ ଦିଆଯାଉଛି ସେଠାକୁ ଯିବା ଆବଶ୍ୟକ। ସୁବିଧା ନଥିଲେ ଭିଡିଓ ମାଧ୍ୟମରେ ଅଡିସନ୍ ଦେଇ ପାରିବେ। ସବୁବେଳେ ନୂଆ ନୂଆ କଥା ଜାଣିବାକୁ ଆଗ୍ରହ ରଖିବା ସହ ଜୀବନ୍ତ ଅଭିନୟ କରିବାକୁ ଗୁରୁତ୍ୱ ଦେଲେ, ଅଭିନୟ ଭଲ ହୋଇଥାଏ। ■

# ବକ୍ସିଂରେ ପ୍ରୀତି, ଯସ୍ମିନ୍‌ଙ୍କୁ ସ୍ୱର୍ଣ୍ଣ, ଯଦୁମଣିଙ୍କୁ ରୌପ୍ୟ


ପ୍ରୀତି ପାୱାର


ଯସ୍ମିନ୍ ଲାମ୍ବୋରିଆ

ଗ୍ଲାସ୍‌ଗୋ,୧।୮ (ଏଜେନ୍ସି):

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ବକ୍ସରମାନେ ଐତିହାସିକ ପ୍ରଦର୍ଶନ କରିଛନ୍ତି। ଏଠାରେ ୧୦ଟି କାଟେଗୋରୀରେ ବକ୍ସିଂ ପ୍ରତିଯୋଗିତା ଆୟୋଜିତ ହେଉଥିଲାବେଳେ ଭାରତ ସମସ୍ତ ୧୦ଟି ଯାକ କାଟେଗୋରୀରେ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ଏହା ମଧ୍ୟରୁ ଶନିବାର ଅନୁଷ୍ଠିତ ୩ଟି ଫାଇନାଲ ମଧ୍ୟରୁ ଦୁଇଟିରେ ପ୍ରୀତି ପାୱାର ଓ ଯସ୍ମିନ୍ ଲାମ୍ବୋରିଆ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ତୃତୀୟ ଫାଇନାଲରେ ଯଦୁମଣି ସିଂ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ଆଉ ୭ଟି ବିଭାଗରେ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପ୍ ଫାଇନାଲରେ ପ୍ରବୀଣ ଚିତ୍ରାଭେଲ ରୌପ୍ୟ ଓ ସେଲଭା ପ୍ରଭୁ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋ'ରେ ନୀରଜ ଚୋପ୍ରା ଓ ଯଶବୀର ସିଂ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଡେକାଥଲନ୍‌ରେ ତେଜସ୍ୱିନ୍ ଶଙ୍କର ପ୍ରଥମ ଭାରତୀୟ ଭାବେ କାଂସ୍ୟ ପଦକ ଜିତିଥିଲେ। ଫଳରେ ଚଳିତ ଆଥଲେଟିକ୍ସରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳି ନାହିଁ। ଅନ୍ୟ ପକ୍ଷରେ ପାରା ଆଥ୍‌ଲେଟିକ୍ସରେ ଆଜି ଖେଳାଯାଇଥିବା ପୁରୁଷ ଏଫ୍‌୫୭ ସଟ୍‌ପୁଟ୍‌ରେ ସୋମନ ରାଣା ଓ ଶୁଭମ ଜୁୟାଲ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଫଳରେ ଭାରତର ପଦକ ସଂଖ୍ୟା ୩୦ରେ ପହଞ୍ଚିଛି। ଏହା ମଧ୍ୟରେ ୮ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ରହିଛି।

## ଡବଲ୍ ସ୍ୱର୍ଣ୍ଣରୁ ବକ୍ସିଂରେ ପଦକ ଅଭିଯାନ

ରାଜ୍ୟଗୋଷ୍ଠୀ କ୍ରୀଡ଼ା

ବକ୍ସିଂରେ ରେକର୍ଡ ୧୦ଟି କାଟେଗୋରୀର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ପ୍ରତିଯୋଗୀମାନେ ହବଲ ସ୍ୱର୍ଣ୍ଣରୁ ପଦକ ଅଭିଯାନ ଆରମ୍ଭ କରିଥିଲେ। ଶନିବାର ଅପରାହ୍ଣରେ ପ୍ରଥମେ ଅନୁଷ୍ଠିତ ମହିଳା ୫୪ କେଜି ଫାଇନାଲରେ ପ୍ରୀତି ପାୱାର ୫-୦ରେ କାନାଡାର ସ୍କାର୍ଲେଟ ଡେଲଗାଡୋଙ୍କୁ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହାପରେ ମହିଳା ୫୭ କେଜି ଫାଇନାଲ୍‌ରେ ବିଶ୍ୱ ଚାମ୍ପିଅନ ଯସ୍ମିନ ଲାମ୍ବୋରିଆ ୫-୦ରେ ନର୍ଦର୍ନ୍ ଆୟର୍ଲାଣ୍ଡର ମିକାଏଲା ୱାଲ୍‌ଶଙ୍କୁ ହରାଇ ଦ୍ୱିତୀୟ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ପୁରୁଷ ବିଭାଗର ୫୫ କେଜି କାଟେଗୋରୀରେ ଅଷ୍ଟ୍ରେଲିଆର ଜାଇ ଡିକ୍ସନଙ୍କଠାରୁ ୫-୦ରେ ପରାଜିତ ହୋଇ ଯଦୁମଣି ରୌପ୍ୟ ପଦକ ପାଇଥିଲେ। ଖେଳାଯିବାକୁ ଥିବା ଆଉ ୭ଟି ବିଭାଗ ଫାଇନାଲ ମଧ୍ୟରୁ ମହିଳା ୫୧ କେଜିରେ ସାକ୍ଷୀ ଚୌଧୁରୀ-ଇଂଲଣ୍ଡର ରୁବି ହ୍ୱାଇଟ୍, ୬୦ କେଜିରେ ପ୍ରିୟା ଘାଙ୍ଘାସ୍-କାନାଡାର ବାଥାଉଲ ଅଲ ଅହମଦିଆ, ୭୦ କେଜିରେ ଅରୁନ୍ଧତି ଚୌଧୁରୀ-ଇଂଲଣ୍ଡର ଚାଂଟେଲୀ ରିଡ୍, ୭୫ କେଜିରେ ଲଭଲିନା ବୋରୋଗୋହାଁଇ-ଅଷ୍ଟ୍ରେଲିଆର ଏମା-ସ୍ୟୁ ଗ୍ରୀନ୍‌ଟ୍ରିଙ୍କ ମୁକାବିଲା ହେବ। ସେହିପରି ପୁରୁଷ ବିଭାଗ ୬୦ କେଜିରେ ସଚିନ ସିୱାଚ୍-ନାମିବ୍ୟାର ଟ୍ରାୟାଗେନ୍ ମର୍ଣ୍ଣିଂ ଏନ୍‌ଡିଭେଲୋ, ୮୦ କେଜିରେ ଅଙ୍କୁଶ ପାଙ୍ଘଲ-ଇଂଲଣ୍ଡର ଦିମେଜି ସିଟୁ ଓ ୯୦ରୁ ଊର୍ଦ୍ଧ୍ୱ କେଜିରେ ନରେନ୍ଦର ବନୱାଲ-ଇଂଲଣ୍ଡର ଦାମର ଥୋମାସଙ୍କ ସହ ମୁକାବିଲା ହେବ।

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା**

| ର୍ୟାଙ୍କ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ |
|---|---|---|---|---|---|
| ୧ | ଅଷ୍ଟ୍ରେଲିଆ | ୬୧ | ୩୫ | ୪୭ | ୧୪୩ |
| ୨ | ଇଂଲଣ୍ଡ | ୨୨ | ୩୭ | ୩୧ | ୯୦ |
| ୩ | କାନାଡା | ୧୮ | ୧୭ | ୨୧ | ୫୬ |
| ୪ | ସ୍କଟଲାଣ୍ଡ | ୧୦ | ୮ | ୧୬ | ୩୪ |
| ୫ | ନାଇଜେରିଆ | ୧୦ | ୬ | ୪ | ୨୦ |
| ୬ | ନ୍ୟୁଜିଲାଣ୍ଡ | ୯ | ୧୦ | ୮ | ୨୭ |
| ୭ | ଭାରତ | ୮ | ୧୫ | ୮ | ୩୧ |
| ୮ | ୱେଲ୍ସ | ୮ | ୭ | ୧୨ | ୨୭ |
| ୯ | ଦ.ଆଫ୍ରିକା | ୭ | ୯ | ୯ | ୨୫ |
| ୧୦ | ମାଲେସିଆ | ୭ | ୩ | ୩ | ୧୩ |

ବି.ଦ୍ର.: ପଦକ ତାଲିକାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ଦେଶ।

## ଟ୍ରିପଲ ଜମ୍ପ୍‌ରେ ଡବଲ୍ ପଦକ

ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପରେ ଭାରତ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଏଥିରେ ପ୍ରବୀଣ ଚିତ୍ରାଭେଲ ୧୬.୫୮ ମିଟର ଦୂରତାକୁ ଡେଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ଏବଂ ସେଲଭା ପ୍ରଭୁ ୧୬.୫୨ ମିଟରକୁ ଡେଇଁ କାଂସ୍ୟ ପଦକ ହାସଲ କରିଥିଲେ। ୧୬.୭୨ ମିଟରକୁ ଡେଇଁଥିବା ଜାମାଇକାର ଜୋର୍ଡାନ ସ୍କଟଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ମହିଳା ୧୦,୦୦୦ ମିଟର ରେସ୍ ୱାକ୍‌ରେ ପ୍ରିୟଙ୍କା ଗୋସ୍ୱାମୀ ଚତୁର୍ଥ ସ୍ଥାନ ଅଧିକାର କରି ନିରାଶ କରିଥିଲେ।

## ପୁରୁଷ ଡେକାଥଲନରେ ପ୍ରଥମ ପଦକ

ପୁରୁଷ ଡେକାଥଲନରେ ଭାରତର ତେଜସ୍ୱୀ ଶଙ୍କର ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ୧୦ଟି ଖେଳକୁ ନେଇ ଆୟୋଜିତ ହେଉଥିବା ଏହି ଇଭେଣ୍ଟରେ ସେ ୭୯୭୬ ପଏଣ୍ଟ ହାସଲ କରି ଏହି ସଫଳତା ପାଇଥିଲେ। ଡେକାଥଲନରେ ଜଣେ ଭାରତୀୟଙ୍କ ଲାଗି ଏହା ପ୍ରଥମ ପଦକ ହୋଇଥିଲା। ଏହାସହ ସେ ମଧ୍ୟ ପ୍ରଥମ ଆଥଲେଟ ଭାବେ ଦୁଇଟି ଭିନ୍ନ ଭିନ୍ନ ଇଭେଣ୍ଟରେ ପଦକ ଜିତିବାର ରେକର୍ଡ କରିଛନ୍ତି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ପୁରୁଷ ହାଇ ଜମ୍ପରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ପାରା ସଟ୍‌ପୁଟରେ ସୋନମଙ୍କୁ ସ୍ୱର୍ଣ୍ଣ, ଶୁଭମଙ୍କୁ ରୌପ୍ୟ



ଶନିବାର ଅନୁଷ୍ଠିତ ପାରା ଆଥଲେଟିକ୍ସ ପୁରୁଷ ସଟପୁଟ୍ ଏଫ୍‌୫୭ କାଟେଗୋରୀରେ ଭାରତକୁ ଐତିହାସିକ ସଫଳତା ମିଳିଛି। ଏଥିରେ ଭାଗ ନେଇଥିବା ଭାରତର ଦୁଇ ପ୍ରତିଯୋଗୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ସୋନମ ରଣା ୧୩.୪୦ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ତାଙ୍କ ପଛକୁ ଶୁଭମ ଜୁୟାଲ ୧୩.୨୮ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ତୃତୀୟ ଇଭେଣ୍ଟ ଯେଉଁଥିରେ ଭାରତୀୟମାନେ ୨ଟି ଲେଖାଏଁ ପଦକ ଜିତିବାରେ ସଫଳ ହୋଇଥିଲେ। ଅନ୍ୟ ଦୁଇଟି ହେଲା ଏଫ୍‌୫୭ ମହିଳା ସଟ୍‌ପୁଟ ଓ ଟି୪୭ ପୁରୁଷ ୧୦୦ ମିଟର ଦୌଡ଼। ଏହି ପଦକ ଜିତିବା ସହ ପାରାଆଥଲେଟିକ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଭାରତ ମୋଟ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ ୭ଟି ପଦକ ଜିତି ସର୍ବଶ୍ରେଷ୍ଠ ସଫଳତା ହାସଲ କରିଛି। ପୂର୍ବରୁ ଏହି ପ୍ରତିଯୋଗିତାର ୨୦ ବର୍ଷ ପରେ ଭାରତ ପାରା ଆଥଲେଟିକ୍ସରେ ପ୍ରଥମଥର ପଦକ ଜିତିବାରେ ସଫଳ ହୋଇଥିଲା।

## ନୀରଜ ରୌପ୍ୟରେ ସନ୍ତୁଷ୍ଟ, ଯଶବୀରଙ୍କୁ କାଂସ୍ୟ

ଗତକାଲି ରାତିରେ ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋରେ ଭାରତର କିଂବଦନ୍ତୀ ଆଥଲେଟ ନୀରଜ ଚୋପ୍ରା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ନୀରଜ ୮୫.୮୩ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦ୍ୱିତୀୟ ଆଟେମ୍ପଟରେ ନୀରଜଙ୍କୁ ଏହି ସଫଳତା ମିଳିଥିଲା। ଏହାପରେ ସେ ଆଉ ୪ଥର ଥ୍ରୋ କରିଥିଲେ ମଧ୍ୟ ଅଧିକ ଦୂରତାକୁ ଅତିକ୍ରମ କରିପାରି ନ ଥିଲେ। ଅନ୍ୟପକ୍ଷରେ ଯଶବୀର ସିଂ ଶେଷ ଆଟେମ୍ପଟ୍‌ରେ ୮୫.୪୧ ମିଟର ଦୂରତାକୁ ଫିଙ୍ଗି ସମସ୍ତଙ୍କୁ ଚମକାଇଦେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜାଭେଲିନ୍‌ରେ ଭାରତର ଦୁଇ ପ୍ରତିଯୋଗୀ ପଦକ ପାଇବାରେ ଏହା ପ୍ରଥମ ଘଟଣା। ତୃତୀୟ ଆଥଲେଟ ଭାବେ ଫାଇନାଲରେ ପ୍ରବେଶ କରିଥିବା ରୋହିତ ଯାଦବ ୮୧.୫୬ ମିଟରକୁ ଫିଙ୍ଗି ୭ମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥୀରାଗେ ୮୯.୬୭ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



**ସାଫ୍ ଚାମ୍ପିଅନସିପ୍**

## ନଭେମ୍ବର ୧୧ରେ ଭାରତ-ପାକିସ୍ତାନ ଲଢ଼େଇ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦକ୍ଷିଣ ଏସୀୟ ଫୁଟବଲ୍ ମହାସଂଘ (ସାଫ୍) ଆନୁକୂଲ୍ୟରେ ଆୟୋଜିତ ସାଫ୍ ଚାମ୍ପିଅନସିପ୍‌ର ଆଗାମୀ ସଂସ୍କରଣ ନଭେମ୍ବର ୪ରୁ ଢାକାରେ ଆରମ୍ଭ ହେବ। ଏଥିଲାଗି ଶନିବାର ଡ୍ର ଘୋଷଣା କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଫୁଟବଲ୍ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ସମେତ ପାକିସ୍ତାନ ଓ ମାଳଦୀପ୍ ରହିଛି। ସେହିଭଳି ଆୟୋଜକ ବାଂଲାଦେଶ, ଶ୍ରୀଲଙ୍କା ଓ ଭୁଟାନ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଭାରତ ଏହାର ପ୍ରଥମ ମ୍ୟାଚ୍ ନଭେମ୍ବର ୫ରେ ମାଳଦୀପ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୧୧ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ସାଫ୍ ଚାମ୍ପିଅନସିପ୍ ଇତିହାସରେ ଭାରତ ସବୁଠୁ ସଫଳତମ ଦଳ ରହିଛି। ଭାରତ ମୋଟ୍ ଉପରେ ୯ଥର ସାଫ୍ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ଉଲ୍ଲେଖଯୋଗ୍ୟ ଆଗାମୀ ସଂସ୍କରଣରେ ମୋଟ୍ ୭ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ନେପାଳ ଫୁଟବଲ ସଂଘକୁ ଫିଫା ବାସନ୍ଦ କରିବାରୁ ଏହି ଦଳ ଖେଳିବାରୁ ବଞ୍ଚିତ ହୋଇଥିଲା।

**ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ**

## ତିନି ଦିନିଆ ୱାର୍ମଅପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବ। ଏଥିପୂର୍ବରୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଓ ଘରୋଇ ଶ୍ରୀଲଙ୍କା ଏକାଦଶ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଅଗଷ୍ଟ ୭ରୁ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେବେ ଏହି ମ୍ୟାଚର କାର୍ଯ୍ୟସୂଚୀରେ ଏବେ ସାମାନ୍ୟ ପରିବର୍ତ୍ତନ ହୋଇଛି। କଲମ୍ବୋର ଏନସିସି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଅଭ୍ୟାସ ମ୍ୟାଚଟି ଚାରିଦିବସୀୟ ପରିବର୍ତ୍ତେ ୩ ଦିନିଆ ହେବ। ଅଗଷ୍ଟ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଏହା ଖେଳାଯିବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଅଭ୍ୟାସ ମ୍ୟାଚ୍‌ଟି ମଧ୍ୟ ସିଧା ପ୍ରସାରଣ କରାଯିବ। ଏହି ଟେଷ୍ଟ ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି।

## ଟୀରନ୍ଦାଜ କ୍ଷୀରୋଦ; ଓଙ୍କାରଙ୍କୁ ସଫଳତା

ଭୁବନେଶ୍ୱର, ୧।୮ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର କ୍ରୀଡା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡା ପ୍ରତିଭାର ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବୀ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ୧୯ ବର୍ଷରୁ କମ୍ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହ କ୍ଷିରୋଦ ଓ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଡୋଲା ଏବଂ ରାହୁଲ ବାନାର୍ଜୀ ସ୍ପୋର୍ଟସ୍ ଫାଉଣ୍ଡେସନ୍ ସହଭାଗିତାରେ ୨୦୧୮ରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ତୀରନ୍ଦାଜୀ ଏବଂ ଆଥଲେଟିକ୍ସରେ ବୃତ୍ତିଗତ କୋଚିଂ ପ୍ରଦାନ କରୁଛି। ଏହି ସଫଳତାକୁ ନେଇ ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା ବିଜନେସର ସି.ଇ.ଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "କ୍ଷିରୋଦଙ୍କର ସଫଳତା ଗ୍ରାମୀଣ ଭାରତର ଯୁବ ପ୍ରତିଭାମାନଙ୍କର ବିପୁଳ ସମ୍ଭାବନାକୁ ପ୍ରତିଫଳିତ କରିଥାଏ। ଆମର ତୃଣମୂଳସ୍ତରର କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ, ଯୁବକମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ମାଇଲଖୁଣ୍ଟ ପାଇଁ ଆମେ କ୍ଷିରୋଦ ଏବଂ ଓଙ୍କାରଙ୍କୁ ଅଭିନନ୍ଦନ ଜଣାଉଛୁ।"




## ଦୁଲୀପ୍ ଟ୍ରଫି: ପଟିଦାରଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ

**ଲକ୍ଷ୍ନୌ, ୧।୮ (ଏଜେନ୍ସି):** ବିସିସିଆଇ ଚଳିତ ଘରୋଇ କ୍ରିକେଟ୍ ସିଜନର ପ୍ରଥମ ଟୁର୍ଣ୍ଣାମେଣ୍ଟ ଦୁଲୀପ୍ ଟ୍ରଫି ଲାଗି ଶନିବାର ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳ ଦଳ ଘୋଷଣା କରାଯାଇଛି। ମଧ୍ୟପ୍ରଦେଶର ଷ୍ଟାର୍ ବ୍ୟାଟର ରଜତ ପଟିଦାରଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଉତ୍ତରପ୍ରଦେଶର ରିଙ୍କୁ ସିଂଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଗତ ସଂସ୍କରଣ ଫାଇନାଲରେ ଦକ୍ଷିଣାଞ୍ଚଳକୁ ହରାଇ କେନ୍ଦ୍ରାଞ୍ଚଳ ଚାମ୍ପିଅନ ହୋଇଥିଲା। ତେଣୁ ଏଥର କେନ୍ଦ୍ରାଞ୍ଚଳକୁ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅଗଷ୍ଟ ୩୦ ତାରିଖରୁ ସେମିଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବ। ଏଥିପୂର୍ବରୁ ଅଗଷ୍ଟ ୨୩ରୁ ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ପୂର୍ବାଞ୍ଚଳ ସହ ଉତ୍ତରପୂର୍ବାଞ୍ଚଳ ଏବଂ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ପରସ୍ପରକୁ ଭେଟିବେ।

**ଘୋଷିତ କେନ୍ଦ୍ରାଞ୍ଚଳ ଦଳ:** ରଜତ ପଟିଦାର (ଅଧିନାୟକ), ରିଙ୍କୁ ସିଂ (ଉପ-ଅଧିନାୟକ), ଆର୍ଯ୍ୟନ ଜୁୟଲ ଓ କୁନାଲ ସିଂ ରାଠୋଡ (ଉଭୟ ୱିକେଟକିପର), ସାରାଂଶ ଜୈନ, ଅମନ ମୋଖାଡ଼େ, କୁନାଲ ଚାଣ୍ଡେଲା, ଜୀଶାନ ଅନସାରୀ, ଆର୍ଯ୍ୟନ ପାଣ୍ଡେ, ଅର୍ଶଦ ଖାନ, ଆୟୁଷ ପାଣ୍ଡେ, ଯଶ ରାଠୋଡ, ହର୍ଷ ଦୁବେ, ଯଶ ଠାକୁର ଓ ନଚିକେତ ଭୁତେ।

## ସାନାଙ୍କ ସହ ଆଲିଙ୍ଗନ କରି ଚର୍ଚ୍ଚାରେ ଜେମିମା

**ସାଉଥାମ୍ପଟନ, ୧।୮ (ଏଜେନ୍ସି):** ଅପରେସନ ସିନ୍ଦୁର ପରେ ରାଜନୈତିକ ଉତ୍ତେଜନା ଲାଗି ଭାରତ ଓ ପାକିସ୍ତାନ ଖେଳାଳିମାନେ ବିଭିନ୍ନ କ୍ରୀଡ଼ାରେ ପରସ୍ପର ସହ ହାତ ମିଳାଇବାରୁ ନିବୃତ୍ତ ରହୁଛନ୍ତି। କିନ୍ତୁ ଇଂଲଣ୍ଡରେ ଚାଲିଥିବା 'ଦି ହଣ୍ଡ୍ରେଡ' ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଭାରତୀୟ ମହିଳା କ୍ରିକେଟ ଦଳର ପ୍ରମୁଖ ଖେଳାଳି ଜେମିମା ରୋଡ୍ରିଗ୍ସ ଓ ପାକିସ୍ତାନର ଫାତିମା ସାନା ପରସ୍ପର ଆଲିଙ୍ଗନ କରି ଚର୍ଚ୍ଚାକୁ ଆସିଛନ୍ତି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ରିପୋର୍ଟ ଅନୁଯାୟୀ ସଦର୍ନ ବ୍ରେଭ ଓ ବର୍ମିଂହାମ ଫୋଏନିକ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏହି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଜେମିମା ସଦର୍ନ ବ୍ରେଭ ପକ୍ଷରୁ ଏବଂ ସାନା ବର୍ମିଂହାମ ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ମ୍ୟାଚରେ ସଦର୍ନ ଦଳ ବିଜୟୀ ହେବାପରେ ଦୁଇ ଦଳର ଖେଳାଳି ପଡ଼ିଆ ମଧ୍ୟରେ ପରସ୍ପର ସହ ହାତ ମିଳାଇଥିଲେ। ଏହି ସମୟରେ ଜେମିମା ଓ ସାନା ପରସ୍ପର କେବଳ ହାତ ମିଳାଇ ନଥିଲେ, ବରଂ ଆଲିଙ୍ଗନ ମଧ୍ୟ କରିଥିଲେ। ଏହି ଘଟଣାକୁ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ମିଳିଛି। ରାଜନୀତିକୁ ଖେଳଠାରୁ ଦୂରରେ ରଖିବା ଉଚିତ ବୋଲି ଅନେକ ଲୋକ ମନ୍ତବ୍ୟ ଦେଇଛନ୍ତି।




## ତାଇପେଇ ଓପନ୍ ଫାଇନାଲରେ ତନଭୀ



ତାଇପେଇ ସିଟି, ୧।୮ (ଏଜେନ୍ସି): ଉଦୀୟମାନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଏଠାରେ ଚାଲିଥିବା ତାଇପେଇ ଓପନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ତନଭୀ ୨୧-୧୭, ୨୧-୧୧ ସିଧାସଳଖ ଗେମରେ ଘରୋଇ ଖେଳାଳି ତଥା ୫ମ ସିଡ୍ ହୁଆଙ୍ଗ ୟୁ-ସୁନଙ୍କୁ ପରାସ୍ତ କରିଥିଲେ। ମାତ୍ର ୩୩ ମିନିଟରେ ତନଭୀ ଏହି ମ୍ୟାଚକୁ ଜିତିନେଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ତନଭୀଙ୍କ ମୁକାବିଲା ଭିଏତ୍‌ନାମର ଗୁୟେନ ଥୁ ଲିନଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଗୁୟେନ ୨୧-୧୫, ୨୧-୧୮ ଗେମରେ ଭାରତର ଉନ୍ନତି ହୁଦାଙ୍କୁ ହରାଇଥିଲେ। ତନଭୀଙ୍କ କ୍ୟାରିୟରର ଏହା ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ସୁପର୍ ୩୦୦ ଫାଇନାଲ। ଏଥିପୂର୍ବରୁ ଗତବର୍ଷ ସେ ୟୁଏସ୍ ଓପନରେ ରନର୍ସଅପ୍ ହୋଇଥିଲେ।

**ସର୍ବଭାରତୀୟ ଜୁନିଅର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

## ବାଳିକାରେ ପାରୁଲ, ବାଳକରେ ଚାନ୍ଦ୍ ଚାମ୍ପିଅନ

ଭୁବନେଶ୍ୱର,୧।୮ (ସମିସ):

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ 'ସଟଲ' ଚାଲିଥିବା ସର୍ବଭାରତୀୟ ଜୁନିଅର ର୍ୟାଙ୍କିଙ୍ଗ ବ୍ୟାଡମିଂଟନ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ଏକକ ବିଭାଗରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କୁ ୨-୦ରେ ହରାଇ ରାଜସ୍ଥାନର ପାରୁଲ ଚୌଧୁରୀ ଏବଂ ବାଳକ ଏକକ ଫାଇନାଲରେ ତେଲଙ୍ଗାନାର ଟି. ଜ୍ଞାନଦତ୍ତଙ୍କୁ ୨-୧ ସେଟ୍‌ରେ ହରାଇ ଉତ୍ତରାଞ୍ଚଳର ନିଶ୍ଚଳ ଚାନ୍ଦ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ବ୍ୟତୀତ ମିଶ୍ରିତ ଯୁଗଳ ଫାଇନାଲରେ ଛତିଶଗଡ଼ର ଦିବ୍ୟାନାସ ଅଗରୱାଲ- ତାମିଲନାଡୁର ଭାମା ପ୍ରଭୁଆନନ୍ଦ, ବାଳିକା ଯୁଗଳ ଫାଇନାଲରେ ଉତ୍ତରାଖଣ୍ଡର ଆନ୍ୟା ବିଷ୍ଟ- ଆଞ୍ଜେଲ ପୁନେରା ଓ ବାଳକ ବିଭାଗ ଯୁଗଳରେ କେରଳ-ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ-ଯୋଗନ୍ସ ସିଂଙ୍କ ଯୋଡି ଟାଇଟଲ କବ୍‌ଜା କରିଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଯେଦୁଲା ବିଜୟ ମୁଖ୍ୟ ଅତିଥି, ଅଶୋକ କୁମାର ପଣ୍ଡା, ଅମିତ ନାୟକ, ସୁଧାକର ନାୟକ, ବିଭୁଦା ଗଡନାୟକ ଓ ଆୟୋଜକ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନୀଳିନ କୁମାର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ପଛରେ ଉପସଭାପତି ପ୍ରଦୀପ ପଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ, କମଳ ଦାସ ଓ ସୁରୁଲାଲ ମଟାରୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS